RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-91 •WEDNESDAY •24 SEPTEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୯୧ •ବୁଧବାର •୨୪ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




'ଫୌଜି'ରେ ଅଭିଷେକ
▶ପୃଷ୍ଠା ୧୧ ଦେଖନ୍ତୁ...

## ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା/

# ଗୃହରେ ବିରୋଧ, ବାହାରେ ବିକ୍ଷୋଭ

## ବିଧାନସଭା ଅଚଳ

■ **ଭୁବନେଶ୍ୱର, ୨୩।୯ (ସମିସ):** କ୍ରମାଗତ ଚତୁର୍ଥ ଦିନ ପାଇଁ ଅଚଳ ହୋଇଛି ବିଧାନସଭା। ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇଥିବାରୁ ଏହାର ପ୍ରତିବାଦରେ ବିଜେଡି ସଦସ୍ୟ ମଙ୍ଗଳବାର ପ୍ରବଳ ହଟ୍ଟଗୋଳ କରିଛନ୍ତି। ପ୍ଲାକାର୍ଡ ଓ ପୋଷ୍ଟର ପ୍ରଦର୍ଶନ ସହ ରାଜ୍ୟ ସରକାର ରାଜ୍ୟର ପଞ୍ଚାୟତିରାଜ ବ୍ୟବସ୍ଥାର ତଣ୍ଟି ଚିପିଥିବା ସ୍ଲୋଗାନ ଦେଇ ଗୃହ କମ୍ପାଇଛନ୍ତି। ସେହିପରି କଂଗ୍ରେସ ବିଧାୟକମାନେ ମଧ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରତିବାଦ କରିଛନ୍ତି। ପ୍ରଥମାର୍ଦ୍ଧ ମାତ୍ର ୨୦ ମିନିଟ ଚାଲିଥିବା ବେଳେ ଅପରାହ୍ନରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଦିନତମାମ ଉଭୟ ବିରୋଧୀ ଗୃହକାର୍ଯ୍ୟରେ ଭାଗ ନେଇ ନ ଥିବା ବେଳେ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ବିନା ଆଲୋଚନାରେ ଗୃହୀତ ହୋଇଛି ।



### ବିନା ବିରୋଧୀରେ ବିଶ୍ୱବିଦ୍ୟାଳୟ ବିଧେୟକ ଗୃହୀତ

ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡିର ବିଧାୟକମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟ ସରକାର ହତ୍ୟା କରୁଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାକୁ କୁଠାରଘାତ ଚଳିବ ନାହିଁ, ବିଜେପି ସରକାର ହାଏ ହାଏ ନାରାରେ ଗୃହ କମ୍ପାଇଥିଲେ ବିଜେଡି ସଦସ୍ୟ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ଗୃହ ଅଚଳାବସ୍ଥା ପାଇଁ ବିଜେଡି-ବିଜେପିକୁ ଦାୟୀ କରିଥିଲେ। ବିରୋଧୀଙ୍କ ପ୍ରବଳ ହୋ ହଲ୍ଲା ମଧ୍ୟରେ ତିନୋଟି ତାରକା ପ୍ରଶ୍ନର ଆଲୋଚନା ମଧ୍ୟ ହୋଇଥିଲା। ପ୍ରଶ୍ନକାଳରେ ଗୃହ ମାତ୍ର ୨୦ ମିନିଟ ଚାଲିବା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ସମାନ ପ୍ରସଙ୍ଗକୁ ନେଇ ବିଧାନସଭାରେ ନାରାବାଜି କରିଥିଲା। ଅପରପକ୍ଷେ ▶ପୃଷ୍ଠା-୧୦

## ସରକାରଙ୍କ ବିରୋଧରେ ପୁଣି ଅନାସ୍ଥା | ଖାରଜ କଲେ ବାଚସ୍ପତି, କଂଗ୍ରେସର ତୀବ୍ର ପ୍ରତିବାଦ

■ **ଭୁବନେଶ୍ୱର, ୨୩।୯ (ସମିସ):** ସୋମବାର କଂଗ୍ରେସର ଅନାସ୍ଥା ନୋଟିସ୍ ବାଚସ୍ପତି ଅଗ୍ରାହ୍ୟ ହେବା ପରେ ମଙ୍ଗଳବାର ପୁଣି ସରକାରଙ୍କ ବିରୋଧରେ ଅନାସ୍ଥା ଆଣିଛି କଂଗ୍ରେସ। ଦଳ ପକ୍ଷରୁ ଏହି ନୋଟିସ ବାଚସ୍ପତିଙ୍କୁ ପ୍ରଦାନ କରାଯାଇଛି। ମାତ୍ର ୬ ମାସ ମଧ୍ୟ ଗୋଟିଏ ରାଜନୈତିକ ଦଳ ଦୁଇଥର ଅନାସ୍ଥା ଆଣିପାରିବ ନାହିଁ ବୋଲି ଦର୍ଶାଇ ବାଚସ୍ପତି ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଏହାର ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗରେ ହୋ ହାଲ୍ଲା କରିବା ସହ କକ୍ଷତ୍ୟାଗ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ତରଫରୁ ବିଧାନସଭା ସଚିବଙ୍କ ଜରିଆରେ ସରକାରଙ୍କ ବିରୋଧରେ ଅନାସ୍ଥା ନୋଟିସ୍ ସେ ପାଇଥିବା ଅପରାହ୍ନ ଅଧିବେଶନରେ ବାଚସ୍ପତି ଗୃହରେ ସୂଚନା ଦେଇଥିଲେ। ଗତ ୧୮ ତାରିଖରେ କଂଗ୍ରେସ ଦଳ ଅନାସ୍ଥା ନୋଟିସ୍ ଆଣିଥିଲା ଓ ଏହା ଅଗ୍ରାହ୍ୟ ହୋଇଥିଲା। ତେଣୁ ଆସନ୍ତା ୬ ମାସ ମଧ୍ୟରେ ଦଳ ପକ୍ଷରୁ ଆଉ ଅନାସ୍ଥା ଆଗତ ହୋଇ ପାରିବ ନାହିଁ ବୋଲି ବାଚସ୍ପତି ଉଲ୍ଲେଖ କରି ଏହି ନୋଟିସକୁ ଅଗ୍ରାହ୍ୟ କରି ଦେଇଥିଲେ।

ଅନ୍ୟପଟେ କଂଗ୍ରେସ ସଦସ୍ୟମାନେ ଗୃହରେ ନାରୀ ସୁରକ୍ଷା, ସାର, ମହିଳା ହିଂସା ଓ ଛାତ୍ର ସଂସଦ ଆଦି ବିଷୟରେ ବିସ୍ତୃତ ଆଲୋଚନା ପାଇଁ ଦାବି କରିଥିଲେ। ଏହି ଦାବିରେ ▶ପୃଷ୍ଠା-୧୦



# ଗାନ୍ଧୀମାର୍ଗରେ ଗର୍ଜିଲା ବିଜେଡି

## ବିଧାନସଭା ଘେରିଲେ ହଜାର ହଜାର କର୍ମୀ

■ **ଭୁବନେଶ୍ୱର, ୨୩।୯ (ସମିସ):** ସମ୍ବିଧାନରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କର ସର୍ବାଧିକ କ୍ଷମତା ରହିଛି। ମାତ୍ର ରାଜ୍ୟରେ ବିଜେପି ସରକାର ଗଣତନ୍ତ୍ରର ତଣ୍ଟି ଚିପି ହତ୍ୟା କରିଛି। ଉଦ୍ଦେଶ୍ୟମୂଳକ ଭାବେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇ ବାବୁମାନଙ୍କୁ ବଳିୟାନ କରାଯାଇଛି। ଏହାର ପ୍ରତିବାଦରେ ଲୋୟର ପିଏମ୍‌ଜିରେ ବିଜେଡି ଦେଇଛି ରଣହୁଙ୍କାର। ହଜାର ହଜାର ଦଳୀୟ କର୍ମୀ ବିଧାନସଭା ଘେରାଉ କରି ସରକାରଙ୍କ ବିରୋଧରେ ଗର୍ଜନ କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି ଗଣତାନ୍ତ୍ରିକ ନିଷ୍ପତ୍ତି କୌଣସି ମତେ ଗ୍ରହଣୀୟ ନୁହେଁ ଓ ଏହା ବିରୋଧରେ ବିଜେଡି ନିଜର ପ୍ରତିବାଦ ଜାରି ରଖିବ ବୋଲି ବିଜେଡି ନେତାମାନେ ଘୋଷଣା କରିଛନ୍ତି। ଦଳ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ଦଳର ବରିଷ୍ଠ ନେତାମାନେ ୧୫ ମାସରେ ରାଜ୍ୟ ବିଜେପି ସରକାରର ବିଫଳତାକୁ ଗୋଟିଗୋଟି ଲୋକଙ୍କ ସାମ୍ନାରେ ▶ପୃଷ୍ଠା-୧୦




## ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା କରୁଛନ୍ତି ସରକାର

# ରାଜଧାନୀରେ ରଣହୁଙ୍କାର














ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଦାଦା ସାହେବ ଫାଲକେ ସମ୍ମାନ ଗ୍ରହଣ କରୁଛନ୍ତି ମୋହନଲାଲ । ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି ଶାହରୁଖ ଖାନ, ରାଣୀ ମୁଖାର୍ଜୀ ଓ ବିକ୍ରାନ୍ତ ମେସି ।

## ୨୩ ମାସ ପରେ ଜେଲ୍‌ରୁ ମୁକୁଳିଲେ ଆଜମ ଖାନ୍

ରାମପୁର, ୨୩।୯(ଏଜେନ୍ସି): ଉତ୍ତରପ୍ରଦେଶ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସମାଜବାଦୀ ପାର୍ଟି ନେତା ଆଜମ ଖାନ୍ ୨୩ ମାସ ପରେ ମଙ୍ଗଳବାର ଦ୍ୱିପ୍ରହରରେ ସୀତାପୁର ଜେଲ୍‌ରୁ ଛାଡ଼ ପାଇଛନ୍ତି । ୫ ଦିନ ପୂର୍ବରୁ ଆହ୍ଲାବାଦ ହାଇକୋର୍ଟ ତାଙ୍କୁ ଜାମିନ ଦେଇଥିଲେ । ତାଙ୍କ ବିରୋଧରେ ଅନ୍ତିମ ମାମଲାରେ ହିଁ ଜାମିନ ମିଳିଥିଲା । ଜାମିନ ମିଳିବା ପରେ ହିଁ ପୁଲିସ ତାଙ୍କ ନାମରେ କେତୋଟି ମାମଲାରେ ନୂଆ ଧାରା ଯୋଡିଛି । କିନ୍ତୁ ଗତ ୨୦ ତାରିଖରେ ରାମପୁର କୋର୍ଟ ଏହି ଧାରାଗୁଡିକୁ ଖାରଜ କରିଥିଲେ । ଫଳରେ ଜେଲ୍‌ରୁ ସେ ମୁକ୍ତ ହେବାର ରାସ୍ତା ସଫା ହୋଇଥିଲା । ଆଜମଙ୍କ ବିରୋଧରେ ୧୦୪ଟି ମାମଲା ରୁଜୁ ହୋଇଛି । ସେ କାର୍ ଆଗ ସିଟ୍‌ରେ ବସି ଜେଲ ବାହାରକୁ ଆସିଥିଲେ । ଦୁଇ ପୁଅ ଆଦିବ ଓ ଅବଦୁଲ୍ଲା ତାଙ୍କୁ ନେବାକୁ ଆସିଥିଲେ । ୧୦୦ଟି ଗାଡ଼ି ସହ ଆଜମଙ୍କୁ ନେଇ ଦୁଇ ପୁଅ ରାମପୁର ଯାତ୍ରା କରିଥିଲେ । ତାଙ୍କୁ ସକାଳ ୯ଟାରେ ଜେଲ୍‌ରୁ ଛଡ଼ା ଯାଇଥାନ୍ତା । କିନ୍ତୁ ଗୋଟିଏ ମାମଲାରେ ତାଙ୍କୁ ୬ ହଜାର ଟଙ୍କା ଜରିମାନା ଦେବାର ଥିଲା । ୧୦ଟାରେ କୋର୍ଟ ଖୋଲିବା ପରେ ଜରିମାନା ଦିଆଯାଇଥିଲା । ଫଳରେ ସେ ୧୨.୩୦ରେ ଜେଲ୍‌ରୁ ଛାଡ଼ ପାଇଥିଲେ । ଦୁଇ ପୁଅଙ୍କ ସମେତ ୪୦୦ କାର୍ଯ୍ୟକର୍ତ୍ତା ତାଙ୍କୁ ନେବାକୁ ଜେଲ୍ ନିକଟରେ ପହଞ୍ଚିଥିଲେ ।

## କାର୍- ଟ୍ୟାଙ୍କର ଧକ୍କା; ୫ ଜିଅନ୍ତା ଜଳିଗଲେ

ଅଲିଗଡ଼, ୨୩।୯(ଏଜେନ୍ସି): ଉତ୍ତରପ୍ରଦେଶର ଅଲିଗଡ଼ର ଜାତୀୟ ରାଜପଥରେ ମଙ୍ଗଳବାର ସକାଳେ ୫ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ ଜଣ ସାଙ୍ଗଙ୍କ ସମେତ ୫ ଜଣ ଜିଅନ୍ତା ଜଳିଯାଇ ପ୍ରାଣ ହରାଇଛନ୍ତି । ଅକରାବାଦ ଥାନା ଅଞ୍ଚଳରେ ଏକ କାର୍ ଓ ଟ୍ୟାଙ୍କର ମଧ୍ୟରେ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା । ଘଣ୍ଟାପ୍ରତି ୧୦୦ କିମି ବେଗରେ ଯାଉଥିବା ଏକ ସିଏନ୍‌ଜି କାରର ଟାୟାର ଅଚାନକ ଫାଟି ଯାଇଥିଲା । ଫଳରେ ନିୟନ୍ତ୍ରଣ ହରାଇ ଏହି କାର ଡିଭାଇଡରରେ ବାଡେଇ ହୋଇ ଦ୍ୱିତୀୟ ସଡ଼କରେ ଯାଉଥିବା ଏକ ଟ୍ୟାଙ୍କରକୁ ଧକ୍କା ଦେଇଥିଲା ଓ ଏକ ବଡ଼ ବିସ୍ଫୋରଣ ହୋଇଥିଲା । ଫଳରେ ଦୁଇଟି ଗାଡ଼ି ନିଆଁରେ ଜଳି ଯାଇଥିଲା । କାର୍‌ରେ ୫ ଜଣ ଲୋକ ବସିଥିଲେ । କାର୍‌ରେ ବସିଥିବା ୪ ଲୋକ ଓ କ୍ୟାଣ୍ଟର ଡ୍ରାଇଭର ଜିଆନ୍ତା ଜଳିଯାଇଥିଲେ । ତେବେ କାର ଚଳାଉଥିବା ଯୁବକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ପାଇ ପୁଲିସ ଓ ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲେ । ୨୦-୨୫ ମିନିଟ୍‌ରେ ନିଆଁ ଲିଭାଯାଇଥିଲା । ଏହା ପରେ ପୁଲିସ ଶବ ବଦଳରେ କେବଳ କଙ୍କାଳ ଦେଖିବାକୁ ପାଇଥିଲା । ମୃତକଙ୍କ ମଧ୍ୟରେ ଦୁଇଜଣ ସମ୍ପର୍କୀୟ ଭାଇଥିଲେ ।

## ୩ ମହଲା କୋଠା ଭୁଶୁଡି: ୩ ମୃତ, ୧୨ ଆହତ

ଇନ୍ଦୋର, ୨୩।୯(ଏଜେନ୍ସି): ମଧ୍ୟପ୍ରଦେଶର ଇନ୍ଦୋର ସହରରେ ସୋମବାର ରାତି ୯ଟାରେ ଏକ ୩ ମହଲା କୋଠା ଭୁଶୁଡି ପଡ଼ିଛି । ଏଥିରେ ଜଣେ ଯୁବତୀଙ୍କ ସମେତ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ୧୨ ଜଣ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଏମାନଙ୍କ ମଧ୍ୟରେ ଜଣେ ୩ ମାସର ଶିଶୁ ରହିଛି । ଏହି କୋଠାରେ ୪ଟି ପରିବାର ରହୁଥିଲେ । କିନ୍ତୁ ଘଟଣା ସମୟରେ ୯ ଜଣ ସେମାନଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ । କିନ୍ତୁ ଏବେ ମଧ୍ୟ ତଳେ ୧୪ ଜଣ ଲୋକ ଦବି ରହିଛନ୍ତି ବୋଲି ଆଶଙ୍କା କରାଯାଉଛି । ଏହି କୋଠା ପାଖାପାଖି ୧୦ରୁ ୧୫ ବର୍ଷ ପୁରୁଣା ବୋଲି କୁହାଯାଇଛି । ବର୍ଷା କାରଣରୁ ଏହି କୋଠାରେ ଫାଟ ସୃଷ୍ଟି ହୋଇଥିଲା ଓ ପୁଣି ତଳେ ପାଣି ପଶିଯାଇଥିବାରୁ ଏହି ଦୁର୍ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି ।

# ଭୀଷଣ ବର୍ଷାରେ କୋଲକାତା ଠପ୍

## ବିଦ୍ୟୁତ୍ ଆଘାତରେ ୧୦ ମୃତ, ୧୦୦ ବିମାନ ବାତିଲ

ନୂଆଦିଲ୍ଲୀ, ୨୩।୯(ଏଜେନ୍ସି): କୋଲକାତା ଏବଂ ଏହାର ଆଖପାଖ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ମୂଶଳଧାରାରେ ବର୍ଷା ଯୋଗୁଁ ସାଧାରଣ ଜୀବନଯାତ୍ରା ଅଚଳ ହୋଇପଡ଼ିଛି । ରାସ୍ତା ଉପରେ ତିନି ଫୁଟ ଉଚ୍ଚ ପାଣି ଚାଲିଛି । ଗତ ୩୯ ବର୍ଷରେ ଏଭଳି ବର୍ଷା ହୋଇନଥିବା କୁହାଯାଉଛି । ବର୍ଷା ଯୋଗୁଁ ଶିକ୍ଷାନୁଷ୍ଠାନକୁ ବନ୍ଦ କରି ଦିଆଯାଇଛି । ପ୍ରବଳ ବର୍ଷା ସହିତ ବିମାନବନ୍ଦରରେ ପାଣି ପଶିବା ଯୋଗୁଁ ଅତିକମରେ ଶହେରୁ ଅଧିକ ବିମାନ ସେବାକୁ ବାତିଲ କରାଯାଇଛି । ପ୍ରବଳ ବର୍ଷା ଓ ବିଦ୍ୟୁତ ଆଘାତରେ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ।

କୋଲକାତାରେ ଗତ ୨୪ ଘଣ୍ଟା ମଧ୍ୟରେ ୨୫୧.୪ ମିମି ବର୍ଷା ହୋଇଛି । ଗତ ୩୯ ବର୍ଷରେ ଏତେ ପରିମାଣର ବର୍ଷା କେବେ ହୋଇନଥିଲା । ୧୯୮୬ରେ ୨୫୯.୫ ମିମି ବର୍ଷା ହୋଇଥିଲା, ଯାହାକି ଏବେ ବି ରେକର୍ଡ ହୋଇ ରହିଛି । ତେବେ ୧୯୭୮ରେ ସର୍ବାଧିକ ୩୬୯.୬ ମିମି ବର୍ଷା ହୋଇଥିଲା । ଏବେ ସହରର ବିଭିନ୍ନ ରାସ୍ତା ଉପରେ ୨ରୁ ୩ ଫୁଟ୍ ପର୍ଯ୍ୟନ୍ତ ପାଣି ଚାଲିଛି । ଗମନାଗମନ ଓ ପରିବହନ ଏକ ପ୍ରକାର ଠପ୍ ହୋଇଛି । ଏହା ବ୍ୟତୀତ ଟ୍ରେନ୍, ମେଟ୍ରୋ ଓ ବିମାନ ସେବା ମଧ୍ୟ ପ୍ରଭାବିତ ହୋଇଛି । ସାମାଜିକ ଗଣମାଧ୍ୟମରେ କୋଲକାତାର ଭିଡିଓ ସାମ୍ନାକୁ ଆସିଛି । ଏଥିରେ ସଡ଼କରେ ଥିବା ଗାଡ଼ିଗୁଡିକ ଅଧା ବୁଡିଯାଇଥିବା ଦେଖାଯାଇଛି ।

ସହରର ଅନେକ ରେସିଡେନସିଆଲ କମ୍ପ୍ଲେକ୍ସରେ ପାଣି ପଶିଯାଇଛି । ସହିଦ ଖୁଦୀରାମ ଓ ମୈଦାନ ମେଟ୍ରୋ ଷ୍ଟେସନକୁ ମେଟ୍ରୋ ସେବା ବନ୍ଦ କରିଦିଆଯାଇଛି । ହାଓଡା ଓ ସିଆଲଦା ଡିଭିଜନରେ ରେଲୱେ ଲାଇନ ଉପରେ ପାଣି ଜମି ରହିଛି । ଏଥିପାଇଁ ହଜାରଦୁଆରି ଏକ୍ସପ୍ରେସ୍ ଓ ସିଆଲଦା ଜଙ୍ଗିପୁର ଏକ୍ସପ୍ରେସ ଟ୍ରେନ୍‌କୁ ବାତିଲ କରାଯାଇଛି । ଚିତପୁର ୟାର୍ଡରେ

### ରାସ୍ତା ଉପରେ ୩ ଫୁଟ୍ ଉଚ୍ଚର ପାଣି

### ରେଲୱେ ଟ୍ରାକ୍ ବୁଡ଼ିଲା, ସ୍କୁଲ ବନ୍ଦ

ପାଣି ପଶିଯିବାରୁ ସର୍କୁଲାର ରେଲୱେ ଲାଇନ୍‌ରେ ଟ୍ରେନ୍ ଯିବା ଆସିବା ବନ୍ଦ ରହିଛି । ବର୍ଷା କାଣରରୁ ଦୁର୍ଗା ପୂଜା ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଛି । କେତେଟି ସ୍ଥାନରେ ଦୁର୍ଗା ପେଣ୍ଡାଲ ବୁଡିଯିବାସହଖରାପହୋଇଯାଇଛି ।କୋଲକାତା ।।ରେସ୍କୁଲକୁ ଛୁଟି କରିଦିଆଯାଇଛି ।। କୋଲକାତା ବିମାନ ବନ୍ଦରରେ ଅନେକ ବିମାନ ଘଣ୍ଟା ଘଣ୍ଟା ବିଳମ୍ବରେ ଟେକ୍‌ଅପ୍ କରିଛି । ବିମାନ ବନ୍ଦରର ଚିତ୍ର ତଥା ଭିଡିଓ ସାମ୍ନାକୁ ଆସିଛି ।




ପୂର୍ବରୁ ଏଭଳି ବର୍ଷା କେବେ ଦେଖି ନଥିଲି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି । ହାଓଡା ଷ୍ଟେସନ ଓ ସିଆଲଦା ୟାର୍ଡ ଜଳମଗ୍ନ ହୋଇଛି । କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷା ଜନିତ ଗତିବିଧିକୁ ବନ୍ଦ କରିଦିଆଯାଇଛି । ପିୟରଲେସ ହସ୍ପିଟାଲରେ ବିଳମ୍ବିତ ରାତିରେ ବର୍ଷା ପାଣି ପଶିଯାଇଛି । ପଶ୍ଚିମବଙ୍ଗରେ ବୁଧବାର ପର୍ଯ୍ୟନ୍ତ ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି । ପୂର୍ବରୁ ଲୋକେ କେବେ ଏଭଳି ବର୍ଷା ଦେଖିବାକୁ ପାଇ ନଥିଲେ ବୋଲି କୋଲକାତା ମେୟର ଫିରହାସ ହାକିମ୍ କହିଛନ୍ତି । ଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ବର୍ଷା ଦେଖିବାକୁ ମିଳିଛି । ପଞ୍ଜାବରେ ମୌସୁମୀର ବିଦାୟ ଜାରି ରହିଛି । ଅଧା ରାଜ୍ୟରୁ ମୌସୁମୀ ବିଦାୟ ନେଇ ସାରିଲାଣି । ହିମାଚଳରେ ଖରା ଦେଖିବାକୁ ମିଳିଥିଲେ ମଧ୍ୟ ଆଗାମୀ ଦୁଇଦିନରେ ପ୍ରବଳ ବର୍ଷା ହେବା ବୋଲି ସତର୍କତା ଜାରି କରାଯାଇଛି ।

## ହନୁମାନଙ୍କୁ ନେଇ ଟ୍ରମ୍ପ ସହଯୋଗୀଙ୍କ ବିବାଦୀୟ ବୟାନ, ଆମେରିକାରେ ବିରୋଧ



ଟେକ୍‌ସାସ୍, ୨୩।୯(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ନେତା ଆଲେକଜାଣ୍ଡର ଡନ୍‌କାନ ଭଗବାନ ହନୁମାନଙ୍କ ପ୍ରତିମା ଉପରେ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ସେ ହନୁମାନଙ୍କୁ ମିଥ୍ୟା ଭଗବାନ ଓ ତାଙ୍କ ପ୍ରତିମାକୁ ମିଛ ବୋଲି କହିଛନ୍ତି । ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ଆମେ ଟେକ୍ସାସରେ ଏକ ମିଥ୍ୟା ଭଗବାନଙ୍କ ମିଛ ପ୍ରତିମାକୁ କାହିଁକି ସ୍ଥାପନ କରିବୁ? ଆମ ଦେଶ ଏକ ଖ୍ରୀଷ୍ଟିଆନ ଦେଶ ହୋଇଥିବାରୁ ଏହାର ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି । ଡନକାନଙ୍କ ଏହି ମନ୍ତବ୍ୟ ଆମେରିକାରେ ବଡ଼ ବିବାଦ ସୃଷ୍ଟି କରିଛି । ହିନ୍ଦୁ ଆମେରିକାନ ଫାଉଣ୍ଡେସନ (ଏଚ୍‌ଏଏଫ୍) ତରଫରୁ ଡନକାନଙ୍କ ମନ୍ତବ୍ୟକୁ କଡ଼ା ବିରୋଧ କରାଯାଇଛି । ଆହୁରି କେତୋଟି ସଂଗଠନ ଏହାକୁ ଧାର୍ମିକ ଆସ୍ଥା ଉପରେ ଆକ୍ରମଣ ବୋଲି କହିଛନ୍ତି ଓ ତାଙ୍କୁ କ୍ଷମା ମାଗିବାକୁ କହିଛନ୍ତି । ଆମେରିକାର ନାଗରିକମାନେ ମଧ୍ୟ ଏହାକୁ କଡ଼ା ବିରୋଧ କରି ନିନ୍ଦା କରିଛନ୍ତି । କିନ୍ତୁ ଡନ୍‌କାନଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ । ଡନକାନ ୧୩ ବର୍ଷ ପୁଲିସ ବିଭାଗରେ କାର୍ଯ୍ୟ କରିଛନ୍ତି ଓ ସେ ଟେକ୍ସାସରୁ ୨୦୨୬ରେ ଆମେରିକା ସିନେଟ ପାଇଁ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି ।

ଉଲ୍ଲେଖଥାଉ କି, ଆମେରିକାର ଟେକ୍ସାସ ରାଜ୍ୟରେ ସୁଗର ଲ୍ୟାଣ୍ଡରେ ଥିବା ଅଷ୍ଟଲକ୍ଷ୍ମୀ ମନ୍ଦିରରେ ଭଗବାନ ହନୁମାନଙ୍କର ଏକ ୯୦ ଫୁଟ ଉଚ୍ଚର ମୂର୍ତ୍ତି ସ୍ଥାପନ କରାଯାଇଛି । ଏହାକୁ 'ଷ୍ଟାଚ୍ୟୁ ଅଫ୍ ୟୁନିୟନ' ବୋଲି କୁହାଯାଉଛି । ଏହା ବିଦେଶରେ ଥିବା ସବୁଠାରୁ ଉଚ୍ଚ ହନୁମାନ ପ୍ରତିମା । ପଦ୍ମଫୁଲ ଉପରେ ସ୍ଥାପିତ ଏହି ପ୍ରତିମାର ଓଜନ ୯୦ ଟନ ଓ ୫ଟି ଧାତୁକୁ ମିଶାଇ ଏହାର ନିର୍ମାଣ ହୋଇଛି । ହନୁମାନ ଅଭୟ ମୁଦ୍ରାରେ ରହି ଗୋଟିଏ ହାତ ଆଗକୁ ରଖିବା ସହ ଅନ୍ୟ ହାତରେ ଗଦା ଧରିଛନ୍ତି । ଷ୍ଟାଚ୍ୟୁ ଅଫ ଲିବର୍ଟି (୧୫୧ ଫୁଟ) ଓ ପେଗାସସ ଆଣ୍ଡ ଡ୍ରାଗନ (୧୧୦ ଫୁଟ) ପରେ ଏହି ହନୁମାନ ପ୍ରତିମା ଆମେରିକାର ତୃତୀୟ ଉଚ୍ଚତମ ମୂର୍ତ୍ତୀ ଭାବେ ପରିଗଣିତ ହେଉଛି । ଏହି ମୂର୍ତ୍ତିର ସ୍ଥାପନ ପାଇଁ ଅଗଷ୍ଟ ୧୫ ଓ ୧୮ ରେ ୩ ଦିନଧରି ପ୍ରାଣ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ହଜାର ହଜାର ଲୋକ ସାମିଲ ହୋଇଥିଲେ ।

## ମୁଁ ଯୁଦ୍ଧ ବନ୍ଦ କରିଛି; ଜାତିସଂଘ ଫେଲ୍ ମାରିଛି: ଟ୍ରମ୍ପ



ୱାସିଂଟନ, ୨୩।୯(ଏଜେନ୍ସି): ମୁଁ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବାର ୭ ମାସ ମଧ୍ୟରେ ୭ଟି ବଡ଼ ବଡ଼ ଯୁଦ୍ଧ ବନ୍ଦ କରିଛି । ଏଥିରେ ଭାରତ-ପାକିସ୍ତାନ ଯୁଦ୍ଧ ରହିଛି । ମୋ ଭଳି ଏମିତି ଉଦ୍ୟମ ବିଶ୍ୱର କୌଣସି ନେତା କରି ନାହାନ୍ତି । ତେଣୁ ମୋତେ ନୋବେଲ ଶାନ୍ତି ପୁରସ୍କାର ମିଳିବା ଉଚିତ । ଆଜି ଜାତିସଂଘର ମହାସଭାରେ ଉଦବୋଧନ ଦେଇ ଏହା କହିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ । ଜାତିସଂଘର ତୀବ୍ର ସମାଲୋଚନା କରି ସେ କହିଲେ ଯେ ସଂଗଠନ ସବୁ କ୍ଷେତ୍ରରେ ବିଫଳ ରହିଛି । ଯେଉଁ କାମ ଜାତିସଂଘ କରିବା କଥା, ତାହା ମୁଁ କରୁଛି । ଖାଲି ଫମ୍ପା ଶବ୍ଦରେ କାମ ହୁଏନି ।

ଭାରତ- ପାକିସ୍ତାନ ଯୁଦ୍ଧକୁ ସେ ରୋକିଥିଲେ ବୋଲି ପୁଣି ଥରେ ଦୋହରାଇ ଟ୍ରମ୍ପ କହିଲେ, ମୋଟ ଉପରେ ୭ଟି ଯୁଦ୍ଧକୁ ରୋକିବାରେ ସଫଳ ହୋଇଛନ୍ତି । ଅନ୍ୟ ଯୁଦ୍ଧଗୁଡ଼ିକ ହେଲା କାମ୍ବୋଡିଆ- ଥାଇଲାଣ୍ଡ, କୋସୋଭା- ସର୍ବିଆ, କଙ୍ଗୋ- ରୁୱାଣ୍ଡା, ଇସ୍ରାଏଲ- ଇରାନ, ମିଶର- ଇଥିଓପିଆ, ଆର୍ମେନିଆ- ଆଜରବୈଜାନ । ରୁଷ-ୟୁକ୍ରେନ ଯୁଦ୍ଧ ପାଇଁ ପୁଣିଥରେ ଭାରତ ଓ ଚୀନକୁ ଦୋଷ ଦେଇ ଟ୍ରମ୍ପ କହିଲେ ଯେ ଏମାନେ ରୁଷ ଠାରୁ ତେଲ କିଣି ଯୁଦ୍ଧ ପାଇଁ ପାଣ୍ଠି ଯୋଗାଉଛନ୍ତି । ଏହାସହିତ ସେ ଅନେକ ୟୁରୋପୀୟ ଦେଶ ଓ ନୋଟା ରାଷ୍ଟ୍ରଙ୍କୁ ମଧ୍ୟ ସମାଲୋଚନା କରି କହିଲେ ଯେ ଏମାନେ ମଧ୍ୟ ରୁଷ ଠାରୁ ତେଲ କିଣୁଛନ୍ତି । ତାଙ୍କର ଇମିଗ୍ରେସନ ନୀତି ସଂପର୍କରେ ଟ୍ରମ୍ପ କହିଲେ ଯେ ଅବୈଧ ଭାବେ ଆମେରିକାରେ ପ୍ରବେଶ କଲେ ପରିଣତି ଭୟଙ୍କର ହେବ । ଏବେ ଆମେରିକାରେ ସ୍ୱର୍ଣ୍ଣିମ ଯୁଗ ଚାଲିଛି ବୋଲି ସେ କହିଥିଲେ । ଭାଷଣ ଆରମ୍ଭରେ ତାଙ୍କ ଟେଲିପ୍ରିଣ୍ଟର କାର୍ଯ୍ୟ କରିବା ବନ୍ଦ କରିଥିଲା । ତେଣୁ ମୁଁ ହୃଦୟରୁ କହୁଛି ବୋଲି ସେ କହିଥିଲେ ।

## ୯ ଟି ଦେଶକୁ ଭିସା ଦେବନାହିଁ ୟୁଏଇ

ଆବୁଧାବି, ୨୩।୯(ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଭିସା ପ୍ରଦାନ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛି । ଭାରତର ଦୁଇ ପଡୋଶୀ ଦେଶ ବାଂଲାଦେଶ, ଆଫଗାନିସ୍ତାନ ସମେତ ୯ଟି ଦେଶକୁ ପର୍ଯ୍ୟଟନ ଓ ୱାର୍କ ଭିସା ପ୍ରଦାନକୁ ୟୁଏଇ ଅସ୍ଥାୟୀ ଭାବେ ପ୍ରତିବନ୍ଧ ଲଗାଇଛି । ଏହି ଦେଶଗୁଡିକ ହେଲା ଆଫଗାନିସ୍ତାନ, ବାଂଲାଦେଶ, ଲିବ୍ୟା, ୟେମେନ, ସୋମାଲିଆ, ଲେବାନନ, କାମେରୁନ, ସୁଦାନ ଓ ୟୁଗାଣ୍ଡା । ଏବେ ଏହି ୯ଟି ଦେଶର ନାଗରିକ ୟୁଏଇ ଭିସା ପାଇଁ ଆବେଦନ କରିପାରିବେ ନାହିଁ । କିନ୍ତୁ ଏହି ଦେଶଗୁଡିକର ନାଗରିକଙ୍କ ପାଖରେ ଯଦି ବୈଧ ଭିସା ଥିବ ତେବେ ସେମାନେ ୟୁଏଇ ଯାତ୍ରା କରିବାରେ କୌଣସି ଅସୁବିଧା ନାହିଁ ବୋଲି କୁହାଯାଇଛି । ଯେଉଁମାନେ ଆଇନ୍ ଅନୁସାରେ ପୂର୍ବରୁ ଦେଶରେ ରହିଛନ୍ତି ସେମାନେ ପୂର୍ବପରି କାର୍ଯ୍ୟ ଜାରି ରଖିପାରିବେ । ତେବେ କେଉଁ କାରଣରୁ ଏହି ଭିସା ପ୍ରତିବନ୍ଧକ ଲାଗୁ କରାଯାଇଛି ସେ ନେଇ ୟୁଏଇ ତରଫରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ । କିନ୍ତୁ ରାଷ୍ଟ୍ରୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଅନୁମାନ କରାଯାଉଛି ।

## ବିମାନର ଲ୍ୟାଣ୍ଡିଂ ଗିୟରରେ ଲୁଚି ଦିଲ୍ଲୀ ଆସିଲେ ଆଫଗାନ ବାଳକ



କାବୁଲ/ନୂଆଦିଲ୍ଲୀ, ୨୩।୯(ଏଜେନ୍ସି): ଆଫଗାନିସ୍ତାନର ଜଣେ ୧୩ ବର୍ଷୀୟ ବାଳକ ଅଜବ କାଣ୍ଡ ଘଟାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଚର୍ଚ୍ଚା ସୃଷ୍ଟି କରିଛନ୍ତି । ସେ ଏକ ବିମାନର ଲ୍ୟାଣ୍ଡିଂ ଗିୟରରେ ଲୁଚି ଭାରତ ଆସିବାରେ ସଫଳ ହୋଇଛନ୍ତି । ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ । ସେପ୍ଟେମ୍ବର ୨୧ ଅର୍ଥାତ ରବିବାର ଏହି ଘଟଣା ଘଟିଛି । କାବୁଲର ହାମିଦ କରଯାୟୀ ବିମାନ ବନ୍ଦରରେ ଭାରତୀୟ ସମୟ ସକାଳ ୮.୪୬ରେ କେଏଏମ୍ ଏୟାରଲାଇନ୍ସର ଫ୍ଲାଇଟ୍ ଆରକ୍ୟୁ-୪୪୦୧ ଟେକ୍‌ଅଫ୍ କରିଥିଲା ଓ ୧୦.୨୦ରେ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୩ ନଂ ଟର୍ମିନାଲରେ ଅବତରଣ କରିଥିଲା ।

କିନ୍ତୁ ବିମାନ ପାଖରେ ଜଣେ ବାଳକକୁ ବୁଲୁଥିବାର ଏୟାରଲାଇନ୍ କର୍ମଚାରୀ ଦେଖିବାକୁ ପାଇଥିଲେ । ତୁରନ୍ତ ଏ ନେଇ ଅଧିକାରୀମାନଙ୍କୁ ସୂଚନା ଦିଆଯାଇଥିଲା । ଏହାପରେ ସିଆଇଏସ୍‌ଏଫ୍ ଏହି ବାଳକକୁ ନେଇ ପୁଲିସକୁ ହସ୍ତାନ୍ତର କରିଥିଲେ । ବିମାନର ଲାଣ୍ଡିଂ ଗିୟରରେ ରହି ଆସିଲେ କିପରି ଲାଗୁଛି ତାହା ସେ ଦେଖିବାକୁ ଚାହୁଁଥିଲେ ବୋଲି ବାଳକ ଜଣକ ପୁଲିସକୁ କହିଥିଲା । ତେଣୁ ଜିଜ୍ଞାସା ପାଇଁ ସେ ଏପରି କରିଛନ୍ତି ବୋଲି ପୁଲିସ ହୃଦୟଙ୍ଗମ କରିଥିଲା । ଏହି ବାଳକ ଆଫଗାନିସ୍ତାନର କୁନ୍ଦୁଜ ସହରରେ ନିଜ ପରିବାର ସହ ରୁହନ୍ତି । ସୋମବାର କାବୁଲ ବିମାନ ବନ୍ଦରରେ ଏହି ବାଳକ କୌଣସି ପ୍ରକାର ପଶିଆସି ବିମାନ ପଛ ଭାଗରେ ଥିବା ଲ୍ୟାଣ୍ଡିଂ ଗିୟର କମ୍ପାର୍ଟମେଣ୍ଟରେ ପଶିବାକୁ ସକ୍ଷମ ହୋଇଥିଲେ । ବିମାନର ପୂରା ଯାଞ୍ଚ କରିବା ପରେ ସେହି ଦିନ ଏହି ବାଳକକୁ ସେହି ବିମାନରେ ଆଫଗାନିସ୍ତାନ ପଠାଇ ଦିଆଯାଇଥିଲା । କିନ୍ତୁ ସେ କିପରି ବଞ୍ଚି ରହିଲେ ସେ ନେଇ ବିଭିନ୍ନ ଏଜେନ୍ସି ଚକିତ ହୋଇଛନ୍ତି । ବିମାନର ଚକ ପାଖରେ ଲୁଚି କରି ଆସିବା ନିହାତି ବିପଜ୍ଜନକ ବୋଲି ପ୍ରତିରକ୍ଷା ବିଶେଷଜ୍ଞ କୁହନ୍ତି । ପୁଣି ୩୦ ହଜାର ଫୁଟ ଉଚ୍ଚରେ -୪୦ରୁ ୬୦ ଡିଗ୍ରୀ ତାପମାତ୍ରାରେ ଓ ଅମ୍ଳଯାନ ଅଭାବରେ ଏହି ବାଳକ କିଭଳି ବଞ୍ଚି ରହିଲା ତାହା ସମସ୍ତଙ୍କୁ ଚକିତ କରିଛି । ଉଲ୍ଲେଖଥାଉ କି, ୪ ବର୍ଷ ତଳେ ତାଲିବାନ ଯେତେବେଳେ ଆଫଗାନିସ୍ତାନ ଶାସନ ହାତକୁ ନେଇଥିଲା, ସେତେବେଳେ କେତେ ଲୋକ ଦେଶ ଛାଡ଼ିବା ପାଇଁ ବିମାନ ବନ୍ଦରରେ ପଶି ବିମାନର ଚକରେ ଓହଳି ଦେଶ ବାହରକୁ ଯିବା ପାଇଁ ପ୍ରୟାସ କରିଥିଲେ ।

## ଅବୈଧ ସମ୍ପର୍କ ଅପରାଧ ନୁହଁ, କିନ୍ତୁ ପରିଣତି ଭୟଙ୍କର: ହାଇକୋର୍ଟ

ନୂଆଦିଲ୍ଲୀ, ୨୩।୯(ଏଜେନ୍ସି): ବିବାହତ୍ତୋର ତଥା ଅବୈଧ ସମ୍ପର୍କ ବା ବ୍ୟଭିଚାର ନେଇ ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ବ୍ୟଭିଚାର କୌଣସି ଅପରାଧ ନୁ ।ହେଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । ତେବେ ଏହି ସମ୍ପର୍କ ବୈବାହିକ ଜୀବନକୁ ନଷ୍ଟ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ । ଏହାର ପରିଣତି ମଧ୍ୟ ଭୟଙ୍କର । ଏହା ଦ୍ୱାରା ବିବାହ ବିଚ୍ଛେଦ ଓ ଅନ୍ୟ ଅପରାଧ ଭଳି ଚରମ ନିଷ୍ପତ୍ତି ନିଆଯିବାର ଅବକାଶ ସୃଷ୍ଟି କରିଥାଏ ବୋଲି କୋର୍ଟ କହିଛନ୍ତି । ପତି ଓ ପତ୍ନୀଙ୍କ ବୈବାହିକ ସମ୍ପର୍କରେ ବିଶ୍ୱାସ ହିଁ ମୂଳଦୁଆ ଭଳି କାମ କରିଥାଏ । ଯଦି ବିଶ୍ୱାସ ଭାଙ୍ଗିଯାଏ ତେବେ ବିବାହ ଭାଙ୍ଗି ଯାଇଥାଏ । ଜଷ୍ଟିସ ପୁରୁଷେନ୍ଦ୍ର କୌରଙ୍କ ଖଣ୍ଡପୀଠ କହିଛନ୍ତି ଯେ ଯଦି କୌଣସି ତୃତୀୟ ପକ୍ଷ ବା ବ୍ୟକ୍ତିଙ୍କ ଲାଗି ପତି- ପତ୍ନୀଙ୍କ ସମ୍ପର୍କରେ ପ୍ରଭାବିତ ହୁଏ, ତେବେ ପ୍ରଭାବିତ ପକ୍ଷ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିପାରିବେ ଅବଶ୍ୟ ପୂର୍ବରୁ ସୁପ୍ରିମକୋର୍ଟ ଏ ନେଇ ତାଙ୍କ ରାୟ ୨୦୧୮ ରେ ଦେଇସାରିଛନ୍ତି । ଅବୈଧ ସମ୍ପର୍କୁ ଅପରାଧ କହିବା ଅଣସାମ୍ବିଧାନିକ ବୋଲି କୋର୍ଟ ସେତେବେଳେ କହିଥିଲେ ।





## ସାର ଅଭାବ ଓ କଳାବଜାର

# କିଷାନ କଂଗ୍ରେସ ଘେରିଲା ବିଧାନସଭା

ଭୁବନେଶ୍ୱର,୨୩।୯ (ସମିସ): ସାରା ରାଜ୍ୟରେ ସାର ଅଭାବ ଓ କଳାବଜାରୀ ପାଇଁ ଚାଷୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହେବା ସହିତ ସାର ଅଭାବ ଯୋଗୁଁ ଚାଷୀ ହତାଶ ଓ ଆତଙ୍କିତ ହୋଇ ପଡ଼ିଛନ୍ତି। ସରକାରଙ୍କ ସାର ବିତରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଫେଲ। ଚାଷୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ସରକାର ଚାଷୀଙ୍କ ସମସ୍ୟା ପ୍ରତି ମୋଟେ କର୍ଣ୍ଣପାତ କରୁ ନାହାନ୍ତି। ରାଜ୍ୟରେ ସାର ଅଭାବ, କଳାବଜାରୀ ଓ ସରକାରଙ୍କ ଅପାରଗତା ଆଦିକୁ ପ୍ରସଙ୍ଗ କରି ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଏକ ବିରାଟ ରାଲି ଏବଂ ବିଧାନସଭା ଘେରାଉ କରାଯାଇଛି। ଶହ ଶହ କଂଗ୍ରେସ କର୍ମୀ ସମାବେଶରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।



କିଷାନ କଂଗ୍ରେସ ଅଭିଯୋଗ ଅନୁସାରେ ରାଜ୍ୟରେ ବିଶେଷତଃ ୟୁରିଆ ସାରର ଘୋର ଅଭାବ ଏବଂ କଳାବଜାରୀ ଦେଖାଯାଇଛି। ସମବାୟ ସଂସ୍ଥା ଓ ମାର୍କଫେଡ୍‌ରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଏଇ ସଂସ୍ଥା ଦ୍ୱୟ ଓ ସରକାରଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ଚାଲିଛି। ସରକାର କହୁଛନ୍ତି ଲକ୍ଷ ଲକ୍ଷ ଟଙ୍କାର ସାର ଗଚ୍ଛିତ ଅଛି; କିନ୍ତୁ ଏପଟେ ଚାଷୀଙ୍କୁ ସାର ନ ମିଳିବା ଆଶ୍ଚର୍ଯ୍ୟ କରୁଛି। ସାର ପାଇଁ ଚାଷୀ ଦିନ ଦିନ ରାତିରାତି ଅଧିଆ ପଡୁଛି। ରୁଆ ବେଉଷଣ ସମୟରେ ଏବଂ ଯେତେବେଳେ ଯେଉଁ ସାର ଆବଶ୍ୟକ ସେଇ ସମୟରେ ଚାଷୀଙ୍କୁ ସାର ନ ମିଳିବା ଅତ୍ୟନ୍ତ ଦୁଃଖଦାୟକ ବୋଲି କିଷାନ କଂଗ୍ରେସ କହିଛି। ତେଣୁ କିଷାନ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି, ସରକାର ତୁରନ୍ତ ଆଧାର ଏବଂ ଜମି ପରିମାଣ ଅନୁଯାୟୀ ଚାଷୀ ଓ ଭାଗଚାଷୀଙ୍କୁ ସାର ବଣ୍ଟନ କରନ୍ତୁ। ଥୋଡ଼ ଧରିବା ସମୟରେ ଯେଉଁ ସାରର ଆବଶ୍ୟକତା ଅଛି ତାହା ସରକାର ତୁରନ୍ତ ପ୍ରଦାନ କରନ୍ତୁ ବୋଲି ଦଳ ଦାବି କରିଛି। ଯଦି ସରକାର ଚାଷୀଙ୍କ ନାଯ୍ୟ ଦାବି ପୂରଣ କରିବେନି ତେବେ ଆନ୍ଦୋଳନ ଗ୍ରାମାଭିମୁଖୀ ହେବ ଓ କ୍ଷତିଗ୍ରସ୍ତ ଚାଷୀଙ୍କ ନେତୃତ୍ୱ କିଷାନ କଂଗ୍ରେସ ନେଇ ଗାଁ ଗଣ୍ଡାରେ ବ୍ୟାପକ ଆନ୍ଦୋଳନ କରିବ ବୋଲି କିଷାନ କଂଗ୍ରେସ ଚେତାବନୀ ଦେଇଛି।

ବିଧାନସଭା ଘେରାଉ ପାଇଁ କିଷାନ କଂଗ୍ରେସ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିବା ସମୟରେ କିଷାନ କଂଗ୍ରେସ ସଭାପତି ଅଭୟ ସାହୁ, ଉପସଭାପତି ଅରୁଣ ଜେନା, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟଙ୍କ ସମେତ ପ୍ରମୁଖ ନେତାମାନଙ୍କୁ ଗିରଫ ପୁଲିସ ଗିରଫ କରିଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ବିଧାୟକ ସୁରେଶ ରାଉତରାୟ ଏବଂ କିଷାନ କଂଗ୍ରେସ କେନ୍ଦ୍ରୀୟ ସଂଯୋଜକ ଅମୀୟ ପଟ୍ଟନାୟକଙ୍କ ସହିତ ରାଜ୍ୟର ସମସ୍ତ ସ୍ଥାନରୁ ଆସିଥିବା କିଷାନ କଂଗ୍ରେସର ବରିଷ୍ଠ ନେତାମାନେ ଅଂଶଗ୍ରହଣ କରିଥିଲେ।

## ସରକାରୀ ସ୍କୁଲରେ ଅବସରପ୍ରାପ୍ତ ଅତିଥି ଶିକ୍ଷକ ନିଯୁକ୍ତିକୁ ଚାଲେଞ୍ଜ

# ରାଜ୍ୟ ସରକାରଙ୍କୁ ଜବାବ ତଲବ

କଟକ, ୨୩।୯ (ସମିସ): ସରକାରୀ ସ୍କୁଲଗୁଡ଼ିକରେ ବେକାର ଯୁବକ ଯୁବତୀଙ୍କୁ ଶିକ୍ଷକ ନିଯୁକ୍ତି କରିବା ବଦଳରେ ରାଜ୍ୟ ସରକାର ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରିବା ପାଇଁ ଗ୍ରହଣ କରିଥିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ହାଇକୋର୍ଟ ଏହି ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିବା ସହ ଜବାବ ତଲବ କରିଛନ୍ତି। ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ କେତେ ଶିକ୍ଷକ ପଦବି ଖାଲିପଡ଼ିଛି, ସେ ସଂପର୍କରେ ସତ୍ୟପାଠ ଜରିଆରେ ତଥ୍ୟ ଦାଖଲ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅର୍ପିତା ପ୍ରିୟଦର୍ଶିନୀ ଓ ଅନ୍ୟ ତିନି ଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଶିକ୍ଷାନୁଷ୍ଠାନଗୁଡ଼ିକରେ ଖାଲି ପଡ଼ିଥିବା ପଦବିଗୁଡ଼ିକ ପୂରଣ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି, ସେନେଇ ଅବଗତ କରିବାକୁ ହାଇକୋର୍ଟ କହିଛନ୍ତି। ଅକ୍ଟୋବର ୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ରାଜ୍ୟର ବିଭିନ୍ନ ସରକାରୀ, ଅନୁଦାନପ୍ରାପ୍ତ, ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ଓ ସଂସ୍କୃତ ଟୋଲଗୁଡ଼ିକରେ ୬୩୮୭ ଅତିଥି ଶିକ୍ଷକଙ୍କ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ୨୦୨୫ ଅଗଷ୍ଟ ୧ର ଗଣଶିକ୍ଷା ବିଭାଗ ଚିଠିରେ କୁହାଯାଇଥିଲା। ନିୟମିତ ଶିକ୍ଷକ ନିଯୁକ୍ତ ନ କରି ଏପରି ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯିବା ଦ୍ୱାରା ବେକାର ଯୁବକ/ଯୁବତୀ ନିରାଶ ହେବେ ବୋଲି ଦର୍ଶାଇ ଏହି ମାମଲା ହାଇକୋର୍ଟରେ ଦାୟର ହୋଇଛି। ଏପରି ସରକାରୀ ନିଷ୍ପତ୍ତି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

## ସାର ଯୋଗାଣରେ ଅବ୍ୟବସ୍ଥାକୁ ନେଇ ଚାଷୀ ଅସନ୍ତୋଷ

# ସମିତିରେ ଧସେଇ ପଶି ବସ୍ତାବସ୍ତା ସାର ବୋହିଲେ



ସାନଖେମୁଣ୍ଡି,୨୩।୯ (ସମିସ): ସମବାୟ କେନ୍ଦ୍ରରେ ଧସେଇ ପଶିବା ସହ ପୁଲିସ ଉପସ୍ଥିତିରେ ବସ୍ତା ବସ୍ତା ସାର ବୋହିନେଲେ ଚାଷୀ। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ମୌଳାଭଞ୍ଜା ସେବା ସମବାୟ ସମିତିରେ ଆଜି ଏପରି ଦୃଶ୍ୟ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ସାରା ରାଜ୍ୟରେ ୟୁରିଆର ଘୋର୍ ଅଭାବ ଦେଖା ଦେଇଥିବା ବେଳେ ପ୍ରତିଦିନ ବିଭିନ୍ନ ସ୍ଥାନରୁ ଚାଷୀ ଅସନ୍ତୋଷର ଚିତ୍ର ସାମ୍ନାକୁ ଆସୁଛି। ଏଥିରୁ ଗଞ୍ଜାମ ଜିଲ୍ଲା ମଧ୍ୟ ବାଦ୍ ପଡ଼ିନାହିଁ। ସାନଖେମୁଣ୍ଡି ବ୍ଲକ୍ ମୌଳାଭଞ୍ଜା ସେବା ସମବାୟ ସମିତିରେ ଚାଷୀଙ୍କୁ ସାର ମିଳୁନଥିବାରୁ କିଛି ଦିନ ତଳେ ଚାଷୀଙ୍କ ମଧ୍ୟରେ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଚାଷୀ ଗଞ୍ଜାମ-ଗଜପତି ଜାତୀୟ ରାଜପଥକୁ ଅବରୋଧ

### ପୁଲିସ, ସଂପାଦକ ଜଳକା

କରିଥିଲେ। ସେତେବେଳେ ପୁଲିସ ସେମାନଙ୍କୁ ବୁଝାସୁଝା କରି ହଟାଇ ଦେଇଥିଲା। ପରେ ପୁଣି ଚାଷୀମାନେ ସେବା ସମବାୟ ସମିତି ଅଫିସ୍ ଆଗରେ ପ୍ରତିବାଦ କରିଥିଲେ। ତଥାପି ସେମାନଙ୍କୁ ସାର ମିଳିନଥିଲା। ତେବେ ଆଜି ପୁଣି ଚାଷୀମାନେ ଏକାଠି ହୋଇ ସମିତି ଅଫିସ୍ ଆଗରେ ହୋହଲ୍ଲା କରିଥିଲେ। ସମିତିରେ ସାର ଥାଇ ମଧ୍ୟ ଚାଷୀଙ୍କୁ ଦିଆଯାଉନାହିଁ ବୋଲି ଅଭିଯୋଗ କରିଥିଲେ। ଏପରିକି, ସମବାୟ ସମ୍ପାଦକ ଓ ସଭାପତି ସାରଗୁଡ଼ିକୁ କଳାବାଜରରେ ବିକ୍ରି କରୁଛନ୍ତି ଏବଂ ବିଳମ୍ବିତ ରାତିରେ ନିଜର ଲୋକଙ୍କୁ ଡକାଇ ସାର ଦେଉଛନ୍ତି ବୋଲି ସାଂଘାତିକ ଅଭିଯୋଗ କରିଥିଲେ। ପରେ ସେମାନେ ସମବାୟ କେନ୍ଦ୍ରରେ ଧସେଇ ପଶି ପୁଲିସ ଉପସ୍ଥିତିରେ ବସ୍ତା ବସ୍ତା ସାର ବୋହି ନେଇଥିଲେ। ସମିତି ସମ୍ପାଦକ ଓ ପୁଲିସ ସବୁ ଦେଖିଥିଲେ ହେଁ ଚାଷୀଙ୍କୁ ଅଟକାଇପାରି ନଥିଲେ।

## ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ

# 'ପୁଷ୍କରା' ଶ୍ରେଷ୍ଠ ଫିଚର୍ ଫିଲ୍ମ

### 'ସି ଆଣ୍ଡ ସେଭେନ୍ ଭିଲେଜେସ୍' ଓ 'ମୋ ବୋଉ ମୋ ଗାଁ' ପୁରସ୍କୃତ

ଭୁବନେଶ୍ୱର, ୨୩।୯ (ସମିସ): ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କରା'କୁ ଶ୍ରେଷ୍ଠ ଫିଚର୍ ଚଳଚ୍ଚିତ୍ର ପୁରସ୍କାର ମିଳିଥିବା ବେଳେ ହିମାଂଶୁ ଶେଖର ଖଟୁଆଙ୍କ ନିର୍ଦ୍ଦେଶିତ ପ୍ରାମାଣିକ ଚଳଚ୍ଚିତ୍ର 'ସି ଆଣ୍ଡ ସେଭେନ୍ ଭିଲେଜେସ୍'କୁ ଅଣଫିଚର୍ ଚଳଚ୍ଚିତ୍ର ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ସୁବାସ ସାହୁଙ୍କ ନିର୍ଦ୍ଦେଶିତ ଇତିହାସ ଆଧାରିତ ଚଳଚ୍ଚିତ୍ର 'ମୋ ବୋଉ ମୋ ଗାଁ'କୁ ମଧ୍ୟ ରାଷ୍ଟ୍ରପତି ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି।





ତରଙ୍ଗ ସିନେ ପ୍ରଡକସନ୍ସ ନିବେଦିତ ତଥା ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ 'ପୁଷ୍କରା'ରେ ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ମିଶ୍ରଙ୍କ ନିଚ୍ଛକ ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ସେହିପରି ଚଳଚ୍ଚିତ୍ରରେ ଓଲିଉଡ୍ ନାୟିକା ସୁପ୍ରିୟାଙ୍କ ଦମଦାର ଅଭିନୟ ମଧ୍ୟ ବେଶ୍ ପ୍ରଶଂସା ସାଉଁଟିଛି। ଅନ୍ୟମାନଙ୍କ ମଧ୍ୟରେ ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତି ମଧ୍ୟ ଅଭିନୟ କରିଛନ୍ତି। ପ୍ରଖ୍ୟାତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ 'ନାଦବିନ୍ଦୁ' ଉପରେ ଆଧାରିତ। ସିନେମାରେ ପୁରୀର ଜାଗାଘର, ସାହିଯାତ ଓ ଡଙ୍ଗାଭସା ଭଳି ମୌଳିକ ପରମ୍ପରାକୁ ନିଖୁଣ ଶୈଳୀରେ ଉପସ୍ଥାପନ କରାଯାଇଛି।

ସେହିପରି କାଦମ୍ବିନୀ ମିଡିଆ ପ୍ରଯୋଜିତ 'ସି ଆଣ୍ଡ ସେଭେନ୍ ଭିଲେଜେସ୍' ପ୍ରାମାଣିକ ଚଳଚ୍ଚିତ୍ର ଜଳବାୟୁ ପରିବର୍ତ୍ତନ ଓ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ତହସିଲ ଅନ୍ତର୍ଗତ ସାତଭାୟା ଉପରେ ପର୍ଯ୍ୟବସିତ। ପୂର୍ବରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ଲାଭ କରିଥିବା ଏହି ଚଳଚ୍ଚିତ୍ରଟି ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ହିମାଂଶୁ ଖଟୁଆଙ୍କ ଗବେଷଣା ଉପରେ ଆଧାରିତ। ଏଥିରେ ସାତଭାୟା ଗାଁର ବାସିନ୍ଦାଙ୍କ ଜୀବନ ଓ ସଂଘର୍ଷ ଚିତ୍ରିତ ହୋଇଥିଲା। ଏହାର ପ୍ରଯୋଜନା କରିଥିଲେ ଇତି ସାମନ୍ତ।

## ■ ଦଳ ବିରୋଧୀ କାର୍ଯ୍ୟ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

# ଶ୍ରୀମୟୀ ମିଶ୍ରଙ୍କ ସହ ୨ ନେତା ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର, ୨୩।୯ (ସମିସ): ଦଳବିରୋଧୀ କାର୍ଯ୍ୟରେ ସଂପୃକ୍ତି ପାଇଁ ମଙ୍ଗଳବାର ବିଜେଡି ୨ଜଣ ନେତା ଏବଂ ଜଣେ ନେତ୍ରୀଙ୍କୁ ଦଳରୁ ନିଲମ୍ବନ କରିଛି। ସେମାନେ ହେଲେ, ବିଜେଡି ସାଧାରଣ ସମ୍ପାଦକ (ମହିଳା ବ୍ୟାପାର) ଶ୍ରୀମୟୀ ମିଶ୍ର, ମୟୂରଭଞ୍ଜ କପ୍ତିପଦା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାଏ ଓ ମୟୂରଭଞ୍ଜର ପୂର୍ବତନ ଜିଲ୍ଲା ସମ୍ପାଦକ ପ୍ରବୀର ଚନ୍ଦ୍ର ସାଏ। ଉପରୋକ୍ତ ୩ ନେତାଙ୍କୁ ଦଳ ପକ୍ଷରୁ ନିଲମ୍ବନ ନେଇ ଦଳ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ବୁଦ୍ଧାଦିତ୍ୟ

ଭୁବନେଶ୍ୱର,୨୩।୯ (ସମିସ): ଗୁରୁତର ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଓଲିଉଡ୍ ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ଆଜି ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛନ୍ତି। ତାଙ୍କ ଫୁସଫୁସ୍‌ରେ ସଂକ୍ରମଣ ଥିବାରୁ ଘରେ ରହି ନିୟମିତ ଔଷଧ ନେବା ସହ ଆରାମ କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ସୂଚନାନୁସାରେ, ପାଖାପାଖି ୮ ଦିନ ତଳେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ବୁଦ୍ଧାଦିତ୍ୟ। ଫୁସଫୁସ୍ ସଂକ୍ରମଣ ଜନିତ ରୋଗରେ ସେ ପୀଡ଼ିତ ଥିଲେ।

# ରତ୍ନଭଣ୍ଡାରକୁ ଫେରିଲା ମହାପ୍ରଭୁଙ୍କ ଅଳଙ୍କାର

ପୁରୀ,୨୩।୯ (ସମିସ): ରତ୍ନଭଣ୍ଡାରକୁ ଫେରିଛି ମହାପ୍ରଭୁଙ୍କ ରତ୍ନାଳଙ୍କାର। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଆଜି ସକାଳ ୧୦ଟା ୫୫ରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ମହାପ୍ରଭୁଙ୍କ ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ସ୍ଥାନାନ୍ତର କରାଯାଇଛି। ଏହି ସ୍ଥାନାନ୍ତର ପ୍ରକ୍ରିୟା ଅପରାହ୍ଣ ୨ଟା ୫୫ ପର୍ଯ୍ୟନ୍ତ, ୪ ଘଣ୍ଟା ଧରି ଚାଲିଥିଲା।



■ ୪ ଘଣ୍ଟାରେ ଶେଷ ହେଲା ସ୍ଥାନାନ୍ତର ପ୍ରକ୍ରିୟା
■ ଟ୍ରେଜେରୀରେ ରହିଲା ଭିତର ଭଣ୍ଡାରର ଚାବି
■ ରାଜ୍ୟ ସରକାରଙ୍କ ଅନୁମୋଦନରେ ଗଣତିମଣତି ହେବ

ରତ୍ନଭଣ୍ଡାର କମିଟି ଓ ଉଚ୍ଚସ୍ତରୀୟ କମିଟିର ୧୧ଜଣିଆ ସଦସ୍ୟ ପାରମ୍ପରିକ ପୋଷାକ ପରିଧାନ କରି ଶ୍ରୀମନ୍ଦିର ଜଗମୋହନକୁ ପ୍ରବେଶ କରିଥିଲେ। ଏହି କମିଟିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସ୍‌ପି, ଏଏସ୍‌ଆଇ ଅଧିକାରୀ, ରତ୍ନଭଣ୍ଡାର ସବ୍ କମିଟି ସଦସ୍ୟ, ଦେଉଳ କରଣ, ତଢ଼ଉ କରଣ, ଭଣ୍ଡାର ମେକାପ, ରତ୍ନଭଣ୍ଡାର ତଦାରଖ କମିଟିର ଦୁଇଜଣ ସଦସ୍ୟ ଜଷ୍ଟିସ୍ ବିଶ୍ୱନାଥ ରଥ ଓ ମଧୁସୂଦନ ସିଂହାରୀ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ପ୍ରମୁଖ ରହିଥିଲେ। ଏତଦ୍‌ବ୍ୟତୀତ ଗଜପତି ମହାରାଜାଙ୍କ ପ୍ରତିନିଧିଙ୍କ ସମେତ ଶ୍ରୀମନ୍ଦିର ନୀତି ଓ ଉନ୍ନୟନ ପ୍ରଶାସକ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସାମିଲ ଥିଲେ। ସମସ୍ତେ ମହାପ୍ରଭୁ ଏବଂ ପାର୍ଶ୍ୱଦେବୀଙ୍କ ଦର୍ଶନ ସହ ଆଶୀର୍ବାଦ ନେଇଥିଲେ। ପୂର୍ବାହ୍ନ ୧୦ଟା ୫୫ରେ ଆରମ୍ଭ ହୋଇଥିଲା ସ୍ଥାନାନ୍ତର ପ୍ରକ୍ରିୟା। ଟ୍ରେଜେରୀରୁ ଆସିଥିବା ଚାବିରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଅସ୍ଥାୟୀ ଭିତର ଭଣ୍ଡାର ବା ଷ୍ଟ୍ରଙ୍ଗ୍‌ରୁମ୍ ଖଟଶେଯ ଘର ଖୋଲାଯାଇଥିଲା। ସେଠାରୁ ସମସ୍ତ ସାମଗ୍ରୀ ସ୍ଥାୟୀ ଭିତର ଭଣ୍ଡାରକୁ ନିଆଯାଇଥିଲା। ସମସ୍ତ ଅଳଙ୍କାର ଓ ସାମଗ୍ରୀ ଯିବା ପରେ ବ୍ୟବସ୍ଥା ଅନୁସାରେ ମୂଳ ଭିତର ରତ୍ନଭଣ୍ଡାରରେ ୨ଟି ତାଲା ପକାଇ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରାଯାଇଥିଲା। ଏହାର ଚାବି ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଟ୍ରେଜେରୀରେ ଜମା ଦିଆଯାଇଛି।

ପରେ ଚାଙ୍ଗଡ଼ା ଘର ଅସ୍ଥାୟୀ ବାହାର ଭଣ୍ଡାର ବା ଷ୍ଟ୍ରଙ୍ଗ୍‌ରୁମ୍ ଖୋଲା ଯାଇଥିଲା। ଗଜପତି ମହାରାଜାଙ୍କ ଚାବି, ଶ୍ରୀମନ୍ଦିର ପ୍ରଶାସନ ଏବଂ ଭଣ୍ଡାର ମେକାପଙ୍କ ତିନି ଗୋଟି ଚାବି ଆସି ଏହା ଖୋଲାଯାଇଥିଲା। ସେଠାରୁ ସମସ୍ତ ସାମଗ୍ରୀ ନୂଆ ରୂପ ପାଇଥିବା ମୂଳ ବାହାର ଭଣ୍ଡାରକୁ ନିଆଯାଇଥିଲା। ସବୁ ସାମଗ୍ରୀ ସ୍ଥାନାନ୍ତର ହେବା ପରେ ମୂଳ ବାହାର ଭଣ୍ଡାରକୁ ତିନିଟିଯାକ ତାଲା ପକାଇ ବନ୍ଦ କରାଯାଇଥିଲା। ଉଭୟ ଭଣ୍ଡାର ସାମଗ୍ରୀ ସ୍ଥାନାନ୍ତର ପ୍ରକ୍ରିୟା ଭିଡିଓଗ୍ରାଫି କରାଯାଇଥିଲା। କାର୍ଯ୍ୟ ସମାପନ ପରେ ସମସ୍ତ ସଦସ୍ୟ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସୁରକ୍ଷା ଯାଞ୍ଚ ପରେ ସମସ୍ତ ସଦସ୍ୟ ଜଗମୋହନରୁ ପ୍ରସ୍ଥାନ କରିଥିଲେ। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସକାଳ ୮ଟାଠାରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯାଇଥିଲା।

ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ରଥ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ପ୍ରାୟ ୧୫ ମାସର ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ସୁରୁଖୁରୁରେ ଶେଷ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ୬ଟି ଟ୍ରଙ୍କ୍ ଓ ୬ଟି ଆଲମିରା ସ୍ଥାନାନ୍ତର କରାଯାଇଛି। ରତ୍ନ ଅଳଙ୍କାର ଗଣତିମଣତି ପ୍ରକ୍ରିୟା ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ଅନୁମୋଦନ ଏବଂ ନିର୍ଦ୍ଦେଶ ଅନୁସାରେ ହିଁ ହେବ।

## ହାଇକୋର୍ଟରେ ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣା

# ସମସ୍ତ ଅଭିଯୁକ୍ତଙ୍କ ଏକତ୍ର ଜାମିନ ଶୁଣାଣି ୨୫ରେ

କଟକ, ୨୩।୯ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତମାନଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୫ତାରିଖରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ କେସ୍ ଡାଏରି ଦାଖଲ କରିବା ସହ ତଦନ୍ତର ସାମ୍ପ୍ରତିକ ସ୍ଥିତି ନେଇ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇ ଜେଲରେ ଥିବା ଜୟନ୍ତ କୁମାର ରାଉତଙ୍କ ଜାମିନ ଆବେଦନର ଶୁଣାଣି ସେପ୍ଟେମ୍ବର ୨୫କୁ ପୂର୍ବରୁ ଧାର୍ଯ୍ୟ ହୋଇଥିବା ନେଇ ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ବୋର୍ଡର ପୂର୍ବତନ ଉପ-ସଭାପତି ଡକ୍ଟର ନୀହାର ରଞ୍ଜନ ମହାନ୍ତିଙ୍କ ସହ ଅନ୍ୟ ଅଭିଯୁକ୍ତ ଜିତନ ମହାରଣା, ବିଜୟ କୁମାର ମିଶ୍ର, ରାମଜୀ ପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ, ସନାତନ ବିଶୋୟୀଙ୍କ ସହ ଜୟନ୍ତ ରାଉତଙ୍କ ନିୟମିତ ଜାମିନ ଆବେଦନଗୁଡ଼ିକର ଏକତ୍ର ଶୁଣାଣି ହେବ।

ଉଲ୍ଲେଖଯୋଗ୍ୟ, ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପୂର୍ବତନ ଉପ-ସଭାପତି ଶ୍ରୀ ମହାନ୍ତିଙ୍କ ସହିତ ବୋର୍ଡର ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଅନ୍ୟମାନଙ୍କୁ ଗିରଫ କରିଥିଲା। କଟକ ଅତିରିକ୍ତ ଦୌରାଜଜ୍ ଅଦାଲତରେ ଜାମିନ ଖାରଜ ହେବା ପରେ ଶ୍ରୀ ମହାନ୍ତି ଓ ଅନ୍ୟ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## କୁର୍ଡ଼ାଙ୍ଗ ଛାତ୍ରୀ ନିର୍ଯାତନା ମାମଲା

# ଆତ୍ମସମର୍ପଣ ପରେ ଜେଲ୍ ଗଲେ ଅଧ୍ୟକ୍ଷ

ଜଗତସିଂହପୁର/ରଘୁନାଥପୁର, ୨୩।୯ (ସମିସ): କୁର୍ଡ଼ାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଆଜି ଜଗତସିଂହପୁର ସ୍ୱତନ୍ତ୍ର ପକ୍‌ସୋ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। କଲେଜର ଜଣେ ନାବାଳିକା ଛାତ୍ରୀଙ୍କୁ ଅଧ୍ୟାପକ ଶାଶ୍ୱତ ମହାନ୍ତି ଯୌନ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ଉକ୍ତ ଅଧ୍ୟାପକ ଓ କଲେଜ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯାଇଥିଲା। ପରେ ଥାନାରେ ମଧ୍ୟ ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ତେବେ ଆଗୁଆ ଜାମିନ ପାଇଁ ସେମାନେ ହାଇକୋର୍ଟରେ ଆବେଦନ କରିଥିଲେ। ଗତ ଅଗଷ୍ଟ ୧୯ ତାରିଖରେ ହାଇକୋର୍ଟ ଦୁହିଁଙ୍କୁ ତଳକୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏକ ମାସରୁ ଅଧିକ ସମୟଧରି ଫେରାର୍ ରହିବା ପରେ ଆଜି ଅଧ୍ୟକ୍ଷ ଶ୍ରୀ ସାହୁ ପକ୍‌ସୋ କୋର୍ଟରେ ହାଜର ହୋଇଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ଶିବପ୍ରସାଦ ମାଝୀ ସୂଚନା ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ଶାଶ୍ୱତ ମହାନ୍ତି ଏବେ ମଧ୍ୟ ଫେରାର୍ ଅଛନ୍ତି।







# ପୀଠରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା


କଟକ ଚଣ୍ଡୀଙ୍କ ମାତାଙ୍ଗୀ ବେଶ


ଗଡ଼ଚଣ୍ଡୀଙ୍କ ବଗଳାମୁଖୀ ବେଶ


ଝଞ୍ଜିରୀମଙ୍ଗଳାଙ୍କ ଚାମୁଣ୍ଡା ବେଶ


ବାସନ୍ତୀ ଦୁର୍ଗାଙ୍କ ସ୍କନ୍ଦମାତା ବେଶ


ଧାକୁଲେଇଙ୍କ ବଗଳାମୁଖୀ ବେଶ

### ଟ୍ରେନ୍‌ରେ ନିଶାଦ୍ରବ୍ୟ ଚାଲାଣ ଉଦ୍ୟମ

## ୩ ମାଫିଆ ଗିରଫ; ୩୦ କେଜି ଗଞ୍ଜେଇ ଜବତ

କଟକ,୨୩।୯ (ସମିସ): ଟ୍ରେନରେ ନିଶାଦ୍ରବ୍ୟ ଚାଲାଣ ଉଦ୍ୟମ ବେଳେ ତିନି ଜଣ ନିଶା ମାଫିଆଙ୍କୁ କଟକ ଆରପିଏଫ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଏସକେ. ଅବଦୁଲ(୫୦), ଏସକେ. ପିନାରୁଲ(୩୫) ଓ ପିକଲୁ ବିଶ୍ୱାସ(୩୦)। ସମସ୍ତଙ୍କ ଘର ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲାର ସାଗରପଡା ଅଞ୍ଚଳରେ। ଅଭିଯୁକ୍ତଙ୍କ ପାଖରୁ ୩୦ କିଲୋ ଓଜନର ଗଞ୍ଜେଇ ଜବତ ହୋଇଛି।

ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୩ଟା ସମୟରେ କଟକ ରେଳ ଷ୍ଟେସନରେ ଆରପିଏଫ କର୍ମଚାରୀମାନେ ପାଟ୍ରୋଲିଂ କରୁଥିଲେ। ଦୁଇଟି ଟିମ ୪ ଓ ୫ ନଂ ପ୍ଲାଟଫର୍ମରେ ପଇଁତରା ମାରୁଥିଲେ। ଏତିକିବେଳେ ପ୍ଲାଟଫର୍ମର ଶେଷ ଆଡକୁ ତିନି ଜଣ ଯାତ୍ରୀ ଭାବେ ଆଗପଛ ହୋଇ ଟ୍ରେନ ଅପେକ୍ଷାରେ ଛିଡା ହୋଇଥିଲେ। ସେମାନେ କାନ୍ଧରେ ଗୋଟିଏ ଲେଖାଏଁ ବ୍ୟାଗ ପକାଇବା ସହିତ ହାତରେ ଜରି ବସ୍ତା ଧରିଥିଲେ। ଏହା ଦେଖି ପାଟ୍ରୋଲିଂ ଟିମର ସନ୍ଦେହ ହୋଇଥିଲା। ତେଣୁ ଉକ୍ତ ତିନି ଜଣଙ୍କ ବ୍ୟାଗ ଓ ବସ୍ତା ଯାଞ୍ଚ କରାଯିବାରୁ ସେଥିରେ ପୁଳା ପୁଳା ଗଞ୍ଜେଇ ପ୍ୟାକେଟ ଥିବା ଜଣାପଡିଲା। ମୋଟ ୩୦ କିଲୋ ୩ଶହ ଗ୍ରାମର ଗଞ୍ଜେଇ ଜବତ ହୋଇଛି; ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ। ଆରପିଏଫ ଟିମ ଅଭିଯୁକ୍ତ ଅବଦୁଲ, ପିନାରୁଲ ଓ ପିକଲୁଙ୍କୁ ଧରିଆଣି ପଚରାଉଚରା କରିବାରୁ ସମସ୍ତେ ଆନ୍ତଃରାଜ୍ୟ ନିଶା ଚାଲାଣକାରୀ ହୋଇଥିବା ଜଣାପଡିଛି। ସେମାନେ ଓଡିଶାରୁ ଗଞ୍ଜେଇ ନେଇ ବିଭିନ୍ନ ରାଜ୍ୟକୁ ଚାଲାଣ କରୁଥିଲେ। ଏହା ବାବଦକୁ ସେମାନଙ୍କୁ ମୋଟା ଅଙ୍କର କମିଶନ ମିଳୁଥିଲା। ମଙ୍ଗଳବାର ସେମାନେ ଓଡିଶାରୁ ଗଞ୍ଜେଇ ନେଇ ଟ୍ରେନ ଯୋଗେ କେରଳ ଯିବାକୁ ଯୋଜନା କରିଥିଲେ ବୋଲି ଅଭିଯୁକ୍ତମାନେ ଜେରା ବେଳେ ସ୍ୱୀକାର କରିଛନ୍ତି। ଜବତ ନିଶାଦ୍ରବ୍ୟ ସହିତ ଅଭିଯୁକ୍ତମାନଙ୍କୁ କଟକ ଜିଆରପି ଜିମା ଦିଆଯାଇଛି। ଏନେଇ ଜିଆରପି ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଅଭିଯୁକ୍ତମାନେ କେଉଁଠାରୁ ଓ କିଭଳି ଟ୍ରେନରେ ଏତେ ପରିମାଣର ଗଞ୍ଜେଇ ଆଣିଥିଲେ ସେନେଇ ତଦନ୍ତ ଜାରି ରହିଥିବା ଆରପିଏଫ ଅଧିକାରୀ ରାଜସିଂହ ମଲ୍ଲିକ ସୂଚନା ଦେଇଛନ୍ତି।



ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକାଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ....

## ପୁରୀ ଘଣ୍ଟ ସହ ବ୍ରହ୍ମପୁର ବ୍ୟାଣ୍ଡରେ ଦୁଲୁକିବ ଭସାଣି

କଟକ, ୨୩।୯ (ସମିସ): ଆଉ ମାତ୍ର ୫ଦିନ ପରେ ମହାମାୟୀଙ୍କ ଷଷ୍ଠୀ ପୂଜା। ମା' ଦୁର୍ଗାଙ୍କ ସମେତ ହରପାର୍ବତୀ ଓ ପ୍ରଭୁ ମହାଦେବଙ୍କର ଧରାପୃଷ୍ଠକୁ ଆଗମନ ହେବ। ସମସ୍ତ ପୂଜା କମିଟି ନିଜ ନିଜ ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି। ଏହି ପୂଜାରେ ସାମିଲ ହୋଇଛି ଷ୍ଟେସନ ବଜାର ପୂଜା କମିଟି। ଚଳିତବର୍ଷ ପୂଜା ପାଇଁ କମିଟି ପକ୍ଷରୁ ୫ ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି। ୧୯୨୮ ମସିହାରେ ପ୍ରଥମେ ହରପାର୍ବତୀଙ୍କ ପୂଜା କରାଯାଉଥିଲା। ପରେ ୧୯୯୯ ମସିହାରୁ ମହାଦେବଙ୍କ ପୂଜା କରାଯାଇ ଆସୁଛି। ପୌରାଣିକ ବିଷୟବସ୍ତୁ ନେଇ ଏଠାରେ ପୂଜା କରାଯାଏ। ଚଳିତବର୍ଷ ହରପାର୍ବତୀ ବିବାହ ଉତ୍ସବ ଆଧାରରେ ପ୍ରତିମା ପୂଜା ପାଇବେ। ୧୨ ଫୁଟ୍ ଉଚ୍ଚତା ବିଶିଷ୍ଟ ମହାଦେବଙ୍କ ମୂର୍ତ୍ତି କରାଯାଉଛି। ଏହାସହ ୧୮ ଫୁଟ୍ ଉଚ୍ଚତା ବିଶିଷ୍ଟ ବୁଲେନ ଧଳା ଜରି ମେଢ଼ ନିର୍ମାଣ କରାଯାଉଛି। ରେଳଷ୍ଟେସନର ନବୀକରଣ କାର୍ଯ୍ୟ ଜାରି ରହିଥିବାବେଳେ କମିଟି ପକ୍ଷରୁ କୌଣସି ତୋରଣ କିମ୍ବା ଲାଇଟ ଗେଟ କରାଯିବ ନାହିଁ ବରଂ ସମସ୍ତ ଅଞ୍ଚଳକୁ ଆଲୋକମାଳାରେ ସଜାଯିବ। ମହାଷଷ୍ଠୀରେ ଅଧିବାସ ପୂଜା କରାଯିବ ଏବଂ ମହାସପ୍ତମୀ ପୂଜା ପରେ ମହାଅଷ୍ଟମୀରେ ୬ କୁଇଣ୍ଟାଲ ଲଡୁ ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଏକାଦଶୀରେ ମେଲାଣି ଦିଆଯିବ। ଭସାଣି ଯାତ୍ରାରେ ପୁରୀ ଘଣ୍ଟ, ବ୍ରହ୍ମପୁର ବ୍ୟାଣ୍ଡ ପାର୍ଟି ଓ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।


ଷ୍ଟେସନ ବଜାର ପୂଜା କମିଟି



ଏଠାରେ ପାରମ୍ପରିକ ବାଦ୍ୟ ଆକର୍ଷିତ କରିବ। ପୂଜା କମିଟି ପକ୍ଷରୁ ଡିଜେ ଓ ନିଶା ମୁକ୍ତ ପୂଜା ସମେତ ପଲିଥିନ ମୁକ୍ତ କରିବା ପାଇଁ ନିଷ୍ପତି ନିଆଯାଇଛି। ଯେପରି ଭସାଣିରେ ଡିଜେ ଓ ନିଶା ମୁକ୍ତ କରିବା ନେଇ ବିଶେଷ ଗୁରୁତ୍ୱ ଦିଆଯିବା ସହ ପାରମ୍ପରିକ ବାଦ୍ୟକୁ ପ୍ରାଧାନ୍ୟ ଅଧିକ ଦିଆଯାଉଛି।

- ପୁଣ୍ୟଶ୍ଳୋକ ଦାସ, ସଭାପତି



ଏଠାରେ ପୌରାଣିକ ବିଷୟ ବସ୍ତୁକୁ ଗୁରୁତ୍ୱ ପୌରାଣିକ ବିଷୟ ବସ୍ତୁକୁ ନେଇ ପ୍ରତ୍ୟେକବର୍ଷ ମଣ୍ଡପରେ ପୂଜାର୍ଚ୍ଚନା କରାଯାଏ। ଚଳିତବର୍ଷ ହରପାର୍ବତୀଙ୍କୁ ବିବାହ ଉତ୍ସବ ମୁଖ୍ୟ ଆକର୍ଷଣ ପାଲଟିବ। ଏହାସହ ମଣ୍ଡପ ପକ୍ଷରୁ ବିଶେଷ ଭାବେ ପୂଜାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ।

- ଶୁଭାଶିଷ ପଟ୍ଟନାୟକ, ସମ୍ପାଦକ

## ଓଡ଼ିଆ ସାହିତ୍ୟର ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ ବ୍ରଜମୋହନ




କଟକ,୨୩।୯ (ସମିସ): କଟକ ବଙ୍ଗାଳି ସାହି ସ୍ଥିତ ସାରଳା ସଦନ ଠାରେ ବିଶିଷ୍ଟ ସାରସ୍ୱତ ସାଧକ, ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି, ଉତ୍କଳ ପାଠକ ସଂସଦର ପ୍ରତିଷ୍ଠାତା ଡ. ବ୍ରଜ ମୋହନ ମହାନ୍ତିଙ୍କ ୨୪ତମ ସ୍ମୃତି ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ଅନୁଷ୍ଠାନ ବନ୍ଦେ ଉତ୍କଳ ପକ୍ଷରୁ ଆୟୋଜିତ ଏହି ସଭାରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ସୁନାମଣି ରାଉତ, ଉଦଘାଟକ ଭାବରେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ତରୁଣ ସାହୁ, ମୁଖ୍ୟଅତିଥି ଭାବରେ ପ୍ରାଚୀନ ସାହିତ୍ୟର ଗବେଷକ ଡ. ନିରଞ୍ଜନ ସାହୁ ଏବଂ ମୁଖ୍ୟବକ୍ତା ଭାବରେ ସାହିତ୍ୟିକ କାଞ୍ଚି ନାରାୟଣ ମହାନ୍ତି, ବକ୍ତା ଭାବରେ ସାହିତ୍ୟିକ ହିମାଂଶୁ ପରିଡ଼ା ଯୋଗଦେଇଥିଲେ। ସଭାପତି ଡ. ରାଉତ ବ୍ରଜ ମୋହନଙ୍କ ଉପନ୍ୟାସ ବିଷୟରେ ଚର୍ଚ୍ଚା କରି କହିଲେ ଏଇ ବର୍ଷ କେନ୍ଦ୍ର ସାହିତ୍ୟଏକାଡେମୀର ଅନୁବାଦ ପୁରସ୍କାର ପାଇଥିବା ସଂସ୍କୃତରେ ଅନୁବାଦିତ ଓଡ଼ିଆରେ ରଚିତ ବ୍ରଜମୋହନଙ୍କ ଉପନ୍ୟାସ ଲଳିତ ଲବଙ୍ଗ ଲତା, ସାପୁଆ କେଳାଙ୍କ ଜୀବନୀ ଉପରେ ରଚିତ ଉପନ୍ୟାସ ସାପୁଆ, କଳିଙ୍ଗ ଯୁଦ୍ଧର ନାୟିକା କାରୁବାକି ଉପରେ ଆଧାରିତ ଉପନ୍ୟାସ କାରୁବାକୀ ଇତ୍ୟାଦି ବ୍ରଜମୋହନଙ୍କର ଗୋଟିଏ ଗୋଟିଏ ଅମୃତସୃଷ୍ଟି। ବ୍ରଜମୋହନ ୧୭ଟି ଉପନ୍ୟାସ ରଚନା କରିଥିବା ବେଳେ ଦୁଇଟି ଉପନ୍ୟାସ ଏବେ ଦୁଷ୍ପ୍ରାପ୍ୟ। ଗବେଷକ ହିମାଂଶୁ ପରିଡ଼ା, ଅଧ୍ୟାପିକା ବୈଜୟନ୍ତୀ ମାଳା ଶତପଥୀ, କବି ସୁରେଶ ନାୟକ, ବ୍ରହ୍ମାନନ୍ଦ ବିଶ୍ୱାଳ, ଜୀବନାନନ୍ଦ ଅଧିକାରୀ, ମନୋରଞ୍ଜନ ମହାପାତ୍ର, କିଶୋର ଦାସ, ମୁରଲୀ ଶତପଥୀ, ଶକ୍ତି ପ୍ରସାଦ ଦାସ, ମାନସ ପ୍ରଧାନ, ଅନ୍ନଦା ମହାନ୍ତି ପ୍ରମୁଖ ଯୋଗଦେଇ ବ୍ରଜ ମୋହନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଆଡଭୋକେଟ ଦେବସ୍ନାନ ଦାସଙ୍କ ପ୍ରତିଷ୍ଠିତ ବନ୍ଦେ ଉତ୍କଳର ଏହି ପୂଜ୍ୟ ପୂଜା ପରମ୍ପରାକୁ ଭୂୟସୀ ପ୍ରଶଂସା କରିଥିଲେ। ବନ୍ଦେ ଉତ୍କଳ ପକ୍ଷରୁ ସ୍ୱାଗତ ଭାଷଣ ଭୁବନାନନ୍ଦ ମହାନ୍ତି ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥଲେ କଟକ ବାର ଆସୋସିଏସନର ପ୍ରାକ୍ତନ ସମ୍ପାଦକ ଜ୍ୟୋତିନ୍ଦ୍ରିୟ ମହାନ୍ତି।

### ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲ

## ଶିଶୁ ରୋଗୀଙ୍କ ପାଇଁ ମନୋରଞ୍ଜନ ପରିବେଶ

### ଚିକିତ୍ସା ପ୍ରକୋଷ୍ଠରେ ଗପବହି, ଖେଳଣା ଉପକରଣ

କଟକ,୨୩।୯ (ସମିସ): କର୍କଟାକ୍ରାନ୍ତ ଶିଶୁର ମାନସିକ ଅବସ୍ଥାକୁ ରୁଗ୍‌ଣ ନକରି ଦେବା ପାଇଁ ଅଭିନବ ପ୍ରୟାସ କରିଛନ୍ତି ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ (ଏଏଚ୍‌ପିଜିଆଇସି) କର୍ତ୍ତୃପକ୍ଷ। ଚିକିତ୍ସା ପ୍ରକୋଷ୍ଠରେ ଦେଖିବାକୁ ମିଳିବନି କର୍କଟ ସେବାର ଆନୁସଙ୍ଗିକ ଉପକରଣ। ବଦଳରେ ଚିକିତ୍ସା ପ୍ରକୋଷ୍ଠକୁ ମନୋରଞ୍ଜନ ପରିବେଶରେ ପରିବର୍ତ୍ତନ କରାଯାଇଛି। ଏଠାରେ ବିଭିନ୍ନ ପ୍ରକାରର ଖେଳଣା ରଖାଯାଇଛି। କାନ୍ଥରେ କାର୍ଟୁନ ଚିତ୍ରଣ କରାଯିବା ସହ ଗପବହି ଯୋଗାଇ ଦିଆଯାଇଛି। କ୍ୟାରମ, ଚେସ୍ ଆଦି ଖେଳ ଉପକରଣ ମଧ୍ୟ ଏହି ପ୍ରକୋଷ୍ଠରେ ଦେଖିବାକୁ ମିଳୁଛି। ତେବେ ସ୍ୱାସ୍ଥ୍ୟ ସଚିବ ଏସ୍ ଅଶ୍ୱସ୍ତିଙ୍କ ନିର୍ଦ୍ଦେଶକ୍ରମେ ଏଏଚ୍‌ପିଜିଆଇସିରେ ଏଭଳି ନବୀକରଣ କାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ଏତଦବ୍ୟତୀତ ପୂର୍ବରୁ ଏଠାରେ ୧୪ଟି ଶଯ୍ୟା ଥିଲା। ଶଯ୍ୟା ସଂଖ୍ୟା ଆଉ ୭ଟି ବୃଦ୍ଧି କରାଯାଇଛି। ଖେଳ ଉପକରଣ ଗୁଡିକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି।



## ଆୟୁର୍ବେଦ ଦୈନନ୍ଦିନ ଜୀବନର ସ୍ରୋତ

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୁର୍ବେଦ ଦିବସ

କଟକ,୨୩।୯ (ସମିସ): ଆୟୁର୍ବେଦ ହେଉଛି ଜାତୀୟ ଜୀବନର ଏକ ସ୍ରୋତ। ଆମ ଦୈନନ୍ଦିନ ଜୀବନ ସହ ଏହା ଅଙ୍ଗାଙ୍ଗୀ ଭାବରେ ଜଡିତ। ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ଚିକିତ୍ସାଳୟ ପକ୍ଷରୁ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ଦଶମ "ଆୟୁର୍ବେଦ ଦିବସ-୨୦୨୫' ପାଳନ ଅବସରରେ ଏକଥା କହିଛନ୍ତି ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରୀ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ। ଏଥିରେ କଟକ ଇନରହୁଇଲ୍ କ୍ଲବ୍ ସଭାନେତ୍ରୀ ଡ. ସୁସ୍ମିତା ମହାନ୍ତି ମୁଖ୍ୟଅତିଥି ଓ ସ୍ୱାମୀ ସତ୍ୟଚୈତନ୍ୟ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଏଥିସହିତ ଏକାଡେମିକ୍ ଓ ରିସର୍ଚ୍ଚ ବିଭାଗ ଡିନ ଡ. କେଶରୀ ସିଂହ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ଡ. ମହାନ୍ତି ଆୟୁର୍ବେଦର ପ୍ରଚାର ପ୍ରସାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ। ଆୟୁର୍ବେଦ ଫାକଲ୍ଟି ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ନିଜ ସ୍ୱାଗତ ଭାଷଣରେ ଆୟୁର୍ବେଦର ଭୂୟସୀ ପ୍ରଶଂସା କରିଥିଲେ। ଚଳିତ ବର୍ଷ ଆୟୁର୍ବେଦ ଦିବସର ଥିମ୍ ଥିଲା, "ଜନସାଧାରଣ ଓ ପୃଥିବୀ ପାଇଁ ଆୟୁର୍ବେଦ' ଏହାକୁ ନେଇ ହୋଇଥିବା ଆଲୋଚନାରେ ଆୟୁର୍ବେଦ ସଚେତନତା, ଉଦ୍ଭିଦ ଜୀବନ ପାଇଁ ଆୟୁର୍ବେଦ, ମେଦବହୁଳତା ନିୟନ୍ତ୍ରଣ, ଆୟୁର୍ବେଦର ଡିଜିଟାଲ ରୂପାନ୍ତରଣ ଇତ୍ୟାଦି ବିଷୟ ସ୍ଥାନ ପାଇଥିଲା, ଯେଉଁଥିରେ ପ୍ରଫେସର ଆର୍.ଏନ୍. ଶତପଥୀ, ପ୍ରଫେସର ଦୁର୍ଗାପ୍ରସାଦ ଦାଶ, ଡ. କ୍ଷୀରାବ୍ଦୀ ତନୟା ରାଉତରାୟ, ଡ. ଶିବପ୍ରସାଦ ମହାନ୍ତି, ଡ. ଶିବକାନ୍ତ ଶର୍ମା, ଡ. ସନ୍ଧ୍ୟାରାଣୀ ଖୁଣ୍ଟିଆ, ଡ.ଦେବାଶିଷ ଶତପଥୀ, ଡ. ଲକ୍ଷ୍ମୀପ୍ରିୟା ଦେଇ, ଡ. ରମାକାନ୍ତ ରାଉତ, ଡ. ପଦ୍ମଲୋଚନ ଶଙ୍ଖୁଆ, ଡ.ନଗେନ୍ଦ୍ର ପ୍ରସାଦ, ଡ.ସଞ୍ଜୀବ ଦାସ, ପ୍ରଫେସର ଟି.କେ. ରାଉତରାୟ ପ୍ରମୁଖ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।





**OFFICE OF THE UTKAL BALASHRAM, KHARIAR, DIST-NUAPADA**

**(GOVT. RUN CHILD CARE INSTITUTION)**

Advertisement No: 30/UB/KRAR/NPD | Date: 22.09.25

**ADVERTISEMENT**

Applications are invited from the prospective candidates for the different posts through the proforma application form which will be made available on the district website (https://nuapada.odisha.gov.in). The online submission of application shall be available on (E-Mail: utkalbalashramkhariar@gmail.com) from **24.09.2025 (10.00 AM) to 30.09.2025 (5.00 PM).**

The recruitment of different posts of Child Care Institution & Specialized Adoption Agency (SAA) Utkal Balashram, Dist.-Nuapada is being done as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of Women & Child Development Department, Govt. of Odisha.

After submission of online application, the candidates are to submit hard copy of the same along with all required documents and testimonials through Speed post/Registered post only addressed to **Office of the Secretary, Utkal Balashram, At/Po-Khariar, Ps-Khariar, Dist.-Nuapada-766107, latest by 5.00 PM on Dt. 05.10.2025.** Any application received after the due date/time shall be rejected.

The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit the district website **(https://nuapada.odisha.gov.in).**

**CDPO Khariar-Cum-Secretary**
**Utkal Balashram Khariar**


## ଅସହାୟ ମୃତକଙ୍କ ପାଇଁ ସମୂହ ପିଣ୍ଡଦାନ



କଟକ,୨୩।୯ (ସମିସ): ଅନେକ ଅପରିଚିତ ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟେ। ଯେଉଁମାନଙ୍କ ଶବ ସତ୍କାର ପାଇଁ ଆଗେଇ ଆସନ୍ତି କଟକର କିଛି ଜଣାଶୁଣା ସାମାଜିକକର୍ମୀ। ତେବେ ଏଭଳି ମୃତବ୍ୟକ୍ତିଙ୍କ ଆତ୍ମାର ସଦଗତି ନିମନ୍ତେ ପଞ୍ଚମୁଖୀ ହନୁମାନ ମନ୍ଦିର ପାଶ୍ୱର୍ରେ ସମୂହ ପିଣ୍ଡଦାନ ସହ ବେଦପାଠ, ଗୀତାପାଠ, ନାମ ସଂକୀର୍ତ୍ତନ, ହୋମଯଜ୍ଞ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବରିଷ୍ଠ ସମାଜସେବୀ ଅଭିମନ୍ୟୁ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସହରର ଅନେକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ହିମାଂଶୁ ଶେଖର ମହାନ୍ତି, ଲଳିତ ରାୟ, ଜିତେନ୍ଦ୍ର ସାହୁ, ଶିଶିର ସାହୁ, ଦେବୀପ୍ରସନ୍ନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଳସମ୍ପଦ ବିକାଶ ପାଇଁ ୧୫ କୋଟି

କଟକ,୨୩।୯ (ସମିସ): ଜିଲ୍ଲାର ଜଳସମ୍ପଦ ବିକାଶ ପାଇଁ ୧୫କୋଟି ଟଙ୍କା ଖର୍ଚ୍ଚ କରାଯିବ। ରାଜ୍ୟ ଜଳ ସମ୍ପଦ ବିଭାଗ ଅଧୀନରେ ରହିଥିବା କଟକ ଓ ଜଗତପୁର ଡିଭିଜନକୁ ସରକାର ଏହି ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି। ଏହି ଅର୍ଥ ବିନିଯୋଗରେ ସାଉଥ ଡିଭିଜନ ପକ୍ଷରୁ ୨୯ଟି ପ୍ରକଳ୍ପର କାର୍ଯ୍ୟ ସମ୍ପନ୍ନ ପାଇଁ ୧୦ କୋଟି ୯୩ ଲକ୍ଷ ଟଙ୍କା ମିଳିଥିବା ବେଳେ ମହାନଦୀ ନର୍ଥ ଡିଭିଜନର ୬ଟି ପ୍ରକଳ୍ପ ପାଇଁ ୪କୋଟି ମଞ୍ଜୁର ହୋଇଛି। ମୁଖ୍ୟ କେନାଲ ଓ ଶାଖା କେନାଲର ନବୀକରଣ ସହିତ ନଦୀ ବନ୍ଧର ସୁରକ୍ଷା ପାଇଁ ଉଭୟ ଡିଭିଜନ ପକ୍ଷରୁ ୧୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ମିଳିଥିବା ଅନୁଦାନ ବିନିଯୋଗରେ ଉଭୟ କେନାଲ, କେନାଲ ରାସ୍ତା ଓ ନଦୀ ବନ୍ଧର ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବ। ଏହି କାର୍ଯ୍ୟ ଆସନ୍ତା ୯ମାସ ମଧ୍ୟରେ ସମ୍ପନ୍ନ କରିବା ପାଇଁ ଲକ୍ଷ୍ୟ ରହିଛି।


ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସରସ୍ୱତୀ ମିଶ୍ର**
ଗ୍ରାମ -ବାହାଡ଼ା, ଖଣ୍ଡପଡ଼ା, ନୟାଗଡ଼
ଆବିର୍ଭାବ-୨୦.୦୬.୧୯୪୪
ତିରୋଧାନ-୧୩.୦୯.୨୦୨୫

ବୋଉ, ତୁ ଏକା ଆମ ୬ ଭାଇ ଭଉଣୀଙ୍କର ଜନ୍ମଦାତ୍ରୀ ନ ଥିଲୁ। ସବୁବେଳେ ସବୁ ଭଣଜା ଭାଣିଜୀ ମାନଙ୍କୁ ତୋ ପୁଅ ଝିଅ ବୋଲି ଭାବି ଥିଲୁ। ସ୍ନେହ, ଶ୍ରଦ୍ଧା, ବାତ୍ସଲ୍ୟ ମମତା ର ମୂର୍ତ୍ତି ମୟୀ ଶକ୍ତି ପରି ଆମ ପାଇଁ ଲକ୍ଷ୍ମୀ ଦେବୀ ଥିଲୁ। ପର ଆପଣା ଭାବନା ଠାରୁ ବହୁ ଦୂରରେ ତୁ ଥିଲୁ। ଭୋକିଲା ର ପେଟ ଚିହ୍ନି ତାକୁ କ୍ଷୁଧା ତୃଷା ରୁ ସନ୍ତୁଷ୍ଟ କରୁଥିଲୁ। ହଠାତ ଆମ କୁ ଛାଡି ବିଷ୍ଣୁ ଲୋକକୁ ଚାଲିଗଲୁ। ସେଠାରେ ଥାଇ ଆମକୁ ଆଶୀର୍ବାଦ ଦେ, ଆମେ ପୁଣି ଥରେ ତୋର ସନ୍ତାନସନ୍ତତି ହେଇ ଜନ୍ମ ନେବୁ।

ଶୋକସନ୍ତପ୍ତ: ତୋର ହତଭାଗ୍ୟ ପୁଅ ବୋହୁ, ଝିଅ ଜ୍ୱାଇଁ, ଭଣଜା ଭାଣେଜୀ, ନାତି ନାତୁଣୀ ଏବଂ ଆତ୍ମୀୟ ସ୍ୱଜନ...





ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା ପ୍ରତିବାଦରେ ବିଜେଡି ପକ୍ଷରୁ ବିଧାନସଭା ଘେରାଉରେ ଦଳୀୟ ନେତା

### ରାଜ୍ୟସ୍ତରୀୟ ଜାତୀୟ ଆୟୁର୍ବେଦ ଦିବସ

# ଆୟୁର୍ବେଦ ସାରା ବିଶ୍ୱକୁ ଏକ ଅମୂଲ୍ୟ ଅବଦାନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୯(ସମିସ): ଆୟୁର୍ବେଦ ସାରା ବିଶ୍ୱକୁ ଭାରତର ଏକ ଅମୂଲ୍ୟ ଅବଦାନ। ଆୟୁର୍ବେଦ ଏକ ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ବିଜ୍ଞାନ। ଏହା ପ୍ରକୃତି ଓ ଶରୀର ସହ ସମନ୍ୱୟ ରକ୍ଷା କରି ଜୀବନର ମାନକୁ ବୃଦ୍ଧି କରୁଥିବାରୁ ଏହାକୁ ସମଗ୍ର ବିଶ୍ୱ ଏକ ଉତ୍ତମ ଚିକିତ୍ସା ପଦ୍ଧତି ଭାବେ ଗ୍ରହଣ କରିଛି। ମଙ୍ଗଳବାର ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ଆୟୁର୍ବେଦ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

■ ରାଇରଙ୍ଗପୁରଠାରେ ହେବ ନୂତନ ଆୟୁର୍ବେଦିକ କଲେଜ
■ ଚଳିତବର୍ଷ ଆଉ ୮ଟି ନୂତନ ପଞ୍ଚକର୍ମ କେନ୍ଦ୍ର



ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାରେ ୩ଟି ସରକାରୀ ଆୟୁର୍ବେଦିକ କଲେଜ, ୪ଟି ସରକାରୀ ହୋମିଓପାଥିକ କଲେଜ, ୫ଟି ସରକାରୀ ଆୟୁର୍ବେଦିକ ଓ ୪ଟି ସରକାରୀ ହୋମିଓପାଥିକ ହସ୍ପିଟାଲ ରହିଛି। ଏଠାରୁ ନୂତନପିଢ଼ିର ଡାକ୍ତର ତିଆରି ହେବା ସହ ରାଜ୍ୟ ଓ ରାଜ୍ୟ ବାହାରର ଅନେକ ରୋଗୀ ପ୍ରାକୃତିକ ଭାବରେ ଚିକିତ୍ସିତ ହେଉଛନ୍ତି। ଜାତୀୟ ଆୟୁଷ ମିଶନ ଅଧୀନରେ ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ୩ଟି ଇଣ୍ଟିଗ୍ରେଟେଡ୍ ଆୟୁଷ ହସ୍ପିଟାଲ ନିର୍ମାଣ କରାଯାଉଛି। ଆଗାମୀ ଦିନରେ ଏହା ଜରିଆରେ ଅଧିକ ଲୋକଙ୍କୁ ଉଚ୍ଚମାନର ସେବା ଯୋଗାଇ ଦିଆଯିବ। ଏଥିସହ ଚଳିତବର୍ଷ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଏକ ନୂତନ ଆୟୁର୍ବେଦିକ କଲେଜ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ୮୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆୟୁଷ ଅଧୀନରେ ଏକ ପଞ୍ଚକର୍ମ ୟୁନିଟ୍ କାର୍ଯ୍ୟରତ। ବରଗଡ଼ ଓ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟଠାରେ ଦୁଇଟି ୟୁନିଟ୍ ନିର୍ମାଣ କରାଯାଉଛି। ଅଧିକ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ପାଇଁ ଚଳିତବର୍ଷ ଆଉ ୮ଟି ନୂତନ ପଞ୍ଚକର୍ମ କେନ୍ଦ୍ର, ବିଭିନ୍ନ ଜିଲ୍ଲା ଆୟୁର୍ବେଦିକ ମୁଖ୍ୟ କାର୍ଯ୍ୟାଳୟରେ ନିର୍ମାଣ କରାଯିବ ବୋଲି ସେ କହିଥିଲେ।

# ଶୁଭମିତ୍ରା ହତ୍ୟା ପଛରେ ବୀମା ଟଙ୍କା

ଭୁବନେଶ୍ୱର,୨୩।୯(ସମିସ): ଟ୍ରାଫିକ କନଷ୍ଟେବଲ ଶୁଭମିତ୍ରା ହତ୍ୟା ପଛରେ ବୀମା ଟଙ୍କା। ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ଦୀପକକୁ ମିଳିଥିବା କୋଟିଏ ଟଙ୍କା ଉପରେ କୁଆଡ଼େ ଆଖି ପକାଇଥିଲେ ଶୁଭମିତ୍ରା ଏବଂ ତାଙ୍କର ମାଆ। ଏହାକୁ ନେଇ ଦୀପକ ସହିତ ସେମାନଙ୍କର ବାରମ୍ବାର ଗଣ୍ଡଗୋଳ ହେଉଥିଲା। ଦୀପକର ପଲିଗ୍ରାଫ ଟେଷ୍ଟ ବା ମିଛଧାରା ପରୀକ୍ଷାରୁ ଏମିତି ତଥ୍ୟ ମିଳିଥିବା ନେଇ ଚର୍ଚ୍ଚା ହେଉଛି।

ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ ପଲିଗ୍ରାଫ୍ ଟେଷ୍ଟ ବେଳେ ଅଭିଯୁକ୍ତ ପୁଲିସ କନେଷ୍ଟବଲ ଦୀପକ କୁଆଡ଼େ କହିଛି ଯେ ଶୁଭମିତ୍ରା ଓ ତାଙ୍କ ମାଆ ତା ଠାରୁ ୨୦ ଲକ୍ଷ ଟଙ୍କା ଦାବି କରୁଥିଲେ। ଯେଉଁଥି ପାଇଁ ଏହି ହତ୍ୟାକାଣ୍ଡ ଘଟିଥିଲା।। ଶୁଭମିତ୍ରାଙ୍କ ମା' ମଧ୍ୟ କିଛି ଦିନ ତଳେ ଛୁରୀ ଦେଖାଇ ଦୀପକଙ୍କୁ ଭୟଭୀତ କରିବା ସହ ଟଙ୍କା ଦେବାକୁ ଧମକାଇଥିଲେ। ହତ୍ୟାକାଣ୍ଡ ଦିନ ବି ସେହି ସମାନ ଘଟଣାକୁ ନେଇ ଉଭୟଙ୍କ ଭିତରେ ପାଟିତୁଣ୍ଡ, ଯୁକ୍ତିତର୍କରୁ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଶୁଭମିତ୍ରା, ଦୀପକକୁ ଗୋଇଠା ମାରିବାରୁ ସେ ତାଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା କହିଛି। ଦୀପକ କହିଛି ଯେ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ବୀମେ ବାବଦକୁ ପ୍ରାୟ ୧ କୋଟି ୨୫ ଲକ୍ଷ ଟଙ୍କା ମିଳିଥିଲଶ। କିନ୍ତୁ ସେହି ଟଙ୍କା ଖର୍ଚ୍ଚ କରୁ ନଥିଲା। ଶୁଭମିତ୍ରା ସେହି ଟଙ୍କାରୁ ୨୦ ଲକ୍ଷ ମାଗୁଥିଲେ। ତାଙ୍କ ପାଇଁ ନୁହେଁ ବରଂ ତାଙ୍କ ଭାଇ ନନ୍ଦୁକୁ ଟଙ୍କା ଦରକାର କହି ବାରମ୍ବାର ଚାପ ପକାଉ ଥିଲେ। ଟଙ୍କା ନ ଦେବାରୁ ଘରକୁ ଡାକି ଶୁଭମିତ୍ରା ଓ ତାଙ୍କ ମାଆ, ତା ବେକରେ ଛୁରୀ ଲଗାଇ ଧମକ ବି ଦେଇଥିଲେ।

■ ସନ୍ଦେହ ଘେରରେ ଶୁଭମିତ୍ରାଙ୍କ ମାଆ
■ ବ୍ୟାଙ୍କ ଆକାଉଣ୍ଟର ଖୋଳତାଡ଼ ଚାଲିଛି
■ ଦୀପକର ପଲିଗ୍ରାଫ ଟେଷ୍ଟକୁ ନେଇ ଚର୍ଚ୍ଚା

ଇତିମଧ୍ୟରେ ଶୁଭମିତ୍ରାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ପୁଲିସକୁ ହସ୍ତଗତ ହୋଇଛି। ଯେଉଁଥିରେ ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ଦର୍ଶାଯାଇଛି। ଆହୁରି ମଧ୍ୟ ତାଙ୍କ ବେକ ଏବଂ ହାତ, ଗୋଡର ହାଡ଼ ଭାଙ୍ଗିଥିବା କୁହାଯାଇଛି। ଶୁଭମିତ୍ରାଙ୍କୁ ହତ୍ୟା କରିବା ପରେ ଅଖାରେ ଭର୍ତ୍ତି କରିବା ପାଇଁ ଗୋଡ଼ ଏବଂ ହାତକୁ ଦୀପକ ଭାଙ୍ଗିଥିବା ପୁଲିସ ସନ୍ଦେହ କରୁଛି।

ଅନ୍ୟପକ୍ଷରେ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ଦୀପକ ବୀମା ଟଙ୍କା ପାଇବା, ଦ୍ୱିତୀୟ ପତ୍ନୀ ଶୁଭମିତ୍ରାଙ୍କ ପାଇଁ ବୀମା କରିବା ଏହି ମାମଲା ପୂରା ଘଟଣାକୁ ନୂଆମୋଡ଼ ଦେଇଛି। ଘଟଣା ଘଟିବା ଓ ପରବର୍ତ୍ତୀ ସମୟରେ ଶୁଭମିତ୍ରାଙ୍କ ଜୀବନ ବୀମା କରାଇ ଥିବାରୁ ପୁଲିସର ସନ୍ଦେହ ବଢ଼ିଥିଲା। କିନ୍ତୁ ତଦନ୍ତ ବେଳେ ଘଟଣା ଟିକେ ଅଲଗା ଜଣା ପଡିଥିଲା ଓ ହତ୍ୟା କଲେ, ବୀମା ମିଳିବନି ବୋଲି ଜାଣିଥିଲା ଦୀପକ। ତେଣୁ ବୀମା ଟଙ୍କା ଛଡା ଅନେକ ଗୁଡିଏ ଦିଗ ରହିଛି ବୋଲି ଅନୁମାନ କରୁଛି ପୁଲିସ। ଏବେ ଦୀପକ ଏବଂ ଶୁଭମିତ୍ରାଙ୍କ ଆକାଉଣ୍ଟର ଖୋଳତାଡ଼ କରୁଛି ପୁଲିସ। ଦୀପକଙ୍କ ଠାରୁ ଶୁଭମିତ୍ର ୧୫ ଲକ୍ଷରୁ ଅଧିକ ଟଙ୍କା ନେଇଛନ୍ତି। ହେଲେ କଣ ପାଇଁ ନେଇଛନ୍ତି ତାହା ପୁଲିସ ଛାନ୍‌ଭିନ୍ କରୁଛି। ଏବେ କମିଶନରେଟ୍ ପୁଲିସ ଶୁଭମିତ୍ରାଙ୍କ ମା'ଙ୍କୁ ଜେରା କରିବ। ଶୁଭମିତ୍ରା ହତ୍ୟା ମାମଲାର ପର୍ଦ୍ଦାଫାସ ହୋଇଥିଲେ ମଧ୍ୟ ଅନେକ ଅସମାହିତ ପ୍ରଶ୍ନ ରହିଛି। ଯାହାକୁ ସମାଧାନ କରିବା ପାଇଁ କମିଶନରେଟ୍ ପୁଲିସ ଲାଗି ପଡ଼ିଛି।

### ଆବେଦନ ଫେରାଇନେଲା ଜେଏସପିଏଲ

# ଓଡ଼ିଶା ପାଇଁ ୨୬୦ ମେଗାୱାଟ ଶସ୍ତା ବିଦ୍ୟୁତ୍

ଭୁବନେଶ୍ୱର, ୨୩।୯(ସମିସ): ମଙ୍ଗଳବାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)ରେ ଏକ ଶୁଣାଣିରେ ରାଜ୍ୟବାସୀଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ) ଓଇଆରସିଙ୍କ ନିକଟରେ କରିଥିବା ଆବେଦନ ଫେରସ୍ତ କରିନେବା ପରେ ଓଡ଼ିଶାକୁ ଆସନ୍ତା ୨୫ ବର୍ଷ ପାଇଁ ୨୬୦ ମେଗାୱାଟ୍ ଶସ୍ତା ବିଦ୍ୟୁତ ମିଳିବା ଏକପ୍ରକାର ସୁନିଶ୍ଚିତ ହୋଇଛି।

ନିଜ ଆବେଦନରେ ଜେଏସ୍‌ପିଏଲ ୪୦୦ କିଲୋଭୋଲ୍ଟ ଲାଇନକୁ ରାଜ୍ୟ ଗ୍ରୀଡ୍ ସହ ସଂଯୋଗ କରିବା ପାଇଁ ଓପିଟିସିଏଲକୁ ପକ୍ଷ କରି ଓଇଆରସିଙ୍କ ନିକଟରେ ଗତ ଜୁଲାଇ ୨୮ ତାରିଖରେ ଆବେଦନ କରିଥିଲା। ମାଳିବ୍ରାହ୍ମଣୀଠାରେ ଥିବା ୫୨୫ ମେଗାୱାଟ୍ ବିଶିଷ୍ଟ ଦୁଇଟି ୟୁନିଟ୍‌ରୁ ଏହି ୪୦୦ କିଲୋଭୋଲ୍ଟ ଲାଇନ ରାଜ୍ୟ ଗ୍ରୀଡ୍ ସହ ସଂଯୋଗ ହୋଇଥିଲେ, ଏହାର ସିଧାସଳଖ ଫାଇଦା ଜେଏସପିଲଏକୁ ଯାଇଥା'ନ୍ତା। ତେବେ ମଙ୍ଗଳବାର ଓଇଆରସିରେ ଅନୁଷ୍ଠିତ ଶୁଣାଣିରେ ଅପ୍ରତ୍ୟାଶିତ ଭାବେ ଜେଏସପିଏଲ ନିଜ ଆବେଦନକୁ ପ୍ରତ୍ୟାହାର କରିନେବା ପରେ ଓଡ଼ିଶାର ଶସ୍ତା ବିଦ୍ୟୁତ୍ ଭାଗ ସୁନିଶ୍ଚିତ ହୋଇପାରିଛି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳର ମାଳିବ୍ରାହ୍ମଣୀଠାରେ ମୋନେଟ ପାୱାର କମ୍ପାନୀ ଦ୍ୱାରା ଆରମ୍ଭ ହୋଇଥିବା ୫୨୫ ମେଗାୱାଟ ବିଶିଷ୍ଟ ଦୁଇଟି ୟୁନିଟ ଅର୍ଥାତ ୧୦୫୦ ମେଗାୱାଟ କ୍ଷମତା ସମ୍ପନ୍ନ ଗୋଟିଏ ତାପଜ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରକୁ ଏକାଧିକ ପ୍ରକ୍ରିୟା ପରେ ୨୦୨୨ ଡିସେମ୍ବରରେ ଜେଏସପିଏଲ ମାତ୍ର ୪୧୦ କୋଟି ଟଙ୍କା ମୂଲ୍ୟରେ କ୍ରୟ କରିଥିଲା। ବାକି ଥିବା କାର୍ଯ୍ୟକୁ ଜେଏସପିଏଲ ସମ୍ପୂର୍ଣ୍ଣ କରିବା ପରେ ପ୍ଲାଣ୍ଟରୁ ପ୍ରାରମ୍ଭିକ ବିଦ୍ୟୁତ ଉତ୍ପାଦନ ପାଇଁ ଜେଏସପିଏଲ ନିର୍ମାଣ କରିଥିବା ୪୦୦ କିଲୋଭୋଲ୍ଟ ଲାଇନକୁ ରାଜ୍ୟ ଗ୍ରୀଡ୍ ସହିତ ସଂଯୋଗ କରିବା ଆବଶ୍ୟକ ପଡ଼ିଲା। ତେଣୁ, ଓପିଟିସିଏଲ (ଓଡ଼ିଶା ପାୱାର ଟ୍ରାନ୍ସମିସନ କର୍ପୋରେସନ ଲିମିଟେଡ) ଓ ଶକ୍ତି ବିଭାଗକୁ ପକ୍ଷକରି ଜେଏସପିଏଲ ଗତ ଜୁଲାଇ ୨୮ ତାରିଖରେ ଓଇଆରସିରେ ଆବେଦନ କରିଥିଲା।

ଓଇଆରସିରେ ଗତ ସେପ୍ଟେମ୍ବର ୯ ତାରିଖରେ ମାମାଲାର ଦ୍ୱିତୀୟ ଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଗ୍ରୀଡକୋ ସହ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ମଧ୍ୟ ଯୋଡ଼ି ହୋଇଥିଲେ। ଏହି ଶୁଣାଣିରେ ଗ୍ରୀଡକୋ କରିଥିବା ଅଭିଯୋଗକୁ ଜେଏସପିଏଲ ସମ୍ପୂର୍ଣ୍ଣ ଖଣ୍ଡନ କରିବା ସହ ଆଜି ପର୍ଯ୍ୟନ୍ତ ଗ୍ରୀଡକୋ କାହିଁକି ଜେଏସପିଏଲ ସହ ଏନସିଏଲଟି ମୁମ୍ବାଇ ଓ କଟକ ଆଦେଶ ଅନୁସାରେ ବିଦ୍ୟୁତ କ୍ରୟ ଚୁକ୍ତି ସମ୍ପାଦନ କରିନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ଏପରିକି, ଗ୍ରୀଡକୋ ନିଜ କର୍ତ୍ତବ୍ୟ ନକରି ପ୍ଲାଣ୍ଟ ଚାଲିବାରେ ବାଧା ସୃଷ୍ଟି କରୁଥିବା ଜେଏସପିଏଲ ଆୟୋଗଙ୍କୁ ଅଭିଯୋଗ କଲେ। ପ୍ଲାଣ୍ଟ ନଚାଲିଲେ ବିଦ୍ୟୁତ ମୂଲ୍ୟ ବୃଦ୍ଧି ପାଇବା ସହିତ ଇସ୍ପାତ ଉତ୍ପାଦନ ବାଧାପ୍ରାପ୍ତ ହେବ ବୋଲି ଜେଏସପିଏଲ ନିଜ ଯୁକ୍ତିରେ ଦର୍ଶାଇଥିଲା। ଜିନ୍ଦଲର ଅଭିଯୋଗରେ ଗ୍ରୀଡକୋ ନିରବ ରହିଥିବା ବେଳେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଅଂଶ ଗ୍ରହଣ କରି ନିଜ ପକ୍ଷ ରଖିଥିଲେ। ଓଡ଼ିଶାକୁ ଉପଲବ୍ଧ ୨୬୨.୫୦ ମେଗାୱାଟ ପାୱାର ଅତି ଶସ୍ତା ହୋଇଥିବାରୁ ଜିନ୍ଦଲକୁ ରାଜ୍ୟ ଗ୍ରୀଡ୍ ସଂଯୋଗ ଦେଇଦେଲେ ରାଜ୍ୟ ପ୍ରାପ୍ୟ ବିଦ୍ୟୁତ୍ ମିଳିବନାହିଁ। ପ୍ରାୟ ୬୦୦୦ କୋଟି ଟଙ୍କା ମୂଲ୍ୟର ପ୍ଲାଣ୍ଟକୁ ମାତ୍ର ୪୧୦ କୋଟି ଟଙ୍କାରେ ଜିନ୍ଦଲ କ୍ରୟ କରିଥିବା ବେଳେ ଏହାର ବିଦ୍ୟୁତ ମୂଲ୍ୟ ବହୁତ ଶସ୍ତା ରହିବ ବୋଲି ଯୁକ୍ତି ବାଢ଼ିଥିଲେ ଶ୍ରୀ ମହାପାତ୍ର। ଏହା ଉପରେ ଉତ୍ତର ରଖିବା ପାଇଁ ଆୟୋଗ ତୃତୀୟ ଶୁଣାଣୀ କରିବା ପାଇଁ ମଙ୍ଗଳବାର ଧାର୍ଯ୍ୟ କରିଥିବା ବେଳେ ଜେଏସପିଏଲ ନିଜ ଦରଖାସ୍ତକୁ ଫେରାଇ ନେଇଥିବା ଜଣାପଡ଼ିଛି।

## ରଦ୍ଦ ହୋଇନି ମେଟ୍ରୋ ପ୍ରକଳ୍ପ

ଭୁବନେଶ୍ୱର, ୨୩।୯(ସମିସ): କଟକ-ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ରଦ୍ଦ କରାଯାଇନାହିଁ। ଏହି ପ୍ରକଳ୍ପ ରାଜ୍ୟ ସରକାର ବର୍ତ୍ତମାନ ପରୀକ୍ଷାଧୀନ ଭାବେ ରଖିଛନ୍ତି। ବିଧାନସଭାରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ସାରଦା ପ୍ରସାଦ ନାୟକଙ୍କ ଭିନ୍ନଭିନ୍ନ ପ୍ରଶ୍ନର ଲିଖିତ ଉତ୍ତର ଦେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଉତ୍ତରରେ କହିଛନ୍ତି, ଦ୍ୱୈତନଗରୀ ମେଟ୍ରୋ ରେଳ ପ୍ରକଳ୍ପକୁ ପାଇଁ ଏକ ଆନ୍ତଃ- ମନ୍ତ୍ରିସ୍ତରୀୟ କମିଟି ଗଠନ କରାଯାଇଛି। କମିଟିର ରିପୋର୍ଟ ଓ ସୁପାରିଶ ପ୍ରାପ୍ତ ହେବା ପରେ ସରକାର ଆଗାମୀ ଦିନରେ ନିଷ୍ପତ୍ତି ନେବେ। ଏ ପର୍ଯ୍ୟନ୍ତ ମୋଟ ୨୭୭.୩୬କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହି ଖର୍ଚ୍ଚ ମଧ୍ୟରୁ ୨୦୨୪ ଜୁନ୍ ୧୨ପରେ ୨୫୨.୫ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ୩ ବର୍ଷରେ ୧୦୧ ଶିଶୁ ଶ୍ରମିକ ଉଦ୍ଧାର

ବିଗତ ତିନି ବର୍ଷରେ ୧୦୧ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି। ୨୦୨୨-୨୩ରେ ୫ଜଣ ଶିଶୁ ଉଦ୍ଧାର ହୋଇଥିବା ବେଳେ ୨୦୨୩-୨୪ରେ ୪୫ଜଣ ଶିଶୁ ଉଦ୍ଧାର ହୋଇଥିଲେ। ସେହିଭଳି ୨୦୨୪-୨୫ରେ ୫୧ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି। ବିଧାନସଭାରେ ବିଧାୟିକା ଉପାସନା ମହାପାତ୍ରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ଉତ୍ତର ଅନୁସାରେ, ଶିଶୁ ଶ୍ରମିକ ନିଯୁକ୍ତିଦାତାଙ୍କ ବିରୋଧରେ ୧୧୬ଟି ମାମଲା ରୁଜୁ କରାଯାଇଛି। ଶିଶୁ ଶ୍ରମିକ ଗଣନା ୧୯୯୭ ଅନୁଯାୟୀ, ରାଜ୍ୟରେ ୨ ଲକ୍ଷ ୧୫ ହଜାର ୨୨୨ଜଣ ଶିଶୁ ଶ୍ରମିକଙ୍କୁ ଚିହ୍ନଟ କରାଯାଇଥିଲା। ୧୯୯୭ ମସିହା ପରଠାରୁ ଶିଶୁ ଶ୍ରମିକ ଗଣନା ହୋଇନାହିଁ।



### ବିଧାନସଭା ଖବର

## ୫୬ ଅଯୋଗ୍ୟ ହିତାଧିକାରୀ ଫେରାଇଲେ ଅନ୍ତ୍ୟୋଦୟ ଅର୍ଥ

ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅଯୋଗ୍ୟ ହିତାଧିକାରୀ ଘର ପାଇଁ ଅର୍ଥ ପାଇଥିଲେ। ଏଭଳି ୫୬ଅଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଘର ବାବଦକୁ କିସ୍ତି ରାଶି ପ୍ରଦାନ କରାଯାଇଥିଲା। ସେମାନଙ୍କ ଆକାଉଣ୍ଟକୁ ବି କିସ୍ତି ଟଙ୍କା ଯାଇଥିଲା। ପ୍ରଥମେ ସାମିଲ ହେବା ପରେ, ପୁନଃ ତଦନ୍ତ କରାଯାଇ ସରକାର ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇଛନ୍ତି। ସେମାନଙ୍କୁ ଯାଇଥିବା ସମସ୍ତ ଅର୍ଥ ସରକାର ଫେରସ୍ତ ଆଣିଛନ୍ତି। ବିଧାନସଭାରେ ବିଧାୟକ ଗୌତମବୁଦ୍ଧ ଦାସଙ୍କ ପ୍ରଶ୍ନରେ ଉତ୍ତର ଦେଇ ପଞ୍ଚାୟତିରାଜ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁସାରେ, ଅନ୍ତ୍ୟୋଦୟ ଗୃହ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୯୧,୫୨୨ଜଣ ହିତାଧୁକାରୀଙ୍କୁ ୪୯୨କୋଟି ଟଙ୍କାର ଅର୍ଥ ରାଶି କିସ୍ତି ମାଧ୍ୟମରେ ପ୍ରଦାନ କରାଯାଇଛି।

## ଓଡ଼ିଆରେ ନାମ ଫଳକ ନ ଲେଖି ୧୦୦ ବ୍ୟବସାୟ ପ୍ରତିଷ୍ଠାନ ଗଣିବେ ଦଣ୍ଡ

ଭୁବନେଶ୍ୱର,୨୩।୯(ସମିସ): ଆଇନ ଖିଲାପକାରୀ ୧୦୦ଟି ବ୍ୟବସାୟ ପ୍ରତିଷ୍ଠାନ ମାଲିକଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଛି। ସେହିଭଳି ୧୬୦୬ଟି ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ଲେଖା ହୋଇ ନଥିବାରୁ ବ୍ୟବସାୟ ପ୍ରତିଷ୍ଠାନ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ବିଧାନସଭାରେ ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତର ରଖି ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ଉତ୍ତର ଅନୁସାରେ, ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୩୮ ମକଦ୍ଦମା ରୁଜୁ ହୋଇଛି। ଏହାସହ ଝାରସୁଗୁଡ଼ାରେ ୨୩୭, ଖୋର୍ଦ୍ଧାରେ ୨୧ବ୍ୟବସାୟ ପ୍ରତିଷ୍ଠାନକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ମୋଟ ୨୮୫୨ଟି ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ନିମନ୍ତେ ନିରୀକ୍ଷଣ କରାଯାଇଛି। ଏଥିରୁ ୧୬୦୬ଟି ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ କରି ନଥିବା କାରଣରୁ ପ୍ରତିଷ୍ଠାନର ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେଥିମଧ୍ୟରୁ ଉକ୍ତ ଆଇନର ଖିଲାପକାରୀ ୧୦୦ଟି ପ୍ରତିଷ୍ଠାନ ମାଲିକଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଛି। ଯଦି କୌଣସି ପ୍ରତିଷ୍ଠାନ/ସଂସ୍ଥାର ମାଲିକ ଏହି ଅଧିନିୟମର କୌଣସି ବ୍ୟବସ୍ଥାର ଉଲ୍ଲଙ୍ଘନ କରନ୍ତି, ତେବେ ସେ ଦୋଷୀ ସାବ୍ୟସ୍ତ ହେଲେ ପ୍ରଥମଥର ଏକ ହଜାର ଟଙ୍କାରୁ ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ଦ୍ୱିତୀୟଥର ବା ପରବର୍ତ୍ତୀ ଅପରାଧ ନିମନ୍ତେ ୨ହଜାର ଟଙ୍କାରୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନାରେ ଦଣ୍ଡିତ ହେବାର ପ୍ରାବଧାନ ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

### ସୋଆ ବିଶ୍ୱବିଦ୍ୟାଳୟରେ ବକ୍ତୃତା କାର୍ଯ୍ୟକ୍ରମ

# ରାଜ୍ୟ ଓ ଧର୍ମର ସମ୍ପର୍କ ବିଚ୍ଛିନ୍ନ ହେଲେ ମହିଳାଙ୍କୁ ସମାନତା ମିଳିପାରିବ: ତସ୍‌ଲିମା

ଭୁବନେଶ୍ୱର, ୨୩।୯ (ସମିସ): ମହିଳାଙ୍କୁ ପ୍ରକୃତ ସମାନତା ପ୍ରଦାନ କରିବାକୁ ହେଲେ ରାଜ୍ୟ ଓ ଧର୍ମର ସମ୍ପର୍କକୁ ବିଚ୍ଛିନ୍ନ କରିବାର ଆବଶ୍ୟକତା ରହିଛି। ମଙ୍ଗଳବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ବକ୍ତୃତା କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ଲେଖିକା ତଥା ସାମାଜିକ କର୍ମୀ ଡ. ତସ୍‌ଲିମା ନସରିନ୍ ଏହା କହିଛନ୍ତି।




ଡ. ନସରିନ୍ କହିଥିଲେ, ଆଇନ ସମାନତା ଏବଂ ମାନବାଧିକାର ଉପରେ ପର୍ଯ୍ୟବସିତ ହେବା ଉଚିତ। ଏହା କୌଣସି ଧାର୍ମିକ ସିଦ୍ଧାନ୍ତ ଦ୍ୱାରା ପରିଚାଳିତ ହେବା ଉଚିତ ନୁହେଁ, ଯାହାକି ମହିଳାଙ୍କୁ ସେମାନଙ୍କର ଅଧିକାରରୁ ବଞ୍ଚିତ କରେ। ଏହି ଅବସରରେ ସେ ନିଜର ଜୀବନୀ ଓ ସଂଘର୍ଷ ସଂପର୍କରେ ଆଲୋକପାତ କରିଥିଲେ। ନିଜର ଲେଖନୀ, ମତ ପାଇଁ କିଭଳି ତାଙ୍କୁ ବାଂଲାଦେଶରୁ ନିର୍ବାସିତ କରାଯାଇଥିଲା, ତାହାର ଅନୁଭୂତି ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ବାଂଲାଦେଶର ମୈମେନ୍‌ସିଂର ଏକ ଧର୍ମନିରପେକ୍ଷ ମୁସଲିମ୍ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପା ଜଣେ ଡାକ୍ତର ଥିଲେ ଏବଂ ତାଙ୍କୁ ମଧ୍ୟ ଡାକ୍ତର ହେବାକୁ ପ୍ରୋତ୍ସାହିତ କରିଥିଲେ। ମାତ୍ର ୧୨ବର୍ଷ ବୟସରେ ସେ ଜଣେ ନାସ୍ତିକ ବୋଲି ଅନୁଭବ କରିଥିଲେ। ମହିଳାମାନେ ଧର୍ମ, ସଂସ୍କୃତି, ପ୍ରଥା ଏବଂ ପରମ୍ପରା ଭିତରେ ଦବି ହୋଇ ରହିଯାଉଛନ୍ତି। କିନ୍ତୁ ସେମାନେ ଏହାକୁ ଉତ୍ପୀଡନ ବଦଳରେ ପରମ୍ପରା ବୋଲି ବିବେଚନା କରୁଛନ୍ତି। ତେଣୁ, ସମସ୍ତଙ୍କୁ ଏକାଠି ହୋଇ ମହିଳାଙ୍କ ଅଧିକାରର ସୁରକ୍ଷା କରିବା ଆବଶ୍ୟକ। ପୁରୁଷମାନଙ୍କ ସହ ସମାନତା ଏକ ପଶ୍ଚିମ ସଭ୍ୟତାର ଧାରଣା ନୁହେଁ। ଯଦି ମହିଳାମାନେ ପ୍ରଶ୍ନ କରିବାର ସାହସ ରଖିପାରିବେ, ତେବେ ପରିବର୍ତ୍ତନ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର୍ ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର୍ ଜ୍ୟୋତିରଞ୍ଜନ ଦାସ ପରିଚାଳନା କରିଥିଲେ। ଶେଷରେ ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଣ୍ଟ ଆଫାୟାର୍ସ) ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ଧନ୍ୟବାଦ ଦେଇଥିଲେ।

GANDHI +2 SCIENCE COLLEGE
Walk-in-Interview Date : 26 & 27/09/2025, 08 & 13/10/2025 Time : 10 AM

| POST | QUALIFICATION | EXPERIENCE | AGE LIMIT |
| --- | --- | --- | --- |
| Data Entry Operator (2-M/F) | Min. Graduation/ MCA | Min. 2 yrs | 25-40 yr. |
| Accountant (2-M/F) | Min. Graduation | Min. 3 yrs | 30-50 yr. |
| Admission Counsellor (2-M/F) | Min. Graduation/MBA | Min. 3 yrs | 25-40 yr. |
| Front Office Executive (2-M/F) | Min. Graduation/MBA | Min. 2 yrs | 25-40 yr. |
| Admission In charge (2-M/F) | Min. Graduation | Min. 3 yrs | 30-45 yr. |
| Marketing Executive (5-M/F) | Min. Graduation | Min. 2 yrs | 25-50 yr. |
| Academic Co-ordinator (2-M/F) | Min. Graduation | Min. 2 yrs | 25-40 yr. |
| Senior Management Staff (3-M/F) | Min. Graduation | Min. 5 yrs | 35-50 yr. |
| Junior Lect. (All Department) | Min. P.G | Min. 2 yrs | 25-30 yr. |
| Telecaller (2-F) | Min. Graduation | Min. 1 yr | 25-40 yr. |
| Hostel Warden (4-M/F) | Min. +2 | Min. 2 yrs | 30-50 yr. |
| Cook & Helper (4-M) | | | |
| Driver (2-M) | Should have Licence | | |

Send your Bio-Data By Whatsapp/ By Hand & Come for Interview
Call & Whatsapp : 9439363437, 8144040281
Shantikanan Lane, Mallikashpur, Balasore | New Campus : Tarini Chhak, Mathasahi Near Nayanakumari School, Balasore

# ସକାଳ
THE SAKALA


## ନବୀନ-ଅର୍ଥନୀତି

ଗତ ପ୍ରାୟ ଦଶ ବର୍ଷ(୨୦୧୩-୧୪ ରୁ ୨୦୨୨-୨୩ ଆର୍ଥିକ ବର୍ଷ) ଭିତରେ ୨୮ଟି ରାଜ୍ୟର ସାମଗ୍ରିକ ସରକାରୀ ଋଣ ପରିମାଣ ପ୍ରାୟ ୫୯.୬୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ତିନି ଗୁଣରୁ ଅଧିକ ହାରରେ ବଢ଼ିଛି। ରାଜ୍ୟ ଅର୍ଥସଚିବମାନଙ୍କର ଜାତୀୟସ୍ତରୀୟ ସମ୍ମିଳନୀରେ ଏହି ଉଦ୍‌ବେଗଜନକ ସୂଚନା ଦେଇଛନ୍ତି ସିଏଜି। ଦେଶରେ ପ୍ରଥମ ଥର ପାଇଁ ହୋଇଥିବା ଏଭଳି ସମୀକ୍ଷା ଆଧାରିତ ସୂଚନା ଅନୁଯାୟୀ ଏହି ସାମଗ୍ରିକ ଋଣ ପରିମାଣ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ର ପାଖାପାଖି ୨୩%। ଅଣ ଋଣ ଓ ରାଜସ୍ୱର ୧୫୦ ପ୍ରତିଶତ। ଏତେ ବିଶାଳ ଋଣ ଭାରରେ ଅର୍ଥନୈତିକ ଅଭିବୃଦ୍ଧିର ଯେଉଁ ଚିତ୍ର ପ୍ରଦର୍ଶିତ ହେଉଛି ତାହାର ସମାବେଶୀ ପ୍ରଭାବକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। କିନ୍ତୁ ଏହି ରିପୋର୍ଟ ମଧ୍ୟରେ ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଋଣ-ଜିଏସ୍‌ଡିପି ଅନୁପାତରେ ଓଡ଼ିଶା ସମଗ୍ର ଦେଶରେ ସବୁଠାରୁ କମ୍(୮.୪୫ ପ୍ରତିଶତ) ରହି ବିତ୍ତୀୟ ପରିଚାଳନାରେ ଶୀର୍ଷସ୍ଥାନ ହାସଲ କରିଛି। ଋଣ ପରିଚାଳନା କ୍ଷେତ୍ରରେ ପଞ୍ଜାବ(୪୦.୩୫%), ପଶ୍ଚିମବଙ୍ଗ(୩୩.୭୦) ଓଡ଼ିଶାଠାରୁ ବହୁ ପଛରେ ରହିଛନ୍ତି।

ଋଣ ପରିଚାଳନା ନିୟମ ଅନୁଯାୟୀ କେବଳ ନିବେଶ କିମ୍ବା ପୁଞ୍ଜି ବ୍ୟୟ ପାଇଁ ଋଣ କରାଯିବା ଉଚିତ। ଓଡ଼ିଶା ଏ କ୍ଷେତ୍ରରେ ଯଥେଷ୍ଟ ସଂଯମ ଅବଲମ୍ବନ କରି ନୀତି ନିୟମର ଅନୁପାଳନ ଦ୍ୱାରା ରାଜସ୍ୱ ବଳକା ରାଜ୍ୟ ଭାବେ ଦେଶରେ ତୃତୀୟ ସ୍ଥାନ ହାସଲ କରିପାରିଛି। ବିଗତ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଗରିବ ରାଜ୍ୟର କଳଙ୍କିତ ଟିକା ପିନ୍ଧିଥିବା ଓଡ଼ିଶାର ଏହି ଈର୍ଷଣୀୟ ସଫଳତା କେବଳ ସମ୍ଭବ ହୋଇପାରିଛି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ବିଜେଡି ସରକାରଙ୍କ ବିତ୍ତୀୟ ପରିଚାଳନାରେ ବିଚକ୍ଷଣତା ଯୋଗୁଁ। ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶାକୁ ଏକ ଦ୍ରୁତପ୍ରଗତିଶୀଳ ରାଜ୍ୟ ଭାବରେ ପରିଗଣିତ କରିବା ଏତେ ସହଜ ନଥିଲା। ନବୀନ ବାବୁଙ୍କ ଦୂରଦର୍ଶୀ ବିତ୍ତୀୟ ପରିଚାଳନା ଓ ସଂଯମ ଯୋଗୁଁ ଋଣ ପରିମାଣ ଧାର୍ଯ୍ୟ ଅନୁପାତର ଲକ୍ଷଣରେଖା ମଧ୍ୟରେ ରହିପାରିଛି ଏବଂ ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଛି। ଏପରିକି ରାଜ୍ୟର ଜିଡିପି ଏକଦା ଜାତୀୟ ହାରକୁ ଟପିପାରିଛି। ପ୍ରଗତିଶୀଳ ଓଡ଼ିଶାର ବିବର୍ତ୍ତନର ଇତିହାସରେ ବିକାଶର ବିନ୍ଧାଣୀ ନବୀନ ପଟ୍ଟନାୟକଙ୍କ ଅର୍ଥନୀତି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ- ଏହା ବିରୋଧୀ ମଧ୍ୟ ସ୍ୱୀକାର କରିବେ।

## ଶିକ୍ଷାକୁ 'ନା', ମଦକୁ 'ହଁ'

ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାରେ ଜାତୀୟ ଶିକ୍ଷା ଶିକ୍ଷକ ପରିଷଦ ଦ୍ୱାରା ଧାର୍ଯ୍ୟ ମାନଦଣ୍ଡ ପୂରଣ କରି ନ ଥିବା କାରଣରୁ ଓଡ଼ିଶାର ଗୋଟିଏ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ (ବିଇଡି କଲେଜ୍)ର ସ୍ୱୀକୃତି ପ୍ରତ୍ୟାହାର ପାଇଁ ସୁପାରିସ କରାଯାଇଥିବା ବେଳେ ସମାନ କାରଣରୁ ରାଜ୍ୟର ସମସ୍ତ ୧୬ଟି ବିଇଡି କଲେଜ ଏବଂ ସେଥିରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେଥିମଧ୍ୟରୁ ଆଠଟି କଲେଜ୍‌କୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇସାରିଥିବାରୁ ଆସନ୍ତା ଶିକ୍ଷାବର୍ଷରୁ ସେଠାରେ ନାମଲେଖା ଅନିଶ୍ଚିତ ହୋଇପଡ଼ିଛି। ବିଦ୍ୟାଳୟଗୁଡ଼ିକ ଶିକ୍ଷାମନ୍ଦିର ଓ ମଣିଷ ତିଆରି କାରଖାନା ଭାବେ ବିଦିତ। ତେଣୁ ମଣିଷଙ୍କୁ ତିଆରି କରୁଥିବା ଯନ୍ତ୍ର(ଶିକ୍ଷକ/ଶିକ୍ଷୟିତ୍ରୀ) ଯଦି ସୃଷ୍ଟି ନ ହେବେ ମଣିଷ ତିଆରି କରିବ କିଏ?

ଆମ ରାଜ୍ୟରେ ଛାତ୍ର-ଶିକ୍ଷକ ଅନୁପାତ ନୈରାଶ୍ୟଜନକ। ଏଭଳି ସ୍ଥିତିରେ ଯଦି ଗୋଟିଏ ପରେ ଗୋଟିଏ ବିଇଡି କଲେଜ୍ ବନ୍ଦ ହୋଇଯାଏ, ତେବେ ମଣିଷ ତିଆରି କାରଖାନାରୁ ସୃଷ୍ଟ ଉତ୍ପାଦମାନେ କେତେ ସାମାଜିକ ତତ୍ତ୍ୱ ପଦବାଚ୍ୟ ହେବେ ତାହା ଅନୁମାନସାପେକ୍ଷ। ଅପରପକ୍ଷରେ ବନ୍ଦ ପଡ଼ିଥିବା ୭୦ଟି ଅତିରିକ୍ତ ମଦଦୋକାନ ଖୋଲିବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଥିବା ବେଳେ ଚାରିଟି ମଦ ତିଆରି କାରଖାନା ପ୍ରତିଷ୍ଠା ପ୍ରସ୍ତାବ ବିଚାରାଧୀନ ଥିବା ବିଧାନସଭାରେ ସୂଚନା ଦେଇଛନ୍ତି।

ଉପରୋକ୍ତ ଦୁଇ ସ୍ୱର୍ଶକାତର ପ୍ରସଙ୍ଗକୁ ଏକାଠି ତର୍ଜମା କଲେ ଆଗାମୀ ଦିନରେ ରାଜ୍ୟରେ ସାମାଜିକ ସ୍ଥିତି କେତେ ସମ୍ବେଦନଶୀଳ ଓ ଉଦ୍‌ବେଗଜନକ ହେବାକୁ ଯାଉଛି ତାହା କେତେକାଂଶରେ ସ୍ପଷ୍ଟ ହେବ। ହୁଏତ ପ୍ରସ୍ତାବିତ ମଦ କାରଖାନା ଓ ମଦ ଦୋକାନ ପାଇଁ ବିଶେଷ ଗ୍ରାହକ ସମସ୍ୟା ସୃଷ୍ଟି ହେବନାହିଁ। କାରଣ ବିନା ଶିକ୍ଷକରେ ମଣିଷ ତିଆରି କାରଖାନାରୁ ଯେଉଁ ଉତ୍ପାଦମାନେ ବାହାରିବେ ସେମାନେ ଅଚିରେ କ୍ରମବର୍ଦ୍ଧିଷ୍ଣୁ ମଦ କାରଖାନା ଓ ଦୋକାନଗୁଡ଼ିକର ଗ୍ରାହକ ହୋଇଯିବେ। ସାମାଜିକ ଶାନ୍ତି ଓ ସ୍ଥିରତାରେ ସେହି ଗ୍ରାହକମାନଙ୍କର ଅବଦାନ କ'ଣ ହେବ ତାହା ବୁଝାଇ କହିବା ଅନାବଶ୍ୟକ। ଶିକ୍ଷା ଏକ ଜଞ୍ଜାଳମୟ ଓ ସମସ୍ୟାବହୁଳ କ୍ଷେତ୍ର(ରୁଗ୍‌ଣ ଶିଳ୍ପ)। ଶିକ୍ଷକ ବିନା ଛାତ୍ରଛାତ୍ରୀ ସ୍କୁଲ୍ ନ ଆସିଲେ ସେଗୁଡ଼ିକ ଆପେ ବନ୍ଦ ହୋଇଯିବ ଏବଂ ସେ ବାବଦ ଅର୍ଥ ଚିନ୍ତାରୁ ସରକାର ଅନ୍ତତଃ ମୁକ୍ତ ହୋଇପାରିବେ। ଅପରପକ୍ଷେ ମଦ ଦୋକାନ ଓ କାରଖାନାର ରାଜସ୍ୱରେ ରାଜକୋଷ ପୁଷ୍କଳ ହେବା ନିଶ୍ଚିତ। ତେଣୁ ଉପରୋକ୍ତ ଚତୁର ଓ ଅଭିନବ ସାମାଜିକ-ଅର୍ଥନୈତିକ ସମୀକରଣରେ ସରକାରଙ୍କୁ ଦୁଇ ପଟୁ ଫାଇଦା ହେବ ଏବଂ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ହୋଇପାରିବ। ତେବେ ଏହା କ'ଣ ୨୦୩୬ର ବିକଶିତ ଓଡ଼ିଶାର ମୂଳଦୁଆ?

ଏହି ବ୍ୟଙ୍ଗଧର୍ମୀ ଉପସ୍ଥାପନା ଭିତରେ ଲୁଚି ରହିଥିବା ଗୂଢ଼ ସ୍ୱର୍ଶକାତର ସଙ୍କେତକୁ ନୀତି ନିର୍ଦ୍ଧାରକମାନେ ହୃଦୟଙ୍ଗମ କରନ୍ତୁ। ମାନଦଣ୍ଡ ସମ୍ପର୍କିତ ବିଷମ ପରିସ୍ଥିତିରୁ ବିଇଡି କଲେଜଗୁଡ଼ିକ ଏତେ ଶୀଘ୍ର ମୁକୁଳିବା ସହଜ ନୁହେଁ। ଏହି ଜଟିଳ ସମସ୍ୟାର ସମାଧାନ ପାଇଁ ସରକାରୀ ହସ୍ତକ୍ଷେପ ନିହାତି ଜରୁରୀ। ଡବଲ୍ ଇଞ୍ଜିନ୍ ସରକାରରେ ନୀତି ଓ ନିୟମ କୋହଳ କିମ୍ବା ପରିବର୍ତ୍ତନରେ ବିଶେଷ ଅସୁବିଧା ହେବନାହିଁ। ସରକାର ମଦ କାରଖାନା ଓ ମଦ ଦୋକାନ ଖୋଲିବା ନିଶାରୁ ମୁକୁଳି ସାମଗ୍ରିକ ଶିକ୍ଷା ବ୍ୟବସ୍ଥାର ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ। ସରକାରଙ୍କ ଏପରି ଅପରିଣାମଦର୍ଶୀ ନୀତି ରାଜ୍ୟର ଚପଳମତି କିଶୋରମାନଙ୍କୁ ପଥଭ୍ରଷ୍ଟ କରିବା ସହ 'ସର୍ବଶିକ୍ଷା ଅଭିଯାନ'ର 'ଚଲୋ ସ୍କୁଲ୍ ଚଲେ ହମ୍' ସ୍ଲୋଗାନ୍‌କୁ ଅର୍ଥହୀନ କରିବ। ଏଭଳି ଆଶଙ୍କିତ ପଦଧ୍ୱନି ଶୁଭିବା ପୂର୍ବରୁ ସରକାର ଆତ୍ମସମୀକ୍ଷା କରନ୍ତୁ। ସାମାଜିକ-ଅର୍ଥନୀତିରେ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରନ୍ତୁ। ମଦ କାରଖାନାର ତତ୍ପରତା ବନ୍ଦ ପଡ଼ିଥିବା ଚିନି ଓ ସୂତାକଳରେ ପ୍ରତିଫଳିତ ହେଲେ ଓଡ଼ିଶାର ଶିଳ୍ପାୟନ, ରୋଜଗାର ଓ ଅର୍ଥନୀତି ଗତିଶୀଳ ହେବ।





ପଡ଼ୋଶୀର ଉନ୍ନତି ପ୍ରତି ଅଧିକ ଯତ୍ନବାନ ହେବା ଆବଶ୍ୟକ।
-ମଦର ଟେରେସା

# ସାକ୍ଷର ଭାରତର ନବନିରକ୍ଷର

ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ

ଦେଶକୁ ଶକ୍ତିଶାଳୀ କରିବା ପାଇଁ କେବଳ ଜନସଂଖ୍ୟା ନୁହେଁ, ଜନସଂଖ୍ୟାର ମସ୍ତିଷ୍କଶକ୍ତିର ଆବଶ୍ୟକତା ଅଧିକ। ମସ୍ତିଷ୍କଶକ୍ତି ନିର୍ଭର କରେ ଶିକ୍ଷା ଉପରେ। ଶିକ୍ଷାର ମୂଳଭିତ୍ତି ହେଉଛି ସାକ୍ଷରତା। ସାକ୍ଷରତା ଅର୍ଥ କେବଳ ପଢ଼ିବା ଓ ଲେଖିବାର ମୌଳିକ କ୍ଷମତା ନୁହେଁ, ସାକ୍ଷରତା ହେଉଛି ଜ୍ଞାନର ଦ୍ୱାର। ବିଭିନ୍ନ କ୍ଷେତ୍ରରେ ସୂଚନା ପ୍ରାପ୍ତି, ନିଷ୍ପତ୍ତି ନେବାର ସାମର୍ଥ୍ୟ, ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ ଓ ଆର୍ଥ-ସାମାଜିକ ସ୍ଥିତିରେ ଉନ୍ନତି ଆଣିବା କ୍ଷେତ୍ରରେ ସାକ୍ଷରତା ହେଉଛି ମାଧ୍ୟମ। ଶିକ୍ଷା, ରୋଜଗାର ଓ ଆତ୍ମବିଶ୍ୱାସ ବୃଦ୍ଧି ନିମନ୍ତେ ଏହା ଖୋଲିଦିଏ ପରିବର୍ତ୍ତନର ଦ୍ୱାର। ଅନ୍ୟପକ୍ଷରେ ନିରକ୍ଷର ଜାତି ପାଇଁ ପ୍ରଗତିର ସ୍ୱପ୍ନ ସର୍ବଦା ଅଧୁରା। ନିରକ୍ଷରତା ନିର୍ଦ୍ଦିଷ୍ଟ କୌଣସି ରାଷ୍ଟ୍ରର ସୀମା ମଧ୍ୟରେ ଆବଦ୍ଧ ନୁହେଁ, ଏହା ଏକ ବିଶ୍ୱବ୍ୟାପୀ ସମସ୍ୟା। ଏଥିରୁ ମୁକୁଳିବା ପାଇଁ ସର୍ବପ୍ରଥମେ ଗ୍ରେଟବ୍ରିଟେନରେ ପ୍ରୟାସ ଆରମ୍ଭ ହୋଇଥିଲା ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ। ଏହାକୁ ଅନୁକରଣ କରି ବିଶ୍ୱର ବିଭିନ୍ନ ଦେଶରେ ଆୟୋଜିତ ହେଲା ସାକ୍ଷରତା କାର୍ଯ୍ୟକ୍ରମ। ତେବେ ସାରାବିଶ୍ୱରେ ଏହା ଏକ ଆନ୍ଦୋଳନରେ ପରିଣତ ହୋଇ ପାରିଥିଲା ୟୁନେସ୍କୋ ପ୍ରତିଷ୍ଠା ହେବା ପରେ। ବିଶେଷ କରି ୧୯୪୯ ମସିହାରେ ଡେନମାର୍କର ଏଲସିନୋଠାରେ ଆୟୋଜିତ ୟୁନେସ୍କୋର ସ୍ୱତନ୍ତ୍ର ଅଧିବେଶନ ପରେ ବ୍ୟାପକ ହେଲା ସାକ୍ଷରତା ଅଭିଯାନ। ୧୯୬୫ ମସିହା ସେପ୍ଟେମ୍ବର ୮ ତାରିଖରେ ଇରାନର ରାଜଧାନୀ ତେହେରାନଠାରେ ଅନୁଷ୍ଠିତ ୟୁନେସ୍କୋ ସମ୍ମିଳନୀରେ ସେହି ଦିବସଟିକୁ 'ଆନ୍ତର୍ଜାତିକ ସାକ୍ଷରତା ଦିବସ' ଭାବେ ପାଳନ କରିବାକୁ ପ୍ରସ୍ତାବ ଗୃହୀତ ହେଲା ଏବଂ ଜାତିସଂଘର ଅନୁମୋଦନକ୍ରମେ ୧୯୬୬ ମସିହାରୁ ଏହା ପାଳିତ ହୋଇଆସୁଛି। ଇତିମଧ୍ୟରେ ପ୍ରାୟ ୫୦ ବର୍ଷ ଅତିକ୍ରାନ୍ତ ହୋଇସାରିଛି ଏବଂ ସାକ୍ଷରତା ଅଭିଯାନକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ପ୍ରାୟତଃ ଶତ ପ୍ରତିଶତ ସଫଳତା ହାସଲ କରିପାରିଛନ୍ତି ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ ଓ ରୁଷିଆ ଆଦି ବିକଶିତ ରାଷ୍ଟ୍ର।

ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ ହେବାର ଗୋଟିଏ ଦଶନ୍ଧି ପରେ ଭାରତ ନିରକ୍ଷରତାକୁ ଏକ ଜାତୀୟ ସମସ୍ୟାଭାବେ ଗ୍ରହଣ କଲା ଏବଂ ୧୯୭୭ ମସିହା ଗାନ୍ଧୀ ଜୟନ୍ତୀ ଠାରୁ ଦେଶରେ ଆରମ୍ଭ ହେଲା ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ। ୧୯୮୬ ମସିହାରେ ଦେଶରେ ଜାତୀୟ ଶିକ୍ଷାନୀତି ଘୋଷଣା ହେବା ସହିତ ୨୦୦୦ ମସିହା ସୁଦ୍ଧା ଦେଶରୁ ନିରକ୍ଷରତା ବ୍ୟାଧିର ମୂଳୋତ୍ପାଟନ ପାଇଁ ଧାର୍ଯ୍ୟ ହେଲା ଲକ୍ଷ୍ୟ। ଏହାକୁ ଦୃଷ୍ଟିରେ ରଖି ୧୯୮୮ ମସିହାରୁ କାର୍ଯ୍ୟକାରୀ ହେଲା ଜାତୀୟ ସାକ୍ଷରତା ମିଶନ। ସାର୍ବଜନୀନ ଶିକ୍ଷାକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରଣୟନ ହେଲା ସ୍ୱତନ୍ତ୍ର ଜାତୀୟ ଶିକ୍ଷାନୀତି। ୧୯୯୩ ମସିହାରେ ଏକ ଐତିହାସିକ ରାୟ ପ୍ରଦାନ କରି ମାଗଣାରେ ପାଠ ପଢ଼ି ଶିକ୍ଷିତ ହେବା ଏ ଦେଶର ସବୁ ପିଲାଙ୍କର ମୌଳିକ ଅଧିକାର ବୋଲି ଘୋଷଣା କଲେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ। ଏହାଦ୍ୱାରା ଆଇନର କାର୍ଯ୍ୟକାରିତା ତଥା ଲକ୍ଷ୍ୟ ହାସଲ ଦିଗରେ ପ୍ରକାଶ ପାଇଲା ତତ୍ପରତା। ମାତ୍ର ସବୁ ସତ୍ତ୍ୱେ ବି ଦେଶରୁ ହଟିଲାନି ନିରକ୍ଷରତା।

୧୯୪୭ ମସିହାରେ ଭାରତ ସ୍ୱାଧୀନତା ସମୟରେ ଆମର ସାକ୍ଷରତା ହାର ଥିଲା ୧୨ ଶତାଂଶ। ସାକ୍ଷରତା କ୍ଷେତ୍ରରେ ଗ୍ରାମୀଣ ଜନସଂଖ୍ୟା, ମହିଳା ଓ ଦଳିତ ଜାତିର ଲୋକଥିଲେ ବହୁ ପଛରେ। ତେଣୁ ଦେଶ ସ୍ୱାଧୀନ ହେବାର ବହୁ ପୂର୍ବରୁ ନିରକ୍ଷରତାକୁ ଏକ ମହାବ୍ୟାଧି ରୂପେ ଚିହ୍ନଟ କରିଥିଲେ ଜାତିର ଜନକ ମହାତ୍ମା ଗାନ୍ଧୀ। ଏହାର ନିରାକରଣ ପାଇଁ ନାରୀ ଶିକ୍ଷା ଓ ପ୍ରୌଢ଼ଶିକ୍ଷାକୁ ସେ ସ୍ଥାନ ଦେଇଥିଲେ ତାଙ୍କ ୧୮ ଦଫା ରଚନାତ୍ମକ କାର୍ଯ୍ୟକ୍ରମରେ। ସ୍ୱାଧୀନତା ପରେ ଆମ ସମ୍ବିଧାନର ୪୫ ଧାରା ଅନୁଯାୟୀ ୧୦ ବର୍ଷରୁ ୧୪ ବର୍ଷ ବୟସର ପିଲାଙ୍କୁ ମାଗଣାରେ ଶିକ୍ଷା ଯୋଗାଇ ଦେବା ପାଇଁ ପ୍ରସ୍ତୁତ ହେଲା ଯୋଜନା। ୧୯୫୦ ଜାନୁୟାରୀ ୨୬ ତାରିଖରେ ସମ୍ବିଧାନ ପ୍ରଣୟନ ବେଳକୁ ଦେଶର ସାକ୍ଷରତା ହାର ଥିଲା (୧୯୫୧ ଜନଗଣନା ତଥ୍ୟ ଅନୁଯାୟୀ) ୧୬.୭ ପ୍ରତିଶତ। ୨୦୧୧ ଜନଗଣନା ବେଳକୁ ସେହି ହାର ପହଞ୍ଚିଲା ୭୪.୪ ପ୍ରତିଶତ ପାଖରେ। ଅର୍ଥାତ୍ ୬୦ ବର୍ଷ ମଧ୍ୟରେ ବୃଦ୍ଧି ପାଇଥିବା ସାକ୍ଷରତା ପରିମାଣ ହେଲା ୫୭.୭ ପ୍ରତିଶତ। ଏହି ଦୃଷ୍ଟିରୁ ସଫଳତା ହାର ବାର୍ଷିକ ଏକ ପ୍ରତିଶତରୁ ବି କମ୍। ଦେଶରେ ପ୍ରୌଢ଼ଶିକ୍ଷା, ସାକ୍ଷର ଭାରତ, ଶିକ୍ଷିତ ଭାରତ, ସାକ୍ଷରତା ଅଭିଯାନ ଓ ସର୍ବଶିକ୍ଷା ଅଭିଯାନ ଆଦି ଅନେକ ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଏହା ହେଉଛି ସଫଳତାର ବାସ୍ତବ ଚିତ୍ର। ଏହି ଦୃଶ୍ୟପଟରେ ଆହୁରି ନୈରାଶ୍ୟଜନକ ମନେହୁଏ ଆମ ରାଜ୍ୟ ଓଡ଼ିଶାର ସ୍ଥିତି।

୨୦୧୧ଜନଗଣନା ତଥ୍ୟ ଅନୁସାରେ ଓଡ଼ିଶାର ମୋଟ ୪ କୋଟି ୧୯ ଲକ୍ଷ ୪୭ ହଜାର ୩୫୮ ଜନସଂଖ୍ୟା ମଧ୍ୟରୁ ନିରକ୍ଷରଙ୍କ ସଂଖ୍ୟା ୯୭ ଲକ୍ଷ ୯୯ ହଜାର ୩୩୨। ଯୋଜନାବଦ୍ଧ ପ୍ରୟାସ ଫଳରେ ନିରକ୍ଷରତା କଳଙ୍କକୁ ଦୂର କରିପାରିଥିବା କେରଳ ଭଳି ରାଜ୍ୟ ସହ ଓଡ଼ିଶାକୁ ତୁଳନା କଲେ ନିରାଶା ସୃଷ୍ଟି ହୁଏ। ଏହି ନିରକ୍ଷରତା ବୋଝ ଯୋଗୁଁ ଓଡ଼ିଶା ଦାରିଦ୍ର୍ୟ କବଳରୁ ମୁକୁଳିବାକୁ ଦୀର୍ଘବର୍ଷର ସଂଘର୍ଷ କରିବାକୁ ପଡ଼ିଛି। ୧୯୨୦ ମସିହାରେ ଗାନ୍ଧିଜୀ କହିଥିଲେ - ଓଡ଼ିଶା ହେଉଛି ଦେଶରେ ଦାରିଦ୍ର୍ୟର ପ୍ରତିଛବି। ୨୦୧୩ ମସିହାରେ ଓଡ଼ିଶାକୁ ଅନ୍ୟତମ ପଛୁଆ ରାଜ୍ୟ ଭାବେ ଚିହ୍ନଟ କଲେ କେନ୍ଦ୍ର ସରକାରଙ୍କ ରଘୁରାମ ଜି ରାଜନ୍ କମିଟି।

ଭାରତବର୍ଷରେ ସାକ୍ଷରତା କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଥିବା ରାଜ୍ୟମାନଙ୍କ ମଧ୍ୟରେ ସବା ଆଗରେ ଥିଲା କେରଳ। ୧୯୯୧ ମସିହା ସୁଦ୍ଧା ଦକ୍ଷିଣ ଭାରତର ଏହି ରାଜ୍ୟର ସାକ୍ଷରତା ହାର ଥିଲା ୯୦ ଶତାଂଶରୁ ଅଧିକ। ଶିକ୍ଷା ଦ୍ୱାରା ସଶକ୍ତ ହୋଇ କେରଳର ମହିଳାମାନେ ରାଜନୀତି, ସ୍ଥାନୀୟ ଶାସନ ଓ ସାମାଜିକ ସଂଗଠନ ଆଦିରେ ସକ୍ରିୟ ଭାଗନେବା କାରଣରୁ ସେଠାକାର ଲୋକଙ୍କର ସ୍ୱାସ୍ଥ୍ୟାବସ୍ଥା ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଉନ୍ନତ। କାରଣ ଶିକ୍ଷିତ ମହିଳାମାନେ ସ୍ୱାସ୍ଥ୍ୟସେବାରେ ପ୍ରବେଶ କରିବା ସହିତ ପିଲାମାନଙ୍କୁ ସ୍ୱଚ୍ଛତା, ପୁଷ୍ଟିକର ଖାଦ୍ୟ ଏବଂ ପରିବାର ଯୋଜନା ବିଷୟରେ ଶିକ୍ଷା ଦେବାର ସମ୍ଭାବନା ଅଧିକ।

୩ ଜୁନ୍ ୨୦୨୫ରେ ପ୍ରକାଶିତ ପିରିୟଡିକ୍ ଲେବର ଫୋର୍ସ ସର୍ଭେ ୨୦୨୩-୨୪ରୁ ଉପଲବ୍ଧ ତଥ୍ୟ ଅନୁସାରେ ଭାରତର ସାକ୍ଷରତା ହାର ଏବେ ପ୍ରାୟତଃ ୮୧ ପ୍ରତିଶତ। ମାତ୍ର ଏଥିରେ ଯେଉଁ ଅସ୍ୱସ୍ତିକର ସତ୍ୟ ଲୁଚି ରହିଛି ତାହା ହେଲା, ବିଭିନ୍ନ ପ୍ରକାର ବିଭାଜନ ରେଖା ବା ଭାରସାମ୍ୟହୀନ ଅସମାନତା। ସହରାଞ୍ଚଳରେ ସାକ୍ଷରତା ହାର ୮୯ ପ୍ରତିଶତ ହୋଇଥିବା ବେଳେ ଗ୍ରାମାଞ୍ଚଳରେ ତାହା ୭୭ ପ୍ରତିଶତ। ପୁରୁଷମାନଙ୍କର ସାକ୍ଷରତା ହାର ୮୭ ପ୍ରତିଶତ ଟପିଥିବା ସ୍ଥଳେ ମହିଳାମାନଙ୍କ ସାକ୍ଷରତା ହାର ୭୫ ଶତାଂଶରୁ କମ୍। ଏହି ରିପୋର୍ଟ ଅନୁସାରେ ଭାରତର ଉତ୍ତର-ପୂର୍ବରେ ଅବସ୍ଥିତ ଛୋଟିଆ ରାଜ୍ୟ ମିଜୋରାମ କେରଳ ସମେତ ସମସ୍ତ ରାଜ୍ୟକୁ ପଛରେ ପକାଇ ପୂର୍ଣ୍ଣ ସାକ୍ଷର ରାଜ୍ୟର ମାନ୍ୟତା ଲାଭ କରିଛି, ଯାହାର ସାକ୍ଷରତା ହାର ୯୫ ଶତାଂଶରୁ ଅଧିକ। ୨୦୧୧ ଜନଗଣନାରେ ମିଜୋରାମ ତୃତୀୟ ସ୍ଥାନରେ ଥିଲା ଏବଂ ତା'ର ସାକ୍ଷରତା ହାର ଥିଲା ୯୧.୩ ଶତାଂଶ। ନୂତନ ସାକ୍ଷରତା ମିଶନ ଅଧୀନରେ ଯେ କୌଣସି ରାଜ୍ୟକୁ ୯୭ ପ୍ରତିଶତ ସାକ୍ଷରତା ହାସଲ କରିବା ପରେ ପୂର୍ଣ୍ଣ ସାକ୍ଷର ଘୋଷଣା କରାଯାଏ, ଯେଉଁ ମାଇଲ ଖୁଣ୍ଟକୁ ଅତିକ୍ରମ କରିଛି ମିଜୋରାମ। ଏଠାରେ ସାତବର୍ଷରୁ ଅଧିକ ବୟସର ୯୯.୨ ପୁରୁଷ ସାକ୍ଷର ହୋଇଥିବା ସ୍ଥଳେ ୯୭ ଶତାଂଶ ମହିଳା ସାକ୍ଷର ଏବଂ ମୋଟ ସାକ୍ଷରତା ହାର ୯୮.୨୦ ଶତାଂଶ। ମିଜୋରାମ ତଳକୁ କେରଳ ୯୫.୩, ତ୍ରିପୁରା ୯୩.୭ ଓ ଗୋଆ ୯୩.୬ ହୋଇଥିବା ସ୍ଥଳେ ଓଡ଼ିଶାର ସ୍ଥାନ (୭୯.୬) ବହୁ ପଛରେ।

ସାକ୍ଷରତା କେବଳ ବ୍ୟକ୍ତିଗତ ବିକାଶର ବିଷୟ ନୁହେଁ, ଏହା ରାଷ୍ଟ୍ର ନିର୍ମାଣର ମାଧ୍ୟମ। ଏହା କେବଳ ବିକାଶ କରାଏ ନାହିଁ, ସମ୍ମାନିତ କରାଏ ଏବଂ ସାମାଜିକ ଅନ୍ତର୍ଭୁକ୍ତୀ ବା ନାଗରିକ କାର୍ଯ୍ୟକଳାପରେ ନିୟୋଜନ ପାଇଁ ସୃଷ୍ଟି କରେ ସୁଯୋଗ। ଅର୍ଥାତ୍ ସାକ୍ଷର ବ୍ୟକ୍ତିର ଥାଏ ଏକ ନିଜସ୍ୱ ପରିଚାଳନା ପଦ୍ଧତି। ଦିନଥିଲା ଭାରତରେ ସାକ୍ଷରତା ଓ ନିରକ୍ଷରତା ଥିଲା ଏକ ଆପେକ୍ଷିକ ବିଷୟ। ଲୋକେ ଲେଖିପଢ଼ିଲେଖି ଜାଣି ନଥିବାରୁ ନିରକ୍ଷର ଥିଲେ ସତ, କିନ୍ତୁ ସାକ୍ଷର ଭଳି ପ୍ରତୀୟମାନ ହେଉଥିଲେ କଥା କହିଲା ବେଳେ। ସାମାଜିକ ବ୍ୟବସ୍ଥା, ବେପାର ବଣିଜ, ଗାର୍ହସ୍ଥ୍ୟ ଜୀବନ ଓ ଯାବତୀୟ ପୁରାଣ, ଲୋକକଥା ଓ ରୀତିନୀତି ସଂପର୍କରେ ଖୁବ୍ ଦକ୍ଷତାର ସହ ବଖାଣି ପାରୁଥିଲେ ସାକ୍ଷର ଓ ଶିକ୍ଷିତ ଲୋକଙ୍କ ପରି। ଏବେ କିନ୍ତୁ ଲୋକ ସାକ୍ଷର ବୋଲି ପ୍ରମାଣପତ୍ର ପାଉଛନ୍ତି, କିନ୍ତୁ ତାହାକୁ ପ୍ରମାଣ କରିପାରୁ ନାହାନ୍ତି ସାମାଜିକ କାର୍ଯ୍ୟକ୍ରମରେ। ଏହି ସାକ୍ଷରମାନଙ୍କୁ କୁହାଯାଉଛି ନବନିରକ୍ଷର।

ଭଦ୍ରକ, ୬୩୭୧୬୪୨୪୬୪

# ବର୍ତ୍ତମାନ ସମୟରେ ଇଚ୍ଛାପତ୍ରର ଆବଶ୍ୟକତା

ମହେନ୍ଦ୍ର ନାୟକ

ଯେଉଁମାନେ ଚାକିରି କିମ୍ବା ବ୍ୟବସାୟ ଜୀବନ କାଳରେ ନିଜ ନାମରେ ଜମି ଖଣ୍ଡିଏ କିଣିପାରିଛନ୍ତି ସେମାନେ ଚାହିଁଲେ ତାହାକୁ ଅନ୍ୟ କାହାରିକୁ ନ ପଚାରି ହସ୍ତାନ୍ତର କରିପାରିବାର ନିୟମ ରହିଛି। ଏ ସବୁ ଦୃଷ୍ଟିରୁ ବିଜ୍ଞ ବ୍ୟକ୍ତିମାନେ ନିଜ ନାମରେ ଥିବା ସ୍ୱଉପାର୍ଜିତ ସମ୍ପତ୍ତିକୁ ପୁଅ କିମ୍ବା ଝିଅ ନାମରେ ଇଚ୍ଛାପତ୍ର କରିଦେଉଛନ୍ତି। ଇଚ୍ଛାପତ୍ର ନିୟମ ମତେ ଜମି ମାଲିକ ଜୀବିତ ଥିବା ପର୍ଯ୍ୟନ୍ତ ତାଙ୍କ ସମ୍ପତ୍ତି ଅଜାଣତରେ କେହି ନେଇଯାଇପାରିବେ ନାହିଁ। ଜମିମାଲିକ ମୃତ୍ୟୁ ପରେ ଇଚ୍ଛାପତ୍ରର ତତ୍ତ୍ୱାବଧାରକ ସରକାରୀ ନିୟମ ଦେଇ ଦେଉରା ଜଜ୍‌ଙ୍କ ଆଦେଶ ବଳରେ ନିଜ ନାମରେ ସମ୍ପତ୍ତିର ମାଲିକାନା ସ୍ୱତ୍ୱ ପାଇବାର ବ୍ୟବସ୍ଥା ଅଛି।

ମନରେ ପ୍ରଶ୍ନ ଉଠେ ବ୍ୟକ୍ତିଗତ ଜମି ନିଜ ନାମରେ ଥିଲେ ଇଚ୍ଛାପତ୍ର ହୋଇପାରିବ କି? ସମ୍ପତ୍ତି ଦୁଇ ପ୍ରକାର। (୧) ପୈତୃକ (୨) ସ୍ୱଉପାର୍ଜିତ। ପିତାଙ୍କଠାରୁ ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ ହୋଇଥିବା ସମ୍ପତ୍ତିକୁ ପୈତୃକ କୁହାଯାଏ। ସେ ସମ୍ପତ୍ତିରେ ସ୍ତ୍ରୀ ସହ ସନ୍ତାନମାନଙ୍କର ଅଧିକାର ଥାଏ। ପୈତୃକ ସମ୍ପତ୍ତିକୁ ଇଚ୍ଛାପତ୍ର କରାଯାଏ ନାହିଁ। କେବଳ ସ୍ୱଉପାର୍ଜିତ ସମ୍ପତ୍ତିରେ ଜଣେ ବ୍ୟକ୍ତି ଚାହିଁଲେ ଇଚ୍ଛାପତ୍ର ଦଲିଲ ସମ୍ପାଦନ କରିପାରିବେ। ନିଃସନ୍ତାନ ବ୍ୟକ୍ତି ତାଙ୍କ ସମ୍ପତ୍ତିକୁ ନିଜର ଭରଣପୋଷଣ, ଶୁଦ୍ଧିକ୍ରିୟା ଓ ପିଣ୍ଡଦାନ ନିମନ୍ତେ ଉଇଲ୍ ବା ଇଚ୍ଛାପତ୍ରର ସାହାରା ନେବାରେ କୌଣସି ଆଇନଗତ ବାଧା ନାହିଁ।

ଇଚ୍ଛାପତ୍ର କରିବା ପୂର୍ବରୁ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି, ଅଭିଜ୍ଞ ଓକିଲ କିମ୍ବା ଅଭିଜ୍ଞତା ହାସଲ କରିଥିବା ମୋହରିରଙ୍କ ଦ୍ୱାରା ଲେଖାଇବା ଉଚିତ। ଦୁଇ ଜଣ ସାକ୍ଷୀ ମଧ୍ୟ ବୟସ୍କ ହୋଇ ନଥିଲେ ଭଲ। କାରଣ ବ୍ୟକ୍ତି ବା ଜମିମାଲିକଙ୍କ ଦେହାନ୍ତ ପରେ ସମସ୍ତ ବିଚାରାଳୟରେ ଇଚ୍ଛାପତ୍ର ସମ୍ବନ୍ଧେ ସାକ୍ଷୀ ଦେଇପାରିବେ। ଏଭଳି ବୟସର ସୀମା କୌଣସି ଆଇନ ବହିରେ ଉଲ୍ଲେଖ ନାହିଁ କିମ୍ବା ଧାର୍ଯ୍ୟ କରାଯାଇନାହିଁ। ନିଃସନ୍ତାନ କିମ୍ବା ନିଃସହାୟ ବ୍ୟକ୍ତି ନିଜର ସେବାଶୁଶ୍ରୂଷା, ଭରଣପୋଷଣ ଓ ଅନ୍ତିମ ସତ୍କାର କରିବା ନିମିତ୍ତ ଇଚ୍ଛାପତ୍ରର ଆଶ୍ରୟ ନେଇଥା'ନ୍ତି। ଉପଯୁକ୍ତ ବ୍ୟକ୍ତି ଦେଖି ତାଙ୍କ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରି ଇଚ୍ଛାପତ୍ର ବା ଶେଷପତ୍ର ସମ୍ପାଦନ କରିବାର ଅନେକ ନଜିର ରହିଛି। କୌଣସି ବ୍ୟକ୍ତିବିଶେଷଙ୍କର ସାହାଯ୍ୟ, ସହାନୁଭୂତି, ସେବା ଶୁଶ୍ରୂଷା ବଳରେ ଜମି ମାଲିକ ମୁଗଧ ହୋଇ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ଇଚ୍ଛାପତ୍ର ସମ୍ପାଦନ କରିଥିବାର ଉଦାହରଣ ଅଛି। ପରିବାରରେ ଉତ୍ତରାଧିକାରୀମାନଙ୍କ ସଂଖ୍ୟା ଅଧିକ ଥିଲେ ମଧ୍ୟ କେତେକ ବ୍ୟକ୍ତି ପରିବାର ସଦସ୍ୟଙ୍କ ବ୍ୟତୀତ ବାହାରର କୌଣସି ସ୍ତ୍ରୀଲୋକ କିମ୍ବା ବ୍ୟକ୍ତି ବିଶେଷଙ୍କ ଉପରେ ମୁଗ୍ଧ ହୋଇ ତାଙ୍କ ନାମରେ ସ୍ୱଉପାର୍ଜିତ ସମ୍ପତ୍ତି ପାଇଁ ଇଚ୍ଛାପତ୍ର କରିବା ପାଇଁ ଆଇନରେ କୌଣସି ବାରଣ କରାଯାଇନାହିଁ।

ଉଇଲ ବା ଇଚ୍ଛାପତ୍ର ପରିବର୍ତ୍ତନଶୀଳ। ଅର୍ଥାତ ଜଣେ ବ୍ୟକ୍ତି ଚାହିଁଲେ ନିଜର ଜୀବନକାଳ ଭିତରେ ଅନ୍ୟଏକ ଗ୍ରହୀତାଙ୍କ ନାମେ ନୂତନ ଉଇଲ ସମ୍ପାଦନ କରିପାରିବେ। ଶେଷ ଉଇଲ୍‌ଟି ସବୁସ୍ଥଳରେ କାଏମ ରହିବ। ଇଚ୍ଛାପତ୍ର ସମ୍ପାଦନ କରୁଥିବା ବ୍ୟକ୍ତି ଓ ସାକ୍ଷୀମାନଙ୍କ ବୟସ ୧୮ ବର୍ଷରୁ ଅଧିକ ହେବା ଆବଶ୍ୟକ। ଯେକୌଣସି ଭାରତୀୟ ନାଗରିକ ସ୍ୱଉପାର୍ଜିତ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରି ଅନ୍ୟ ଜଣେ ବ୍ୟକ୍ତିବିଶେଷ/ଏକାଧିକ ବ୍ୟକ୍ତି, ସେ ମହିଳା ବା ପୁରୁଷ ହୁଅନ୍ତୁ ତାଙ୍କ ନାମରେ ଇଚ୍ଛାପତ୍ର ସମ୍ପାଦନ କରିପାରିବେ। କିନ୍ତୁ ଇଚ୍ଛାପତ୍ର ସମ୍ପାଦନ କରୁଥିବା ବ୍ୟକ୍ତିଙ୍କର ମାନସିକ ବିକୃତି ନଥିବା ଜରୁରୀ। ଇଚ୍ଛାପତ୍ରରେ ଦାତାଙ୍କର ଉଦ୍ଦେଶ୍ୟର ବିବରଣୀ ତଥା ଗ୍ରହୀତାଙ୍କ ଉପରେ ଦିଆଯାଇଥିବା ଦାୟିତ୍ୱ ସମ୍ବନ୍ଧରେ ଦଲିଲରେ ସ୍ପଷ୍ଟ ଭାବେ ବର୍ଣ୍ଣନା କରାଯିବା ଦରକାର।

କୌଣସି ଇଚ୍ଛାପତ୍ର ତତ୍ତ୍ୱାବଧାରକ ବା ଗ୍ରହୀତାଙ୍କ ସହ ଆଲୋଚନା କରାଯିବାର ଆବଶ୍ୟକତା ନାହିଁ ବା ଇଚ୍ଛାପତ୍ର ଦଲିଲରେ ଗ୍ରହୀତାଙ୍କ ସ୍ୱାକ୍ଷର କରାଯାଏ ନାହିଁ। ଇଚ୍ଛାପତ୍ର ଦଲିଲରେ ଦୁଇଜଣ ସାକ୍ଷୀଙ୍କ ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣା ଦିଆଯାଏ। ଦଲିଲ ସମ୍ପାଦନ ବେଳେ ଦାତା ବା ଜମି ମାଲିକଙ୍କ ସ୍ୱାକ୍ଷର ଦରକାର ପଡ଼େ। ଦଲିଲ ଲେଖକଙ୍କ ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣା ରହିବା ଆବଶ୍ୟକ। ଚରମପତ୍ର ବା ଇଚ୍ଛାପତ୍ର ଦଲିଲ ନିଜ ତହସିଲରେ ଥିବା କିମ୍ବା ସଂପୃକ୍ତ ମୌଜାର ଜମି ବାଡ଼ି ବିକ୍ରି ଖର୍ଦ୍ଦି କରାଯାଉଥିବା ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ରେଜେଷ୍ଟ୍ରି କରାଯିବାର ନିୟମ ରହିଛି। ରେଜେଷ୍ଟ୍ରି ବେଳେ ଗ୍ରହୀତା କିମ୍ବା ଦ୍ୱିତୀୟପକ୍ଷଙ୍କ ଉପସ୍ଥିତିର ଆବଶ୍ୟକତା ନାହିଁ।

ବିନା ରେଜେଷ୍ଟ୍ରିକରଣରେ ମଧ୍ୟ ଇଚ୍ଛାପତ୍ର ସମ୍ପାଦନ ହୋଇପାରିବ। କିନ୍ତୁ ସେହି ଉଇଲରେ ଦୁଇ ଜଣ ସାକ୍ଷୀଙ୍କର ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣାର ଆବଶ୍ୟକତା ଅଛି। ଷ୍ଟାମ୍ପ ପେପର ବା ଷ୍ଟାମ୍ପ ଲାଗିଥିବା କାଗଜ ବ୍ୟତୀତ ସାଦାକାଗଜରେ ମଧ୍ୟ ଇଚ୍ଛାପତ୍ର ବା ଉଇଲ ସମ୍ପାଦନ କରାଯାଇପାରିବ। ଏ ସମ୍ବନ୍ଧରେ ଭାରତୀୟ ଉତ୍ତରାଧିକାରୀ ଆଇନ ୧୯୨୫, ହିନ୍ଦୁ ଉତ୍ତରାଧିକାରୀ ଆଇନ ୧୯୫୬, ହିନ୍ଦୁ ଉତ୍ତରାଧିକାରୀ ଆଇନ (ସଂଶୋଧିତ) ୨୦୦୫ ଓ ମୁସଲିମ ପରସନାଲ ଲ(ସରିଆତ) ଆପ୍ଲିକେସନ ଆକ୍ଟ ୧୯୩୭ରେ ପ୍ରାଞ୍ଜଳ ଭାବେ ଉଲ୍ଲେଖ ରହିଛି।

ଓଡ଼ିଶାର କେତେକ ଜିଲ୍ଲାରେ ଦାତାଙ୍କର ଦେହାନ୍ତ ପରେ ଜିଲ୍ଲା ଦେଉରା ଜଜ୍ ଇଜଲାସରେ ଗ୍ରହୀତାଙ୍କ ନାମେ ସ୍ୱତନ୍ତ୍ର ରେକର୍ଡ ପ୍ରସ୍ତୁତ କରିବା ନିମନ୍ତେ ଆଦେଶ ମଗାଯାଇଥାଏ। ଏହାକୁ 'ପ୍ରୋବେଟ' କୁହାଯାଏ। ଏଥିନିମନ୍ତେ ସଂପୃକ୍ତ ଦେଉରାଜଜ୍‌ଙ୍କ କୋର୍ଟରେ ମୋକଦ୍ଦମା ଦାଏର କରାଯିବା ପରେ ଦାତାଙ୍କର ସମସ୍ତ ଉତ୍ତରାଧିକାରୀମାନଙ୍କୁ ନୋଟିସ ପଠାଯାଇ ସେମାନଙ୍କର ମତାମତ ରେକର୍ଡ କରାଯାଏ। ଦେଉରାଜଜ୍ ପୁଙ୍ଖାନୁପୁଙ୍ଖ ତର୍ଜମା କରିବାପରେ ଗ୍ରହୀତାଙ୍କ ନାମରେ ସ୍ୱତନ୍ତ୍ର ରେକର୍ଡ କରାଯିବା ନିମନ୍ତେ ଆଦେଶ ବଳରେ ସଂପୃକ୍ତ ତହସିଲଦାର ଗ୍ରହୀତାଙ୍କ ନାମରେ ରେକର୍ଡ କରିବେ। ଯଦି କୌଣସି କାରଣରୁ ଦେଉରାଜଜ୍ ଗ୍ରହୀତାଙ୍କ ସପକ୍ଷେ ଆଦେଶ ଦେଇ ନ ଥା'ନ୍ତି ସେ କ୍ଷେତ୍ରରେ ଗ୍ରହୀତାଙ୍କ ନାମେ ରେକର୍ଡ ବା ସ୍ୱତନ୍ତ୍ର ପଟ୍ଟା କରାଯାଇପାରିବ ନାହିଁ। ପ୍ରୋବେଟ ନିୟମଟି ଓଡ଼ିଶାର ଅବିଭକ୍ତ କଟକ, ପୁରୀ, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାରେ ପ୍ରଚଳନ ଅଛି। ଅବଶିଷ୍ଟ ଜିଲ୍ଲାଗୁଡିକରେ ଉଇଲ ବା ଇଚ୍ଛାପତ୍ରର ଦାତାଙ୍କ ଦେହାନ୍ତପରେ ଗ୍ରହୀତାଙ୍କ ନାମେ ତହସିଲଦାରଙ୍କ ଆଦେଶ ବଳରେ ସ୍ୱତନ୍ତ୍ର ପଟ୍ଟା ପ୍ରସ୍ତୁତ ହୋଇପାରିବ।

କଟକ, ମୋ: ୯୩୩୮୦୦୮୧୯୩

# ଶାକ୍ତ ଗୁଣ୍ଡିଚା

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ଚତୁର୍ଦ୍ଧାମୂର୍ତ୍ତି ରଥାରୋହଣ କରି ଗୁଣ୍ଡିଚା ମନ୍ଦିରକୁ କରୁଥିବା ଯାତ୍ରା 'ଗୁଣ୍ଡିଚା ଯାତ୍ରା' ରୂପେ ବିଖ୍ୟାତ ହେବା ପରେ 'ଶାକ୍ତ ଗୁଣ୍ଡିଚା', 'ସୌର ଗୁଣ୍ଡିଚା', 'ଶୈବ ଗୁଣ୍ଡିଚା', 'ଗୁପ୍ତ ଗୁଣ୍ଡିଚା' ଓ 'ବସନ୍ତ ଗୁଣ୍ଡିଚା' ନାମରେ ଖ୍ୟାତ ଠାକୁରମାନଙ୍କର ଆଉ କେତେକ ସ୍ଥାନାନ୍ତରଣ ଯାତ୍ରା ଶ୍ରୀମନ୍ଦିରରେ ପାଳିତ ହୁଏ। ଆଶ୍ୱିନ କୃଷ୍ଣ ଅଷ୍ଟମୀଠାରୁ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ଦେବୀ ବିମଳାଙ୍କର ଷୋଳପୂଜା ଅନୁଷ୍ଠିତ ହୁଏ। ଏହି ଷୋଳଦିନ ବିମଳାଙ୍କ ଚଳନ୍ତି ପ୍ରତିମା ଦୁର୍ଗା ଓ ରତ୍ନସିଂହାସନରେ ଅଧିଷ୍ଠିତ ନୀଳମାଧବଙ୍କର (କୁନି ଜଗନ୍ନାଥ) ଷୋଳଦିନ ବ୍ୟାପୀ 'ଶାକ୍ତ ଗୁଣ୍ଡିଚା' ଯାତ୍ରା ପାଳନ କରାଯାଏ। ମାଧବଙ୍କ ସହ ଦେବୀ ଦୁର୍ଗା ଏହି ଯାତ୍ରାରେ ଅଂଶଗ୍ରହଣ କରୁଥିବାରୁ ଏହାକୁ 'ଦେବୀ ଗୁଣ୍ଡିଚା' ଏବଂ ଶରତ ଋତୁରେ ଅନୁଷ୍ଠିତ ହେଉଥିବାରୁ ଏହାକୁ 'ଶରତ ଗୁଣ୍ଡିଚା' ମଧ୍ୟ କୁହାଯାଏ।

ଆଶ୍ୱିନ କୃଷ୍ଣ ଅଷ୍ଟମୀ ଦିନ ଜଗନ୍ନାଥଙ୍କ ଆଜ୍ଞାମାଳ ପାଇ ମାଧବ ଓ ଦେବୀ ସୁଭଦ୍ରାଙ୍କ ଆଜ୍ଞାମାଳ ପାଇ ଦୁର୍ଗା ଏକତ୍ର ରୁନ୍ଧା (ବନ୍ଧା) ହୋଇ ଝୁଲଣ ମଣ୍ଡପ ତଳେ ରଖା ଯାଇଥିବା ପାଲିଙ୍କିରେ ବିଜେ ହୁଅନ୍ତି। ବିମଳାଙ୍କର କେତେକ ନୀତି ସମାପନ ହେବା ପରେ ଆଲିଙ୍ଗିତ ଦୁର୍ଗାମାଧବ ପାଲିଙ୍କିରେ ଯାଇ ବିମଳାଙ୍କ ଜଗମୋହନରେ ଥିବା ପଲଙ୍କରେ ବିଜେ କରନ୍ତି। ସେଠାରେ ଯୁଗଳମୂର୍ତ୍ତିଙ୍କୁ ବନ୍ଦାପନା ଓ ଶୀତଳ ଭୋଗ ଅର୍ପଣ କରାଯାଏ। ବିମଳାଙ୍କର ତିନି ଧୂପ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କର ରାତ୍ରି ଚନ୍ଦନ ଲାଗି ହେବା ପରେ ବିମାନ ବଡୁ ସେବକମାନେ ଦୁର୍ଗାମାଧବଙ୍କୁ ଭଣ୍ଡାର ଘରେ ବିଜେ କରାନ୍ତି। 'ଶାକ୍ତ ଗୁଣ୍ଡିଚା'ର ପ୍ରଥମ ଆଠ ଦିନ ଆଲିଙ୍ଗିତ ଦୁର୍ଗାମାଧବ ଉପରୋକ୍ତ ନୀତିରେ ପ୍ରତିଦିନ ବିମଳାଙ୍କ ମନ୍ଦିରକୁ ବିଜେ ହୋଇ ପୂଜା ଆରାଧନା ପରେ ଭଣ୍ଡାର ଘରକୁ ବାହୁଡ଼ା ବିଜେ କରନ୍ତି।

ଏହି ମହୋତ୍ସବର ନବମ ଦିନଠାରୁ ଶେଷ ପର୍ଯ୍ୟନ୍ତ ଆଠଦିନ ଦୁର୍ଗାମାଧବ ଆଲିଙ୍ଗିତ ଅବସ୍ଥାରେ ରଥାରୋହଣ କରି ଦୋଳମଣ୍ଡପ ସାହିରେ ଅଧିଷ୍ଠିତା ନାରାୟଣୀ ମନ୍ଦିରକୁ ବିଜେ କରନ୍ତି। ନାରାୟଣୀ ମନ୍ଦିର ଗୁଣ୍ଡିଚା ମନ୍ଦିରର ଭୂମିକା ନିର୍ବାହ କରନ୍ତି। ସେଠାରେ ଦୁର୍ଗାମାଧବଙ୍କର କର୍ପୁର ଚନ୍ଦନ ଲାଗି, ଭୋଗ ଅର୍ପଣ ଓ ବନ୍ଦାପନା ଆଦି କରାଯାଏ। ଚତୁର୍ଦ୍ଧାମୂର୍ତ୍ତିଙ୍କର ରାତ୍ରି ଚନ୍ଦନ ଲାଗି ପରେ ବିମାନ ବଡୁ ସେବକମାନେ ଦୁର୍ଗାମାଧବଙ୍କୁ ବାହୁଡ଼ାଇ ନେଇ ଭଣ୍ଡାର ଘରେ ବିଜେ କରାନ୍ତି। ଦୁର୍ଗାମାଧବ ନାରାୟଣୀ ମନ୍ଦିରକୁ ଯାତ୍ରା କଲା ବେଳେ ଦେବୀଙ୍କର ବିଜୟା ରଥରେ ଯାତ୍ରା କରନ୍ତି। ଏହି ରଥର ପ୍ରତ୍ୟାବର୍ତ୍ତନ ନ ଥିବାରୁ ବାହୁଡ଼ା ବିଜେ ସମୟରେ ଦିଅଁମାନେ ପାଲିଙ୍କିରେ ଫେରନ୍ତି। ଷୋଳପୂଜାର ଶେଷ ଆଠ ଦିନ ଦୁର୍ଗାମାଧବ ଏହିପରି ସବୁଦିନ ଯାତ୍ରା କରନ୍ତି।

ଦୁର୍ଗା ଓ ମାଧବ ଏକତ୍ରିତ ଆରାଧିତ ହେବା ସାରା ଭାରତରେ ଅନ୍ୟ କୌଣସି ଯାଗାରେ ଦେଖାଯାଏ ନାହିଁ। ଦୁର୍ଗା ଶିବଙ୍କର ଶକ୍ତି ଓ ପତ୍ନୀ। ମହାପ୍ରଭୁ ଜଗନ୍ନାଥ ରତ୍ନବେଦୀରେ ପୂର୍ଣ୍ଣବ୍ରହ୍ମରୂପେ ବିରାଜମାନ କରିଥିଲେ ବି ବିଷ୍ଣୁତ୍ୱ ତାଙ୍କର ଏକ ବଳିଷ୍ଠ ପରିଚୟ। ବିଷ୍ଣୁ ଓ ଶିବ ପତ୍ନୀ ଦୁର୍ଗା ଏକତ୍ର ଆଲିଙ୍ଗିତ ଅବସ୍ଥାରେ ପୂଜିତ ହେଉଥିବା କଥା ଶୁଣିଲେ ଭ୍ରୂକୁଞ୍ଚନ ଅନେକଙ୍କର ହୁଏତ ପ୍ରଥମ ପ୍ରତିକ୍ରିୟା ହୋଇପାରେ। କିନ୍ତୁ ଉପରୋକ୍ତ ଆରାଧନାର ଜଗନ୍ନାଥଙ୍କ ବିଷ୍ଣୁ ସ୍ୱରୂପର କୌଣସି ସଂପର୍କ ନାହିଁ। ମହାପ୍ରଭୁଙ୍କଠାରେ ବିଷ୍ଣୁତ୍ୱ ଆରୋପଣ ହେବା ପୂର୍ବରୁ ବୌଦ୍ଧ ଓ ହିନ୍ଦୁ ତାନ୍ତ୍ରିକମାନେ ଭୈରବ ଓ ଦେବୀ ବିମଳାଙ୍କୁ ଭୈରବୀରୂପେ ଆରାଧନା କରୁଥିଲେ। ଉଡ୍ଡୀଶ ତନ୍ତ୍ର (ବିମଳା ଭୈରବୀ ସାକ୍ଷାତ ଜଗନ୍ନାଥସ୍ତୁ ଭୈରବ) ଓ ଦେବୀ ଭାଗବତ (ବିମଳା ଚ ମହାଦେବୀ ଜଗନ୍ନାଥସ୍ତୁ ଭୈରବ) ଏହା ଦୃଢ଼ ଭାବେ ପ୍ରମାଣ କରନ୍ତି।

ବୌଦ୍ଧ ବିଶ୍ୱାସ ଅନ୍ତର୍ଗତ ବଜ୍ରଯାନ ଓ ସହଜଯାନର ପ୍ରବର୍ତ୍ତନ ଓଡ଼ିଶା ମାଟିରୁ ହୋଇଥିଲା। ସହଜଯାନୀମାନେ ବିଶ୍ୱାସ କରୁଥିଲେ ଯେ ମଣିଷର ଶରୀର ସମଗ୍ର ବ୍ରହ୍ମାଣ୍ଡର ପ୍ରତୀକ ଏବଂ ସବୁପ୍ରକାରର ସେବାପୂଜା କେବଳ ଶରୀର ପ୍ରତି ପ୍ରୟୋଗ ହେବା ଉଚିତ। ତେଣୁ ସେମାନେ ବିଶ୍ୱାସ କରନ୍ତି ଯେ ଭୈରବ ଓ ଭୈରବୀ ଆଲିଙ୍ଗିତ ଅବସ୍ଥାରେ ସହଜାନନ୍ଦରେ ଅବସ୍ଥାନ ସହଜରେ ବର ପ୍ରଦାନ କରନ୍ତି। ଆଦି ଶଙ୍କରଙ୍କ କର୍ଣାଟକ ଗସ୍ତ ସମୟରେ କ୍ରକଚ ନାମକ ଜଣେ ତନ୍ତ୍ରଗୁରୁ ତାଙ୍କୁ ପ୍ରଶ୍ନ କରିଥିଲେ - କମଳାକ୍ଷୀ ଉମାଦ୍ୱାରା ଭୈରବ ଆଲିଙ୍ଗିତ ନ ହେଲେ ସେ ସନ୍ତୁଷ୍ଟ ହେବେ କାହିଁକି? ବୌଦ୍ଧତନ୍ତ୍ର ପରେ ଜଗନ୍ନାଥ ହିନ୍ଦୁ ତନ୍ତ୍ରରେ ମଧ୍ୟ ଭୈରବରୂପେ ପୂଜିତ ହେଉଥିଲେ। ତାଙ୍କ ଉପରେ ବିଷ୍ଣୁତ୍ୱ ଆରୋପଣ ପରେ ମହାତ୍ମା ଆଦି ଶଙ୍କର ଓ ରାମାନୁଜାଚାର୍ଯ୍ୟ ଶ୍ରୀମନ୍ଦିର ପୂଜା ପଦ୍ଧତିରେ ଅନେକ ସଂସ୍କାର ଆଣିଥିଲେ ମଧ୍ୟ ସମ୍ଭାବ୍ୟ ବିରୋଧକୁ ଆଖି ଆଗରେ ରଖି କେତେକ ତାନ୍ତ୍ରିକ ପରମ୍ପରାକୁ ପୂର୍ବବତ ଚାଲୁ ରଖିଥିଲେ। ଶାକ୍ତ ଗୁଣ୍ଡିଚା ତା'ଭିତରୁ ଗୋଟିଏ। ଏହି ପରମ୍ପରା ପ୍ରଥମେ ବୌଦ୍ଧ ତାନ୍ତ୍ରିକମାନେ ଆରମ୍ଭ କରିଥିବାରୁ ଏହି ଯାତ୍ରାକୁ 'ବୌଦ୍ଧ ଗୁଣ୍ଡିଚା' କହିଲେ ଠିକ ହୁଅନ୍ତା।

ମୋ: ୯୯୦୦୦୮୩୪୩୩


ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342





ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୭୫
- ପାଉଣ୍ଡ ୧୨୦.୯୪
- ୟୁରୋ ୧୦୪.୬୮
- ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୦୬,୦୫୦ (ଭୁବନେଶ୍ୱର)
- ରୁପା : ୧,୫୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୦୦୨.୦୦
- ନିଫ୍ଟି ୨୫,୧୬୯.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଡଲାର ତୁଳନାରେ ସର୍ବନିମ୍ନ ସ୍ତରକୁ ଖସିଲା ଟଙ୍କା



ନୂଆଦିଲ୍ଲୀ,୨୩।୯ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏଚ୍-୧ ବି ଭିସା ଫି’ରେ ବ୍ୟାପକ ବୃଦ୍ଧି ଯୋଗୁଁ ବଜାରରେ ଦେଖାଦେଇଥିବା ଅସ୍ଥିରତା ମଧ୍ୟରେ ମଙ୍ଗଳବାର ଟଙ୍କା ମୂଲ୍ୟରେ ହ୍ରାସ ଜାରି ରହିଛି। ବଜାର କାରବାର ସମୟରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୫୨ ପଇସା ହ୍ରାସ ପାଇ ସର୍ବକାଳୀନ ନିମ୍ନ ଟ୮୮.୮୨ ରେ ପହଞ୍ଚିଛି।

**୧ ଡଲାର = ୮୮.୪୯ ଟଙ୍କା**

ଫୋରେକ୍ସ ବ୍ୟବସାୟୀଙ୍କ ଅନୁଯାୟୀ, ଏଚ୍-୧ ବି ଭିସା ଫି’ ରେ ବୃଦ୍ଧି ଭାରତର ଆଇଟି କ୍ଷେତ୍ରରୁ ଅର୍ଥ ପ୍ରେରଣ ଏବଂ ସମ୍ଭାବ୍ୟ ଇକ୍ୱିଟି ବିକ୍ରୟ ବିଷୟରେ ଚିନ୍ତା ସୃଷ୍ଟି କରିଛି। ଏହା ଭାରତୀୟ ମୁଦ୍ରା ପାଇଁ ଏକ ଦ୍ୱିଗୁଣିତ ଆଘାତ, ଯେତେବେଳେ କି ଚଳିତବର୍ଷ ବିଦେଶୀ ନିବେଶ ପୂର୍ବରୁ ଦୁର୍ବଳ ରହିଛି। ମଙ୍ଗଳବାର ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଟଙ୍କା ୮୮.୪୧ରୁ କାରବାର ଆରମ୍ଭ କରିଥିଲା।

## ୫,୪୦୦ କୋଟି ଏୟୁଏମ୍ ଟପିଲା ବଜାଜ୍ ଫିନ୍‌ସର୍ଭ ଫ୍ଲେକ୍ସିକ୍ୟାପ୍ ଫଣ୍ଡ

ମୁମ୍ବଇ,୨୩।୯ (ଏଜେନ୍ସି): ବଜାଜ ଫିନସର୍ଭଏଏମସିଏହାର ଫ୍ଲାଗସିପ୍ ଇକ୍ୟୁଟି ଫଣ୍ଡ, ବଜାଜ ଫିନସର୍ଭ ଫ୍ଲେକ୍ସିକ୍ୟାପ ଫଣ୍ଡର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ ସହିତ ‘ମେଗାଟ୍ରେଣ୍ଡସ୍’ ପୁଞ୍ଜି ବିନିଯୋଗ ଖର୍ଚ୍ଚର ପଦକ୍ଷେପ ନେଇଛି। ଏହି ପାଣ୍ଠି ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟର ସଫଳତା ହାସଲ କରିବା ସହିତ, ଏହାର ଆସେଟ୍ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ) ରେ ୫,୪୧୦.୦୪ କୋଟି (୩୧ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ) ର ଅଭିବୃଦ୍ଧି କରିପାରିଛି, ଯାହାକି ମାତ୍ର ଦୁଇବର୍ଷର ସମୟ ଅବଧି ମଧ୍ୟରେ। ଏହାର ପ୍ରତିଷ୍ଠାହେବା ପରଠାରୁ, ଏହି ପାଣ୍ଠି ଏକ ବିରାଟକାୟ ଦକ୍ଷତା ପ୍ରଦର୍ଶିତକରିବାସହିତ,୧୯.୧୯% ସିଏଜିଆର ଏହାରରେ ଗ୍ରୁଲାର ପ୍ଲାନ ଅଧିନରେ ତଥା ୨୦.୯୧% ଏହାର ପ୍ରତ୍ୟକ୍ଷଯୋଜନା (ଯାହାକି ୩୧ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ) ଅଧିନରେ ପ୍ରଦାନ କରିଛି। ୨୦୨୩ ଅଗଷ୍ଟରେ ଶୁଭାରମ୍ଭ ହୋଇଥିବା, ବଜାଜ ଫିନସର୍ଭଫ୍ଲେକ୍ସିକ୍ୟାପ ଫଣ୍ଡ କ୍ରମାଗତ ଭାବରେ ପୁଞ୍ଜି ନିବେଶକାରୀମାନଙ୍କୁ ଏଥିରେ ଯୋଗଦାନର ଧାରାକୁ ଆକର୍ଷଣୀୟ କରିପାରିଛି ତଥା ଏହାର ଅଭିବୃଦ୍ଧି ୨,୫୨,୩୮୮ ଫୋଲିଓ(୩୧ ଅଗଷ୍ଟ ପର୍ଯ୍ୟନ୍ତ) ଅତିକ୍ରମ କରିଛି।

# ସୁନା ୧.୧୫ ଲକ୍ଷ, ରୁପା ଦେଢ଼ ଲକ୍ଷ

## ବର୍ଷକରେ ସୁନା ୩୮ ହଜାର, ରୁପା ୪୯ ହଜାର ମହଙ୍ଗା

ନୂଆଦିଲ୍ଲୀ,୨୩।୯ (ଏଜେନ୍ସି)





ରେକର୍ଡ ଭାଙ୍ଗୁଛି ସୁନା ଦର। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ଦୌଡୁଛି ସୁନା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ସୁନା ମୂଲ୍ୟ ପୁଣି ଥରେ ଏହାର ସବୁ ରେକର୍ଡ ଭାଙ୍ଗି ୧୦ ଗ୍ରାମ ପିଛା ୧.୧୫ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। ସେହିଭଳି ରାଜଧାନୀ ଭୁବନେଶ୍ୱରରେ ଆଜି ରୁପା ଦର ମଧ୍ୟ କିଲୋଗ୍ରାମ ପିଛା ଦେଢ଼ ଲକ୍ଷ ଟଙ୍କା ଛୁଇଁ ଇତିହାସ ରଚିଛି। ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୨୮୦୦ ଟଙ୍କା ବୃଦ୍ଧି ଘଟିଛି। ଅପରପକ୍ଷେ ଚଳିତବର୍ଷ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୩୮ ହଜାର ଟଙ୍କା ଏବଂ ରୁପା ୪୯ ହଜାର ଟଙ୍କା ବୃଦ୍ଧି ଘଟିଥିବା ଜଣାପଡିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୧,୩୫୦ ଟଙ୍କାରେ ପହଞ୍ଚିଛି। ବିଶ୍ୱ ଅନିଶ୍ଚିତତା ସହ ଡଲାର ତୁଳନାରେ ଟଙ୍କା ଅଧିକ ଦୁର୍ବଳ ହେବା ସୁନା ମୂଲ୍ୟ ବୃଦ୍ଧିରେ ସହାୟକ ହୋଇଛି। ଚଳିତବର୍ଷ ଶେଷ ସୁଦ୍ଧା ଭାରତୀୟ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୨ ଲକ୍ଷ ଟଙ୍କା ଛୁଇଁବ ବୋଲି ନିକଟରେ ବଜାର ବିଶେଷଜ୍ଞମାନେ ଆକଳନ କରିଥିଲେ। ଭୁବନେଶ୍ୱରରେ ମଙ୍ଗଳବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ୨୧୫୯ ଟଙ୍କା ବୃଦ୍ଧି ଘଟି ରେକର୍ଡ ୧,୧୪,୩୧୪ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୧,୦୬,୦୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୫୦,୦୦୦ ଟଙ୍କା ଛୁଇଁଛି। ଅଖିଳ ଭାରତୀୟ ସରାଫା ସଂଘର ରିପୋର୍ଟ ମୁତାବକ ମଙ୍ଗଳବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ମୂଲ୍ୟ ୧,୦୨,୧୦୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି।

ଅପରପକ୍ଷେ ରୁପା କିଲୋ ପିଛା ୧,୩୫,୨୬୭ ଟଙ୍କା ରହିଛି। ବଜାରରେ ସୁନା ଦର ବଢ଼ିବାର ଅନେକ କାରଣ ରହିଛି। ଆମେରିକାର ଶୁଳ୍କ ଯୋଗୁଁ ଭୂରାଜନୈତିକ ଉତ୍ତେଜନା ଜାରି ରହିଛି। ଏହା ସୁନାକୁ ସମର୍ଥନ କରୁଛି ଏବଂ ଏହାର ଚାହିଦା ବୃଦ୍ଧି କରୁଛି। ଫଳସ୍ୱରୂପ, ଚଳିତ ବର୍ଷ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୩୮,୧୫୨ ଟଙ୍କା ବୃଦ୍ଧି ଘଟିଛି। ସେହିପରି ରୁପା କିଲୋ ପିଛା ୪୫ ଟଙ୍କା ଉପରମୁହାଁ ହୋଇଛି। ଟ୍ରମ୍ପ୍ ଟାରିଫ୍ ଏବଂ ବାଣିଜ୍ୟ ଯୁଦ୍ଧର ଭୟ ଯୋଗୁଁ ନିବେଶକମାନେ ସୁନାକୁ ଏକ ନିରାପଦ ସ୍ୱର୍ଗ ଭାବରେ ବିବେଚନା କରି କିଣୁଛନ୍ତି। ସେହିଭଳି ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ମଧ୍ୟ ସୁନାର ମୂଲ୍ୟ ବୃଦ୍ଧିରେ ସହାୟକ ହେଉଛି। କାରଣ ଯେତେବେଳେ ଟଙ୍କା ଦୁର୍ବଳ ହୁଏ, ସେତେବେଳେ ଆମଦାନିରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଚଳିତବର୍ଷ ଟଙ୍କାର ବିନିମୟ ମୂଲ୍ୟ ରେକର୍ଡ ନିମ୍ନ ସ୍ତରକୁ ଖସିଆସିଛି। ଫଳରେ ସୁନା ଦର ଉପରେ ଚାପ ବୃଦ୍ଧି ପାଇଛି। ଏହାବାଦ୍ ବିବାହ ଋତୁ ପାଖେଇ ଆସିଲାଣି। ଏଭଳି ସମୟରେ ସୁନା ଗହଣା ଚାହିଦା ବୃଦ୍ଧି ପାଇଛି। ଏହା ମଧ୍ୟ ଏହି ହଳଦିଆ ଧାତୁର ଦର ବୃଦ୍ଧିର ଅନ୍ୟ ଏକ କାରଣ।

## ଜିଏସ୍‌ଟି ହ୍ରାସ ପରେ ସ୍କାଏ ଅଟୋମୋବାଇଲ୍‌ସର ଗାଡ଼ି ବୁକିଂରେ ୩୫% ଅଭିବୃଦ୍ଧି

କଟକ,୨୩।୯ (ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାରରେ ହ୍ରାସର ପ୍ରଭାବ ଚଳିତ ପାର୍ବଣ ଋତୁରେ ଅଟୋ ମୋବାଇଲ କ୍ଷେତ୍ରରେ ଗ୍ରାହକଙ୍କ ଉପରେ ପ୍ରତ୍ୟକ୍ଷ ବା ସକାରାତ୍ମକ ଭାବେ ପଡ଼ିଛି। ମାରୁତି ସୁଜୁକିର ଅନ୍ୟତମ ସର୍ବବୃହତ୍ ଏବଂ ପୁରୁଣା ଡିଲର ସ୍କାଏ ଅଟୋମୋବାଇଲ୍‌ସ ଏହି ଜିଏସ୍‌ଟି ହାରରେ ହ୍ରାସ ପରେ ବୁକିଂରେ ଗତ ବର୍ଷ ତୁଳନାରେ ୩୫%ରୁ ଅଧିକ ବୁକିଂ ଅଭିବୃଦ୍ଧି ହାସଲ କରିଛି। ଏ ସମ୍ପର୍କରେ ସ୍କାଏ ଅଟୋମୋବାଇଲ୍‌ସର ମ୍ୟାନେଜିଂ ପାର୍ଟନର ଅବିନାଶ ସିଂଘାଣିଆ କହିଛନ୍ତି ଯେ, ନବରାତ୍ରୀ ବର୍ତ୍ତମାନ ଆରମ୍ଭ ହୋଇଛି। ଆଶା କରୁଛୁ ଏହି ଅଭିବୃଦ୍ଧି ଧାରା ଦିପାବଳୀ ଯାଏ ଜାରି ରହିବ। ଆମେ ଗ୍ରାହକଙ୍କୁ ଆଗୁଆ ବୁକିଂ କରିବାକୁ ପ୍ରୋତ୍ସାହିତ କରୁଛୁ। ସରକାର ଯେଉଁ ୧୦-୫% ଜିଏସ୍‌ଟି ହ୍ରାସ କରିଛନ୍ତି, ବାସ୍ତବରେ ଦେଖିଲେ ସେଥିରେ ୮.୫% ଗାଡ଼ିର ଏକ୍ସ ଶୋ’ରୁମ୍ ମୂଲ୍ୟରେ ହୋଇଛି। ଆହୁରିମଧ୍ୟ ଜିଏସ୍‌ଟି



ହାରରେ ହ୍ରାସ ପରେ ଏଥିରୁ ସର୍ବାଧିକ ଲାଭ ହ୍ୟାଚ୍‌ବ୍ୟାକ୍ ମଡେଲଗୁଡିକ ଉପରେ ମିଳିବ, ଯେଉଁ କାର ଗୁଡିକ ୪୦୦୦ ଏମ୍‌ଏମ୍ ଲମ୍ବ ଏବଂ ୧୨୦୦ ସିସି ଇଞ୍ଜିନ୍ ପର୍ଯ୍ୟନ୍ତ। ଅଲ୍ଟୋ କେ-୧୦,ଏସ୍-ପ୍ରେସୋ,ସେଲେରିଓ,ୱାଗନ୍‌ଆର୍,ସ୍ୱିଫ୍ଟ,ବ୍ରିଜା ଏବଂ ଡିଜାୟାର ଭଳି ଗାଡ଼ି ମୂଲ୍ୟରେ ଆଖିଦୃଶିଆ ହ୍ରାସ ଘଟିଛି। ଏଥିଯୋଗୁ ଏଣ୍ଟ୍ରିଲେବଲ ଏବଂ କମ୍ପାକ୍ଟ କାର ଗୁଡିକ ଗ୍ରାହକଙ୍କ ଲାଗି ବେଶ ଆକର୍ଷଣୀୟ ହେ ବୋଲି ଶ୍ରୀ ସିଂଘାଣିଆ କହିଛନ୍ତି।

## ବ୍ୟାଙ୍କ ହାତ ଖାଲି; ଋଣ ଦେବାକୁ ନାହିଁ ଟଙ୍କା

ନୂଆଦିଲ୍ଲୀ,୨୩।୯ (ଏଜେନ୍ସି): ଭାରତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସମ୍ପ୍ରତି ବଡ଼ ନଗଦ ଅଭାବ ଜନିତ ସମସ୍ୟାର ସମ୍ମୁଖୀନ ହେଉଛି। ଆୟକର ଏବଂ ଜିଏସ୍‌ଟି ଦେୟ ଯୋଗୁଁ ସେପ୍ଟେମ୍ବରରେ ନଗଦ ପରିମାଣ ୭୦ ବିଲିୟନ

**ନଗଦ ସଙ୍କଟ**

ଟଙ୍କା ଯାଏ ହ୍ରାସ ପାଇଛି। ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ସରକାରୀ ଖର୍ଚ୍ଚ ଜରିଆରେ ଏହି ଅଭାବକୁ ପୂରଣ କରାଯାଇପାରିବ। ଆର୍‌ବିଆଇ ନିୟମ ଅନୁଯାୟୀ ବ୍ୟାଙ୍କଗୁଡ଼ିକୁ ସେମାନଙ୍କ ଜମାର କିଛି ଅଂଶ ନଗଦ ଆକାରରେ ରେ ରଖିବାକୁ ପଡିଥାଏ।

ଭାରତର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ନଗଦ ଅଭାବ ସମସ୍ୟା ଦେଇ ଗତି କରୁଛି। ଚଳିତମାସ ୨୧ରେ ବ୍ୟାଙ୍କଗୁଡିକ ପାଖରେ ଥିବା ନଗଦ ରାଶି ପରିମାଣ ୭୦ ବିଲିୟନ ଟଙ୍କା (୭୯.୪ କୋଟି ଡଲାର)କୁ ହ୍ରାସ ପାଇଛି, ଯାହା ମାର୍ଚ୍ଚ ମାସ ଶେଷ ପରଠାରୁ ସର୍ବନିମ୍ନ ସ୍ତର। ଏହା ଆୟକର ଏବଂ ସାମଗ୍ରୀ ଏବଂ ସେବା କର (ଜିଏସ୍‌ଟି) ଦେୟ ଯୋଗୁଁ





ହୋଇଥିଲା। ଏଥିରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ପ୍ରାୟ ୨.୬ ଟ୍ରିଲିୟନ ଡଲାର ବାହାରକୁ ପ୍ରବାହିତ ହୋଇଛି। ବ୍ୟାଙ୍କିଂ ବ୍ୟବସ୍ଥାରେ ଟଙ୍କାର ପରିମାଣ ଗ୍ରାହକ ଋଣ ସମେତ ବଜାର ସୁଧ ହାରକୁ ପ୍ରଭାବିତ କରେ। ଏଭଳି ସ୍ଥିତିରେ ବ୍ୟାଙ୍କଗୁଡ଼ିକ ଋଣ ଦେବାରେ ଅଧିକ ସତର୍କତା ଅବଲମ୍ବନ କରୁଛନ୍ତି। ତଥାପି, ଏହି ଅଭାବ ଶୀଘ୍ର ହ୍ରାସ ପାଇବା ଆଶା କରାଯାଉଛି। ବିଶେଷଜ୍ଞମାନେ କହିଛନ୍ତି ଯେ ସରକାରୀ ଖର୍ଚ୍ଚ ଏବଂ ବଣ୍ଡରୁ ହେଉଥିବା ଆୟରୁ ଟିକସ ଦେୟ ଯୋଗୁଁ ହୋଇଥିବା ଅଭାବ ପୂରଣ ହେବ।

ପରିସ୍ଥିତି ଶୀଘ୍ର ସୁଧାର ହେବ। ଅର୍ଥନୀତିଜ୍ଞ ବିବେକ କୁମାର କହିଛନ୍ତି ଯେ ଏହି ହ୍ରାସ ଅସ୍ଥାୟୀ ହେବ ବୋଲି ଆଶା କରାଯାଉଛି। ଆସନ୍ତା ସପ୍ତାହ ସୁଦ୍ଧା ବୃଦ୍ଧି ପାଇଥିବା ସରକାରୀ ଖର୍ଚ୍ଚ ପ୍ରଭାବକୁ ହ୍ରାସ କରିବ। ବଣ୍ଡରୁ ହେଉଥିବା ଆୟ ମଧ୍ୟ ସାହାଯ୍ୟ କରିବ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବ୍ୟାଙ୍କଗୁଡ଼ିକର ଜମା ରାଶିର ପ୍ରାୟ ୧% ନଗଦ ନିଜ ପାଖରେ ରଖିଛି। ଯାହା ପ୍ରାୟ ୨.୫ ଟ୍ରିଲିୟନ ଡଲାର। ଟିକସ ପଇଠ ପୂର୍ବରୁ ନଗଦ ସ୍ତର ସାମ୍ପ୍ରତିକ ସପ୍ତାହଗୁଡ଼ିକରେ ଏହି ସ୍ତର ଉପରେ ରହିଛି।

ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ଗୌରା ସେନ ଗୁପ୍ତା କହିଛନ୍ତି ଯେ ଅକ୍ଟୋବର ପର୍ଯ୍ୟନ୍ତ ଆଗାମୀ କିଛି ସପ୍ତାହ ମଧ୍ୟରେ ଏହି ନଗଦ ସ୍ତର ବୃଦ୍ଧି ପାଇବା ଆଶା କରାଯାଉଛି।

## ଏମ୍ପାୱାରଟ୍ରାନ୍ସ ପକ୍ଷରୁ ୧୩୨ କେଭି ଗ୍ରିଡ୍ ସବଷ୍ଟେସନ କାର୍ଯ୍ୟକ୍ଷମ

ଭୁବନେଶ୍ୱର,୨୩।୯ (ସମିସ): ରାଜ୍ୟର ଶକ୍ତି ଭିତ୍ତିଭୂମି ପାଇଁ ଏକ ମାଇଲଖୁଣ୍ଟ ସଫଳତା ଭାବରେ ଏମ୍ପାୱାରଟ୍ରାନ୍ସପକ୍ଷରୁ ବଲାଙ୍ଗୀର ଜିଲ୍ଲାର ରାମପୁର, ଅଗଲପୁରରେ ଓଡ଼ିଶାର ପ୍ରଥମ ଡିଜିଟାଲ ପ୍ରୋସେସ୍ ବସ୍-ବେସଡ୍ ୨x୨୦ ଏମଭିଏ, ୧୩୨/୩୩ କେଭି ଗ୍ରିଡ୍ ସବଷ୍ଟେସନ ସଫଳତାର ସହ କାର୍ଯ୍ୟକ୍ଷମ କରିଛି। ଓଡ଼ିଶା ପାୱାର ଟ୍ରାନ୍ସମିସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଟିସିଏଲ) ପାଇଁ ନିର୍ମିତ ଏହି ଆଧୁନିକ ସୁବିଧା ଭାରତର ଯେକୌଣସି ରାଜ୍ୟ ସଂଚାରଣ ଉପଯୋଗିତା ଦ୍ୱାରା ପ୍ରଥମ ଭାବେ ଉପଲବ୍ଧ କରାଯାଇଛି। ଉପ-ମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ ଓ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓଙ୍କ ଉପସ୍ଥିତିରେ ଏହାର ଉଦଘାଟନ କରାଯାଇଥିଲା। ଏହା ଓଡ଼ିଶାର ଶକ୍ତି କ୍ଷେତ୍ରକୁ ଡିଜିଟାଲ ନବସୃଜନର ଏକ ନୂତନ ଯୁଗ ଆଡ଼କୁ ଅଗ୍ରସର କରୁଥିବା ଦୂରଦର୍ଶିତା ଏବଂ ନେତୃତ୍ୱକୁ ମଧ୍ୟ ଦର୍ଶାଉଥିବା ଏମ୍ପାୱାରଟ୍ରାନ୍ସର ପରିଚାଳନା ନିର୍ଦ୍ଦେଶକ ଆସୀତ ପ୍ରଧାନ କହିଛନ୍ତି।

## ଓପୋ ଇଣ୍ଡିଆର ଗ୍ରାଣ୍ଡ ଫେଷ୍ଟିଭ ସେଲ୍

ଭୁବନେଶ୍ୱର,୨୩।୯ (ସମିସ): ଓପୋ ଇଣ୍ଡିଆ ଭାରତର ଗ୍ରାହକମାନଙ୍କ ପାଇଁ ଏହାର ସବୁଠାରୁ ବଡ଼ ଉତ୍ସବ ସେଲ୍- ‘ପେ ୦, ୱରି ୦, ୱିନ ୧୦ ଲକ୍ଷ’ ଘୋଷଣା କରିଛି। ୧୯ ସେପ୍ଟେମ୍ବରରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଗ୍ରାହକମାନେ ରିଟେଲ ଷ୍ଟୋର ଓପୋ ଇ-ଷ୍ଟୋର, ଫ୍ଲିପକାର୍ଟ ଏବଂ ଆମାଜନରେ ନୂତନତମ ଲଂଚ ଯଥା ଏଫ୩୧ ସିରିଜ୍ ଏବଂ ଏଫ୧୪ ସିରିଜ୍ ସମେତ ଓପୋ ଡିଭାଇସ୍ ଉପରେ ଆକର୍ଷଣୀୟ ଅଫର୍‌ର ଲାଭ ଉଠାଇପାରିବେ। ଓପୋ ଫେଷ୍ଟିଭ ସେଲ କ୍ରେତାମାନଙ୍କୁ ଜିରୋ ଡାଉନ ପେମେଣ୍ଟ, ସୁଧମୁକ୍ତ ଇଏମଆଇ, ତୁରନ୍ତ କ୍ୟାସବ୍ୟାକ୍, ଆକର୍ଷଣୀୟ ଏକ୍ସଚେଞ୍ଜ ସ୍କିମ୍ ଏବଂ ଟ.୧୦ ଲକ୍ଷ କିମ୍ବା ଟ.୧ ଲକ୍ଷ ନଗଦ ପୁରସ୍କାର ସହିତ ନୂତନତମ ଓପୋ ଡିଭାଇସ୍ ଜିତିବାର ସୁଯୋଗ ପ୍ରଦାନ କରୁଛି। ଏ୫ ସିରିଜରେ ଜିରୋ ଡାଉନ ପେମେଣ୍ଟ ଏବଂ ସୁଧମୁକ୍ତ ଇଏମଆଇ ସହିତ ଶ୍ରେଷ୍ଠ ଡିଲ ଉପଲବ୍ଧ। ‘ମାଇଁ ଓପୋ ଏକ୍ସକ୍ଲୁସିଭ୍ ଦିୱାଲି ରାଫେଲ୍‌ରେ ଗ୍ରାହକମାନେ ୧୦ ଲକ୍ଷ କିମ୍ବା ୧ ଲକ୍ଷର ନଗଦ ପୁରସ୍କାର କିମ୍ବା ଓପୋ ଡିଭାଇସ (ଏଫ୩୧ ପ୍ରୋ, ଫାଇଣ୍ଡ ଏକ୍ସ୮, ରେନୋ୧୪, ଏନକୋ ବଡ୍ସ୩ ପ୍ରୋ) ଜିତିବାର ସୁଯୋଗ ପାଇବେ।

## ବେଦାନ୍ତ ଆଲୁମିନିୟମ୍‌ର ‘ସୁସ୍ଥ ନାରୀ - ସଶକ୍ତ ପରିବାର’ ଅଭିଯାନ

ଭୁବନେଶ୍ୱର, ୨୩।୯ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଭାରତ ସରକାରଙ୍କ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ମାଧ୍ୟମରେ ଦୁର୍ଗମ ଅଞ୍ଚଳର ମହିଳା ଏବଂ ପରିବାରକୁ ସ୍ୱାସ୍ଥ୍ୟସେବା ସହାୟତା ପ୍ରଦାନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପଦକ୍ଷେପ ହେଉଛି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟର ମିଳିତ ନେତୃତ୍ୱରେ ମହିଳା ଏବଂ ଶିଶୁମାନଙ୍କ ପାଇଁ ଦେଶର ସର୍ବବୃହତ ସ୍ୱାସ୍ଥ୍ୟସେବା। ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ମଧ୍ୟରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସାମୁଦାୟିକ





ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ହସ୍ପିଟାଲ ଏବଂ ଅନ୍ୟାନ୍ୟ ସରକାରୀ ସୁବିଧାରେ ୧୦ ଲକ୍ଷରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଛି। ଅଭିଯାନର ଅଂଶ ସ୍ୱରୂପ, ବେଦାନ୍ତ ଆଲୁମିନିୟମ କଳାହାଣ୍ଡିର ନାକରୁଣ୍ଡିର ପିଏଚସି ଏବଂ ରାୟଗଡ଼ାର କାଶୀପୁରର ସିଏଚସିରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ଏହି ଶିବିରଗୁଡ଼ିକରୁ ୪୬୮ ମହିଳା ଏବଂ ୪୧୦ରୁ ଊର୍ଦ୍ଧ୍ୱ ପୁରୁଷ ଏବଂ ଶିଶୁଙ୍କୁ ଉପକୃତ ହୋଇଥିବା ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି।


**AFFIDAVIT**

I, Azra Paiker, aged about 38 years, W/o- Mohammad Ismail, resident of At- Magurgadia, Ps- Keonjhar Town, Dist- Keonjhar, Odisha, Pin- 758001 declare by this affidavit No. 1967, dtd- 22.09.2025, that now onwards I shall be known as **AZRA PAIKAR** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit sworn before the Executive magistrate, Pattamundai Dt. 21.06.25. I Anupama Mallik ,D/o Late Nirmal Chandra Rout ,w/o- Rabindra Mallik,and Ku Anupama Rout, D/o -Late Nirmal Chandra Rout, w/o-Rabindra Mallik,and Anusuya Pradhan, C/O-Nirmal Chandra Rout, W/o- Rabindra Mallik of my Parental address as well as father-in-law's address is one and same person for all purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2025040, ତା.12.09.2025ରିଖ

**କାର୍ଯ୍ୟର ନାମ:** ଫର୍ମେସନ, ଛୋଟ (Minor) ପୋଲ, ବଡ଼ (Major), ୟାର୍ଡ଼, ଷ୍ଟେସନ ଭବନ, ସେବା ଭବନ, P.Way ଲିଙ୍କିଙ୍ଗ କାର୍ଯ୍ୟ, ବାଲାଷ୍ଟ ଯୋଗାଣ, ପ୍ଲାଟଫର୍ମ କାର୍ଯ୍ୟ, ପ୍ଲାଟଫର୍ମ ସେଲ୍ଟର, ଡ୍ରେନ୍ କାର୍ଯ୍ୟ, କ୍ୟାମ୍ପିଙ୍ଗ୍ ସୁବିଧା, ରକ୍ଷଣ କାର୍ଯ୍ୟଗୁଡ଼ିକର ସମ୍ପାଦନ ଏବଂ ତାଳଚେର-ବିମଳାଗଡ଼ ନ୍ୟୁ BG ରେଳ ଲିଙ୍କ୍ ପ୍ରକଳ୍ପ ସୟନ୍ଧୀୟ ସମସ୍ତ ୟାର୍ଡ଼ ସହିତ ପାଲଲହଡ଼ା (Ex)(ସିଏଚ୍: 76.90 କି.ମି.)- ବାରକୋଟ୍ (In)(ସିଏଚ୍: 98.325 କି.ମି.) ମଧ୍ୟରେ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 59189.81 ଲକ୍ଷ, EMD (ଟଙ୍କାରେ): 1,00,00,000/-, କାର୍ଯ୍ୟ ଶେଷ ହେବା ଅବଧି : 30(ତିରିଶି)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.14.10.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗ୍ରୁପ୍‌ର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-110/CI/25-26

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 23.09.2025, I SANJUKTA KUMARI RATH , W/o- Late. Surendra Kumar Das, Vill.- Rampali, Po.- Kerla, Ps.- Kosagumuda, Dist- Nabarangpur, Odisha, Pin - 764058 declare that, I have changed my name from **SANJUKTA KUMARI RATHBHOI** to **SANJUKTA KUMARI RATH**. Henceforth I shall be known as **SANJUKTA KUMARI RATH** for all purposes. Sd/- **SANJUKTA KUMARI RATH**

**AFFIDAVIT**

By virtue of an affidavit sworn before P.K Mishra (O.R.S) Executive Magistrate, Balasore Sl No- 10305 Dt-19/09/2025.I Agstin Vincent Khan, Age-46, S/o- John Sittar Khan At- Padhuanpada,Proof Road, Ps- Sahadevkhunta, Po/Dist-Balasore. That my name wrongly recorded Pan Card no-AUTPV0038L Agastin Vincent and One Lic Policy bond No- xxxx25305 and one Baroda Bank account no-xxxx0100000384 Augustin Khan . I declared that Agstin Vincent Khan , Agastin Vincent and Augustin Khan are one and same person for all future purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 22.09.2025, I Rajendra Bhatra, S/o- Rabi Bhatra, Vill.- Raja Beheraguda, Po.- Agnipur, Ps.- Nabarangpur, Dist.- Nabarangpur, Odisha, Pin - 764059, declare that, I have changed my minor Son's name from **RAJENDRA BHATRA** to **ARAVINDA BHATRA**. Henceforth he shall be known as **Aravinda Bhatra** for all purposes.

Sd/- **Rajendra Bhatra**

**AFFIDAVIT**

By virtue of an affidavit sworn before the Notary Public, Sunabeda dated 23/09/2025 I Sri. Anantaram Dora, S/o- Samara Dora, Vill.- Anlaghati, Po.- Semala, Ps.- Nandapur, District- Koraput, Odisha, declare that I have changed my daughter’s name from **Anjali Dhara** to **Namita Dora.** Henceforth, my daughter shall be known as **Namita Dora** for all purposes.

Sd/- **Anantaram Dora**

**AFFIDAVIT**

By virtue of an affidavit sworn before the Notary Public, Sunabeda dated 20/09/2025 I Smt. Pramila Khemundu, D/o- Ramachandra Khemundu, Vill.- Attanda, Po.- Attanda, Ps.- Padwa, District- Koraput, Odisha, declare that I have changed my name from **Subila Khemundi** to **Pramila Khemundu.** Henceforth, I shall be known as **Pramila Khemundu** for all purposes.

Sd/- **Pramila Khemundu**

**AFFIDAVIT**

I, Sampad Kumar Satapathy, S/o- Prasanna Kumar Satapathy, resident of At- Ambajhara, PO: Garhbanikilo, PS: Ranapur, Dist: Nayagarh, Odisha, PIN: 752026 declared by this affidavit No. 17, dtd- 23/09/2025, that now onwards I shall be known as **SAMPAD SATAPATHY** for all future purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 05.06.2025, I SATIS BHATRA , S/o- Madhab Bhatra, Vill-Danaguda, Po.- Sanmasigam, Ps.-Nabarangpur, Dist- Nabarangpur, Odisha, Pin - 764063 declare that, I have changed my name from **DEB BHATRA** to **SATIS BHATRA**. Henceforth I shall be known as **SATIS BHATRA** for all purposes.

Sd/- **SATIS BHATRA**

O-799

E-Mail ID - rwd.padampur@yahoo.co.in
Ph.No. 9437255440

**Government of Odisha “e” Procurement Notice**
**Bid Identification No: Online- 08-OF 2025-26**

| | | |
|---|---|---|
| 1. | Name of the work | : Building works (As per Annexure-‘A’) |
| 2. | Amount put to Bid Excluding GST | : As per Annexure-‘A’ |
| 3. | Class of contractor | : "D" & "C" |
| 5. | Date & Time of availability of bid document in the portal | : From Dt. 25.09.2025 at 10.00 A.M. |
| 6. | Last date & Time for receipt of bids in the portal | : Dt. 04.10.2025up to 05:00 P.M. |
| 7. | Last date of seeking clarification | : Dt. 03.10.2025 up to 5.00 P.M |
| 8. | Date & Time of technical bid opening | : Dt. 06.10.2025 at 11.00 A.M . |
| 10. | Name and address of the Officer Inviting Bid | : Executive Engineer, R.W.Division, Padampur, At/Po-Padampur, Dist- Bargarh,Pin- 768036 |

(1) Other details can be seen from **DTCN** available in website www.tendersodisha.gov.in

(2) Corrigendum if any shall only be published in the above website

Sd/-
Executive Engineer,
Rural Works Division, Padampur

OIPR-25069/11/0036/2526

**MUNICIPAL OFFICE: JEYPORE** C-1163

Ph. No. 06854-321098, Fax No. 06854-230104, Email - jeyporem.hud@nic.in

**L. No.** 4198/JM **JM-TCN02/2025-26** **Date.** 22/09/2025

Bid documents consisting of specification, the Bill of Quantity and the Tender call notice can be seen in the Govt. website https://tendersorissa.gov.in/nicgep/app.

| | |
|---|---|
| Bid Documents including Schedule of Quantity available for online bidding | https://tendersorissa.gov.in/nicgep/app |
| No of works. | **01** |
| Estimated cost | As per DTCN |
| Date & Time of Bidding in portal | From **23/09/25** at 11:00 Hours to **10/10/25** Upto 16:00 Hours |
| Last date & time for receipt of bids in portal | **10/10/2025** Upto 16:00 Hours |
| Offline Documents Received through Speed Post/ Registered Post | **10/10/2025** at 16:00 Hours to **14/10/2025** Up to 11:00 Hours (Working Days Only) |
| Bids received online shall be opened on | **14/10/2025** at 11:00 Hours onwards |
| Offline Documents shall be opened in presence of the Participate Bidders | **14/10/2025** at 11:00 Hours onwards |

Executive Officer
Jeypore Municipality

OIPR-13079/11/0069/2526

# ପଟ୍ଟାମୁଣ୍ଡାଇ କେନାଲକୁ ଓଲଟିଲା କାର୍

## ଅଳ୍ପକେ ବର୍ତ୍ତିଲେ ମାଆ ଓ ପୁଅ



**ମାହାଙ୍ଗା/ଭଦ୍ରେଶ୍ୱର, ୨୩।୯ (ସମିସ):** ମାହାଙ୍ଗା ଥାନା କୁଆଁପାଳ-ଗୋପୀନାଥପୁର ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ପୂର୍ତ୍ତବିଭାଗ ରାସ୍ତାର ଜଳେଶ୍ୱରପୁର ଗ୍ରାମ ତ୍ରିପାଠୀ ସାହି ନିକଟରେ ଏକ କାର ଭାରସାମ୍ୟ ହରାଇ କେନାଲ ମଧ୍ୟକୁ ଓଲଟି ଯାଇଥିଲା। କାର ଭିତରେ ଥିବା ମାଆ-ପୁଅଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି। ସ୍ଥାନୀୟଲୋକେ ଅବସରପ୍ରାପ୍ତ ସାମରିକ କର୍ମଚାରୀ ନିରଞ୍ଜନ ତ୍ରିପାଠୀଙ୍କ ସହାୟତାରେ ମା' ଓ ପୁଅକୁ କେନାଲ ପାଣି ମଧ୍ୟରୁ ଉଦ୍ଧାର କରିଥିଲେ। ମଙ୍ଗଳବାର ସକାଳ ପ୍ରାୟ ୭ଟା ୩୦ ସମୟରେ ଯାଜପୁର ଜିଲ୍ଲା ବଡଚଣା ବ୍ଲକ ନାନପୁର ପଟଣା ଗ୍ରାମର ଅପରାଜିତା ମିଶ୍ର ଓ ତାଙ୍କ ପୁଅ ଉମାକାନ୍ତ ମିଶ୍ର ନିଜ ଘର ଅଭିମୁଖେ ଆସୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ଜଳେଶ୍ୱରପୁର ଗ୍ରାମର ଅବସରପ୍ରାପ୍ତ ସେନା ଅଧିକାରୀ ନିରଞ୍ଜନ ତ୍ରିପାଠୀ ଚିତ୍କାର କରି ଡାକ ପକାଇବା ସହ ନିଜେ କେନାଲକୁ ଡେଇଁ ଉଦ୍ଧାର କରିଥିଲେ। କୁଆଁପାଳ ଦମକଳବାହିନୀ ମା' ଓ ପୁଅଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ କେନାଲ ଭିତରେ ଫସି ରହିଥିବା ଗାଡିଟିକୁ ଉଦ୍ଧାର କରାଯାଇଥିବା ଜଣାଯାଇଛି। ଅନ୍ୟପକ୍ଷରେ, କୁଆଁପାଳ-ଗୋପୀନାଥପୁର ପ୍ରାୟ ୧୮ କିମି ଦୂରତା ପର୍ଯ୍ୟନ୍ତ କେନାଲ ପାଶ୍ୱର୍ରେ ସୁରକ୍ଷା ବାଡ଼ ନ ଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି।

## ହନିଟ୍ରାପ୍ ମାମଲା: କୋର୍ଟରେ ଫେରାର ସାମ୍ବାଦିକଙ୍କ ଆତ୍ମସମର୍ପଣ

**ନିଶ୍ଚିନ୍ତକୋଇଲି,୨୩।୯ (ସମିସ):** ନିଶ୍ଚିନ୍ତକୋଇଲି ହନିଟ୍ରାପ୍ ଘଟଣାରେ ସଂପୃକ୍ତ ଥିବା ଅଭିଯୁକ୍ତ ଫେରାର ସାମ୍ବାଦିକ ଅସିତ ସାମଲ ମଙ୍ଗଳବାର ସାଲେପୁର କୋର୍ଟରେ ଆତ୍ମସମର୍ପଣ କରିଛି। ସଂପୃକ୍ତ ସାମ୍ବାଦିକଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶିଶୁଆ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ସୋମବାର ଜେଲ ହାଜତରେ ଥିବା ତିନି ଜଣ ଅଭିଯୁକ୍ତଙ୍କୁ ଆଜି କୋର୍ଟ ପକ୍ଷରୁ ଜାମିନ ମଞ୍ଜୁର କରାଯାଇଥିବା ବେଳେ ହନିଟ୍ରାପ୍ ଘଟଣାରେ ଫସିଥିବା ଦୁଇ ଜଣ ବ୍ୟକ୍ତିଙ୍କ ଅଭିଯୋଗକ୍ରମେ ପୁଲିସ ପକ୍ଷରୁ ପୁନର୍ବାର ମାମଲା ରୁଜୁ କରାଯିବା ପରେ ସେମାନଙ୍କୁ ମଧ୍ୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ଦୁଇ ଜଣ ସାମ୍ବାଦିକ, ଜଣେ ମହିଳା ଓ ଜଣେ ଚା' ଦୋକାନୀ ଜେଲ୍ ହାଜତରେ ରହିଥିବା ଜଣାଯାଇଛି।

## ଶନି ମନ୍ଦିରରୁ ଚୋରି; ଜଣେ ଅଟକ

**ନିଶ୍ଚିନ୍ତକୋଇଲି,୨୩।୯ (ସମିସ):** ନିଶ୍ଚିନ୍ତକୋଇଲି ଥାନା ବଡକ୍ଷୀର ପଞ୍ଚାୟତ କାଚରାପାଟଣା ଗ୍ରାମର ଶନି ମନ୍ଦିରରୁ ଏକ ରୁପା ମୁକୁଟ ଓ ରୁପା ଅଣ୍ଟା ପଟି ଚୋରି ହୋଇଥିଲା। ସେହି ଗ୍ରାମର ଶୁଭେନ୍ଦୁ ଗାହାଣ ଏହି ଚୋରି ଘଟଣାରେ ସଂପୃକ୍ତ ଥିବା ଗ୍ରାମବାସୀ ଜାଣିବା ପରେ ତାକୁ ଧରି ପଚରା ଉଚରା କରିଥିଲେ। ସଂପୃକ୍ତ ଯୁବକ ଜଣକ ଗ୍ରାମବାସୀଙ୍କ ଆଗରେ ଏହି ମନ୍ଦିରରୁ ଚୋରି କରିବା ସହିତ ଆଖପାଖ ଅନ୍ୟାନ୍ୟ ମନ୍ଦିରରୁ ମଧ୍ୟ ଚୋରି କରିଥିବା ମାନିଯାଇଥିଲା। ସେହି ଗ୍ରାମର ବିମଳା ମନ୍ଦିରରୁ ଦୁଇଟା ଘଣ୍ଟା ଗୋଟିଏ ଘଣ୍ଟି ସମେତ ଆସବାପତ୍ର, ଗୋଡରା ପଞ୍ଚାୟତ ପ୍ରହରାଜପୁର ଗ୍ରାମର କାମେଶ୍ୱର ମନ୍ଦିରରୁ ୫୫ କିଗ୍ରାର ୪ଟି ପିତ୍ତଳ ମୂର୍ତ୍ତି, ସେହିପରି କ୍ଷୀରେଶ୍ୱର ମହାଦେବ ମନ୍ଦିର, ଧଳପଡା ସାଧୁଗୋସାଇଁ ପୀଠ ଓ ନତକାଇ ବାଙ୍କେଶ୍ୱର ମନ୍ଦିରରୁ ମଧ୍ୟ ସେ ଚୋରି କରିଥିବା ଜଣାଯାଇଛି। ସଂପୃକ୍ତ ଯୁବକକୁ ପୁଲିସ ଥାନାରେ ଅଟକ ରଖିଛି। ଉପଯୁକ୍ତ ତଦନ୍ତ ପରେ ମାମଲା ରୁଜୁ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପ୍ରକାଶ କରିଛି।

## ତିଗିରିଆରେ ୨୨୩ ଜଣ ଦେଲେ ମେଧାବୃତ୍ତି ପରୀକ୍ଷା

**ତିଗିରିଆ,୨୩।୯ (ସମିସ):** ତିଗିରିଆ ବ୍ଲକ ନିଜିଗଡ଼ ପଞ୍ଚାୟତସ୍ଥିତ ପବିତ୍ର ମୋହନ ନୋଡାଲ ବିଦ୍ୟାପୀଠ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ଦୁଇଟି ଯାକ ପରୀକ୍ଷା କେନ୍ଦ୍ରରେ ମୋଟ ୨୨୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୫ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ପବିତ୍ର ମୋହନ ନୋଡାଲ ବିଦ୍ୟାପୀଠରେ ମୋଟ ୧୦୯ ଜଣ ଛାତ୍ରଛାତ୍ରୀ ସେମାନଙ୍କ ମଧ୍ୟରୁ ୫୨ ଜଣ ଛାତ୍ର ଓ ୫୭ ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଦୁଇଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମୋଟ ୧୧୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୯ଜଣ ଛାତ୍ର ଓ ୬୫ ଜଣ ଛାତ୍ରୀ ରହିଥିବା ବେଳେ ୩ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ଜଣାପଡିଛି। ବ୍ଲକ ଶିକ୍ଷାଧିକାରୀ ଶ୍ରୀ ମହାରଣା ଉଭୟ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରୀକ୍ଷା ପରିଚାଳନା ତଦାରଖ କରିଥିବା ସୂଚନା ଦେଇଛନ୍ତି।

### ଚୌଦ୍ୱାର ହାଜତ ମୃତ୍ୟୁ ଘଟଣା

# ସାଇଣ୍ଟିଫିକ ଟିମ୍ ଅନୁସନ୍ଧାନରେ ବିଚଳିତ ପୁଲିସ

**ଚୌଦ୍ୱାର,୨୩।୯ (ସମିସ):** ଚୌଦ୍ୱାର ଥାନାରେ ହାଜତ ମୃତ୍ୟୁ ଘଟଣା ପରେ ରାଜୁତି କରୁଛି ନିରବତା। ଏବେ ଥାନାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ପୁରା ଚୁପ। ଏହି ଘଟଣାରେ ୩ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିଲମ୍ବନ କରାଯିବା ପରେ ଅନ୍ୟ ଅଧିକାରୀ ଓ କର୍ମଚାରୀ ବି ଭୟଭୀତ ହୋଇପଡ଼ିଛନ୍ତି। ଗତକାଲି ଜଣେ ଅଭିଯୁକ୍ତ ବାରାକରେ ଅଟକ ଥିବାବେଳେ ଶୌଚ ହେବା ପାଇଁ ପାଇଖାନାକୁ ଯାଇ ସେଠାରେ ଏକ ବେଲ୍ଟ ବେକରେ ବାନ୍ଧି ଝୁଲି ପଡ଼ିଥିଲେ। ଏହି ଘଟଣାରେ ଆଜି ପୂର୍ବାହ୍ନରେ ସାଇଣ୍ଟିଫିକ ଟିମ ଚୌଦ୍ୱାର ଥାନାରେ ପହଞ୍ଚି ବିଭିନ୍ନ ଦିଗରୁ ଅନୁସନ୍ଧାନ ଚଳାଇବା ସହ ମୃତକଙ୍କ ଫିଙ୍ଗରପ୍ରିଣ୍ଟ ଥିବା ସ୍ଥାନର ଫଟୋ ଆଦି ନେବା ସହ ପଚରାଉଚରା କରିଛନ୍ତି। ଏହି ଅଭିଯୁକ୍ତ ଜଣକ ଢେଙ୍କାନାଳ ଜିଲ୍ଲା ଶଙ୍କରପୁରର ରସାନନ୍ଦ ନାୟକ (୩୯)। ସେ ଗତକାଲି ଅପରାହ୍ନ ପ୍ରାୟ ୧୨ଟା ୫ ସମୟରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ତାଙ୍କ ଚିତ୍କାର ଶୁଣି ଜଣେ ମହିଳା ପୁଲିସ କର୍ମଚାରୀ ଦେଖିବା ବେଳକୁ ରସାନନ୍ଦ ଝୁଲି ପଡ଼ିଛନ୍ତି। ସଙ୍ଗେ ସଙ୍ଗେ ଅନ୍ୟ କର୍ମଚାରୀଙ୍କ ସହାୟତାରେ ଏକ ସ୍କୁଟି ଯୋଗେ ତାଙ୍କୁ ସ୍ଥାନୀୟ ଏକ ଘରୋଇ ନର୍ସିଂହୋମକୁ ନିଆ ଯାଇଥିଲା। ମାତ୍ର ସେଠାରେ ରସାନନ୍ଦଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲ (ଏସସିବି)କୁ ସ୍ଥାନାନ୍ତର କରାଯାଇଥିଲା। ଏସସିବିର ଟ୍ରମାକେୟାର ବିଭାଗରେ ଭର୍ତ୍ତି ହୋଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏନେଇ ସ୍ଥାନୀୟ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ମଧ୍ୟ ରଜୁ ହୋଇଛି। ଏହି ମାମଲାକୁ ମଙ୍ଗଳାବାଗ ଥାନା ପୁଲିସ ନିଜ ଆଡୁ ରୁଜୁ କରିଥିବା ଜଣାପଡ଼ିଛି। କିନ୍ତୁ ମୃତକଙ୍କ ପରିବାର ଗଣମାଧ୍ୟମ ସମ୍ମୁଖରେ ଚୌଦ୍ୱାର ପୁଲିସ କିଭଳି ରସାନନ୍ଦଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ ସେ ବିଷୟରେ ପ୍ରକାଶ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ ଘଟଣା ଦିନ ଥାନା ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ତଥା ଏସିପି ବିଶ୍ୱମୋହନ ସାହୁ ସ୍ଥାନୀୟ ନୂଆପାଟଣାରେ ଚାଲିଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କିନ୍ତୁ ଡିସିଓ ଦାୟିତ୍ୱରେ ଥିବା ନିରଞ୍ଜନ ଗୌଡ଼ଙ୍କ ଉପସ୍ଥିତିରେ ଏସବୁ ଘଟଣା ଘଟିଥିବାବେଳେ ଦାୟିତ୍ୱରେ ଥିବା କନେଷ୍ଟବଳ କମଳଲୋଚନ ମାଝୀଙ୍କୁ ଚକମା ଦେଖାଇ ଅଭିଯୁକ୍ତ ରସାନନ୍ଦ ପାଇଖାନାରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୋଟିଏ ପଟେ ଚୌଦ୍ୱାର ଥାନାର ବିଭିନ୍ନ ସ୍ଥାନରେ ସିସିଟିଭି ଲାଗି ନ ଥିବା ଯୋଗୁଁ ଏଭଳି ଘଟଣାର ତଦନ୍ତରେ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏଥିସହ କାଳେ ଆଉ କେଉଁ ଅଧିକାରୀ ଓ କର୍ମଚାରୀ ଏଥିରେ ଫସିଯିବେ ସେଥିପାଇଁ ସମସ୍ତେ ଭୟଭୀତ ହୋଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ବେଳେ ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ତଥା ଏସିପି ଶ୍ରୀ ସାହୁ ଥାନାରେ ଉପସ୍ଥିତ ନ ଥିଲେ ମଧ୍ୟ ତାଙ୍କୁ କାହିଁକି ନିଲମ୍ବନ କରାଗଲା ସେନେଇ ମଧ୍ୟ ଆଲୋଚନା ହେଉଛି।

ଘଟଣା ବିଷୟରେ ଖୋଦ ଡିସିଓ ଶ୍ରୀ ଗୌଡ଼ଙ୍କୁ ପଚାରିବାବେଳେ ସେ ଏଭଳି ଘଟଣାକୁ ଅସ୍ୱୀକାର କରିବା ତାଙ୍କ କର୍ତ୍ତବ୍ୟ ପାଳନରେ ଅବହେଳାକୁ ସ୍ପଷ୍ଟ କରୁଛି। ତେବେ ଥାନା ଅଧିକାରୀ ଶ୍ରୀ ସାହୁ ଅନ୍ୟ କର୍ମଚାରୀ ଓ ଅଧିକାରୀଙ୍କୁ ବଞ୍ଚାଇବା ପାଇଁ ଦୋଷ ନିଜ ଉପରକୁ ନେଇଥିବା ଚର୍ଚ୍ଚା ହେଉଛି।

### ପଣସ ପାଟଣାରେ ବଡ଼ଧରଣର ଅବକାରୀ ଚଢ଼ଉ

## ବିପୁଳ ମଦ ଓ ପୋଚ ନଷ୍ଟ; ୮ ମାମଲା ରୁଜୁ



**ତିଗିରିଆ,୨୩।୯ (ସମିସ):** ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଆଠଗଡ ଅବକାରୀ ଉପ ଅଧୀକ୍ଷକ ସିଏଚ ତିରୁପତି, ତିଗିରିଆ ତହସିଲଦାର ଅକ୍ଷୟ ପରିଡାଙ୍କ ତତ୍ତ୍ୱାବଧାନରେ ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତର ପଣସପାଟଣା ଗ୍ରାମରେ ଆଠଗଡ ଅବକାରୀ ବିଭାଗ, ପୁଲିସ ବିଭାଗ, ବନବିଭାଗ, ବିଦ୍ୟୁତ ବିଭାଗ ସହଯୋଗରେ ଏକ ବଡ଼ଧରଣର ମିଳିତ ଚଢ଼ଉ କରାଯାଇ ୨୭୧୫ ଲିଟର ବେଆଇନ ଦେଶୀ ମଦ ସହ ୨୮ହଜାର ୮୮୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ମୋଟ ୮ଟି ମାମଲା ରୁଜୁ କରାଯାଇଥିବା ବେଳେ କାହାକୁ ଗିରଫ କରାଯାଇ ନାହିଁ। ମଦ ରାନ୍ଧିବା ପାଇଁ ବ୍ୟବହୃତ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଚୁଲା ଜେସିବି ଲଗେଇ ନଷ୍ଟ କରି ଦିଆଯାଇଛି। ଆଠଗଡ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ, ଜିଲ୍ଲା ଅବକାରୀ ବିଭାଗ ମୋବାଇଲ ୟୁନିଟ ନିରୀକ୍ଷକ ଅଭିରାମ ସାହୁ, ତିଗିରିଆ ବନପାଳ ପ୍ରଶାନ୍ତ ପରିଡା, ଆଠଗଡ ଅବକାରୀ ଉପନିରୀକ୍ଷକ ଅରୁଣ ଭୋଇ, ବାଙ୍କୀ ଅବକାରୀ ଉପ ନିରୀକ୍ଷକ ସୌମ୍ୟରଞ୍ଜନ ମାଝୀ, କଟକ-୨ ଅବକାରୀ ଉପନିରୀକ୍ଷକ ଅଜିତ ପାତ୍ରଙ୍କ ସମେତ ଅନ୍ୟାନ୍ୟ ଅବକାରୀ, ପୁଲିସ ଓ ବନ ବିଭାଗର କର୍ମୀ ଚଢ଼ଉରେ ଉପସ୍ଥିତ ଥିଲେ।

## ୨୦ ଲକ୍ଷ ଟଙ୍କାର ଚୋରା ହାର୍ଡକୋକ୍ ଜବତ; ୫ ଗିରଫ



**ମଙ୍ଗୁଳି/ଟାଙ୍ଗୀ,୨୩।୯ (ସମିସ):** ମଙ୍ଗୁଳି ଛକରେ ଚାଲାଣ ହେଉଥିବା ନେଇ ଟାଙ୍ଗୀ ପୁଲିସ ଚଢ଼ଉ କରିବା ସହ ୨୦ଲକ୍ଷ ଟଙ୍କାର ହାର୍ଡକୋକ୍ ଜବତ ସହ ୫ଜଣଙ୍କୁ ଗିରଫ୍ କରିଥିବା ଜଣାପଡ଼ିଛି। ସତ୍ୟସାଇ କୋଲ ଡିପୋରେ ବେଆଇନ୍ ଭାବେ ହାର୍ଡକୋକ୍‌କୁ ଅନଲୋଡ଼ିଙ୍ଗ କରାଯାଇ ଚୋରାରେ ବିକ୍ରି କରାଯାଉଥିବା ବେଳେ ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ଶିବପ୍ରସାଦ ଭଦ୍ର ସେଠାରେ ଚଢ଼ଉ କରିଥିଲେ। ଟ୍ରକ୍‌ର ଡ୍ରାଇଭର ନୟାଗଡ଼ ଫତେଗଡ଼ର ସୀତାକାନ୍ତ ସାହୁ (୨୫), ବାଙ୍କି କାନମୁଣ୍ଡୁଳୀର ପିଙ୍କୁନ୍ ସ୍ୱାଇଁ (୨୫), ବଡ଼ମ୍ବାର ଜିତେନ୍ଦ୍ର ବେହେରା (୩୩) ଓ ଚୋରା କାରବାର ହେଉଥିବା ଡିପୋର କର୍ମଚାରୀ ଟାଙ୍ଗୀ ତୁଳସୀପୁରର କାର୍ତ୍ତିକଚନ୍ଦ୍ର ରାଉତ (୪୬), ବଡ଼ଚଣାର ପ୍ରଭାକର ଦାସ (୪୫)ଙ୍କୁ ଗିରଫ କରାଯାଇଛି। ଡିପୋ ଓ ଟ୍ରକ୍‌ରେ ଗଛିତ ଥିବା ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହାର୍ଡକୋକ୍‌କୁ ପୁଲିସ୍ ଜବତ କରିବା ସହ ୨ଟି ହାର୍ଡକୋକ୍ ବୋଝେଇ ଟ୍ରକ୍ ଓ ଗୋଟିଏ ଜେସିବିକୁ ଜବତ କରିବା ସହ ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଏହି ଚୋରା କାରବାରର ମୁଖ୍ୟ କାର୍ପେଟଦାର ଫେରାର ଥିବା ବେଳେ ଜେଲରୁ ମୁକୁଳିବା ପରେ ଏହି କାର୍ପେଟଦାର ଜଣକ ପୁଣି ମଙ୍ଗୁଳି ଛକରେ ଏହି ବ୍ୟବସାୟକୁ ଆରମ୍ଭ କରିଥିବା ନେଇ ପୁଲିସ ସନ୍ଦେହ କରୁଥିବା ଜଣାପଡ଼ିଛି। ଚୋରା ବ୍ୟବସାୟ କରୁଥିବା ଡିପୋର ମାଲିକଙ୍କୁ ଗିରଫ କରିବାରେ ପୁଲିସ କାହିଁକି ଟାଳଟୁଳ ନୀତି କରୁଛି ସେନେଇ ପ୍ରଶ୍ନ ଉଠିଛି।

## ଏକଦଶାହରେ ରକ୍ତଦାନ ଓ ଚାରାରୋପଣ



**ମାହାଙ୍ଗା,୨୩।୯ (ସମିସ):** ମାହାଙ୍ଗା ବ୍ଲକ ପଶୁକୁଣ୍ଡା ଗାଁର ନେଉଳି ଦାସଙ୍କ ଏକାଦଶାହରେ ମା ରଧଦେବି ଦତ୍ତ ନ୍ୟାସ ଓ ସାହା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ବ୍ୟାପକ ବର୍ଷା ଓ ବଜ୍ରପାତ ସତ୍ତ୍ୱେ ଏହି ଶିବିରରେ ରାତି ୮ଟାରୁ ୧୦ଟା ମଧ୍ୟରେ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ପରିବାର ପକ୍ଷରୁ ବୋହୂ କବିତା ଦାସ ପ୍ରଥମେ ରକ୍ତଦାନ କରିଥିଲେ। ପରେ ତାଙ୍କର ନାତି ସୌମେତ ଦାସ ସୁଭାଶିଷ କବି, ଶୁଭେନ୍ଦୁ କବି ଓ ନାତୁଣୀ ଦୀପ୍ତିରେଖା ଦାସ ରକ୍ତଦାନ କରିଥିଲେ। ଏହି ଶିବିରରେ ଆଖପାଖ ଅଞ୍ଚଳର ରକ୍ତଦାତା ରକ୍ତଦାନ କରିଥିଲା ବେଳେ ସାନପୁଅ ତଥା ଯୁବ ସମାଜସେବୀ ଫିଜିଓଥେରାପିଷ୍ଟ ମହେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ନେଉଳି ଦାସ ସ୍ମୃତି କମିଟି ପକ୍ଷରୁ ବାବା ଗୌରାଙ୍ଗ ଦାସ ଗଛ କିଶୋରଙ୍କ ନେତୃତ୍ୱରେ ଚାରାରୋପଣ କରାଯାଇଥିଲା। ପଣ୍ଡିତ ବିନୟ ମିଶ୍ର, ସାମ୍ବାଦିକ ବିଜୟ ଜେନା, ମାନବାଧିକାର ଅଧିବକ୍ତା ସତ୍ୟନାରାୟଣ ଦାସ, ସାମ୍ବାଦିକ ଧନେଶ୍ୱର ସେଠୀ, ଧନଞ୍ଜୟ ଦାସ, କବି ଗୋବିନ୍ଦ ମହାନ୍ତି, ଭାରତ ଭୂଷଣ ପଟ୍ଟନାୟକ, ରାମଚନ୍ଦ୍ର ବାରିକ ପରିଚାଳନା କରିଥିଲେ। ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କ ସମେତ କଟକର ବିଶିଷ୍ଟ ଗୋ ସେବକ କିଶନ ଲାଲ ଭର୍ତିଆ, ଆଇନଜୀବୀ ଶ୍ରୀରାମ ରାୟ, ସମାଜସେବୀ ଦିନେଶ ଗୁପ୍ତା, ଦୀପକ ଆଚାର୍ଯ୍ୟ, ପ୍ରଦୀପ ବରାଳ ଉପସ୍ଥିତ ଥିଲେ।

## କିଶୋରନଗର ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

**କିଶୋରନଗର,୨୩।୯ (ସମିସ):** କିଶୋରନଗର ଦୁର୍ଗା ପୂଜାକୁ ଶାନ୍ତି ଶୃଙ୍ଖଳାରେ ଶେଷ କରିବାକୁ କିଶୋରନଗର ଥାନା ପରିସରରେ ୧୨ଟି ମେଢ଼ କମିଟିର ସଦସ୍ୟଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଥାନା ଅଧିକାରୀଣି ଦୁର୍ଗେଶ ନନ୍ଦିନୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ସରକାରୀ ନିୟମ ଅନୁଯାୟୀ ଶେଷ କରିବାକୁ ସମସ୍ତ ପୂଜା କମିଟିର ସଦସ୍ୟଙ୍କୁ କୁହାଯାଇଥିଲା। ଏପରିକି ମଣ୍ଡପରେ ପାଣି ଭର୍ତ୍ତି ଡ୍ରମ, ବାଲି ବସ୍ତା, ଅଗ୍ନି ନିରାପକ ଯନ୍ତ୍ର ରଖିବା, ପ୍ରତି ପୂଜା କମିଟି ପକ୍ଷରୁ ଜିଲ୍ଲାପାଳଙ୍କଠୁ ଅନୁମତି ଆଣିବାକୁ ପରାମର୍ଶ ଦିଆଯାଇଥିଲା। ଏଥିସହ ଭସାଣି ଶୋଭାଯାତ୍ରାରେ ବାଣ, ଡିଜେ ଓ ଅଶ୍ଳୀଳ ନୃତ୍ୟ ଗୀତକୁ ମଧ୍ୟ ମନା କରାଯାଇଛି। ଏଥି ସହିତ ବାଡ଼ି ଓ ଖଣ୍ଡା ଖେଳକୁ ମଧ୍ୟ ବାରଣ କରାଯାଇଥିବା ନେଇ ସୂଚନା ଦେଇଥିଲେ।



ଉକ୍ତ ବୈଠକରେ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତି ଉପସ୍ଥିତ ଥିଲେ। ଆସନ୍ତା ୩ ତାରିଖରେ କିଶୋରନଗରରେ ୧୨ଟି ମେଢ଼ ବିସର୍ଜନ କରାଯିବ ବୋଲି ଜଣାପଡ଼ିଛି।

## ଗୋବିନ୍ଦପୁର ମହାବିଦ୍ୟାଳୟରେ ଗାନ୍ଧୀ କଥା



**କଣ୍ଟାପଡ଼ା/ଅଡ଼ଶପୁର, ୨୩।୯ (ସମିସ):** କଣ୍ଟାପଡା ବ୍ଲକ ଗୋବିନ୍ଦପୁର ଡିଗ୍ରୀ ମହାବିଦ୍ୟାଳୟରେ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ଓ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ଏଡଇଣ୍ଡିଆ ସହଯୋଗରେ ଏକଦିବସୀୟ ଗାନ୍ଧୀ କଥା ଓ ଗାନ୍ଧୀ ଯୁବ ଶିବିର ଆୟୋଜନ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର କୈଳାଶଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଉଦଘାଟକ ରୂପେ ବରିଷ୍ଠ ଉପଦେଷ୍ଟା ତଥା ବରିଷ୍ଠ ଅର୍ଥନୀତି ପ୍ରାଧ୍ୟାପକ ପ୍ରଫେସର ଡ଼ ସେକ କଲ୍ଲୀମୁଲ୍ଲା, ମୁଖ୍ୟଅତିଥି ରୂପେ ବରିଷ୍ଠ ଇତିହାସ ବିଭାଗର ପ୍ରାଧ୍ୟାପକ ତଥା ସର୍ବୋଦୟ ଗବେଷକ ପ୍ରଫେସର ଡ଼ ପ୍ରଶାନ୍ତ ପ୍ରଧାନ, ମୁଖ୍ୟବକ୍ତା ରୂପେ ଜି ଏସ. ଏସର ନିର୍ଦ୍ଦେଶକ ବରିଷ୍ଠ କୃଷି ଅଧିକାରୀ ତଥା କୃଷିବିତ୍ ପ୍ରମୋଦ ମଲ୍ଲିକ, ସମ୍ମାନିତ ଅତିଥି ରୂପେ ଏନଏସଏସର କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ପ୍ରତାପ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଓଡିଆ ପ୍ରାଧ୍ୟାପକ ଡ଼ ଶଶିକାନ୍ତ ଷଡ଼ଙ୍ଗୀ, ସଂସ୍କୃତ ବିଭାଗ ମୁଖ୍ୟ ଭୋଳାନାଥ ସାହୁ, ଇଂରାଜୀ ବିଭାଗ ଅଧ୍ୟାପକ ଚିନ୍ମୟ ବେହେରା, ଶିକ୍ଷା ବିଭାଗ ଅଧ୍ୟାପକ ବିକ୍ରମ କୁମାର ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଯୁବ ସମାଜସେବୀ ସନ୍ତୋଷ ମାଝୀ ପରିଚାଳନା କରିଥିଲେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ସହଯୋଗ କରିଥିଲେ। ଅନୁଷ୍ଠାନର ଯୁବ ସଭାପତି ବାସ୍ତବବାଦୀ କବି ସନ୍ଦୀପ ମଲ୍ଲିକ, ବିକ୍ରମ ମୁଦୁଲି ସହଯୋଗ କରିଥିଲେ। ଅଧ୍ୟାପକ ଭୋଳାନାଥ ସାହୁ ଧନ୍ୟବାଦ ଦେଇଥିବା ବେଳେ ଏହି ଶିବିରରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

### ଧବଳେଶ୍ୱରଙ୍କ ପବିତ୍ର ପଞ୍ଚକ ଓ ବଡ଼ଓଷା ପ୍ରସ୍ତୁତି ବୈଠକ

# ନଭେମ୍ବର ୩ ପୀଠରେ, ୪ରେ ଗ୍ରାମାଞ୍ଚଳ ବଡ଼ ଓଷା

**ଆଠଗଡ,୨୩।୯ (ସମିସ):** ମଙ୍ଗଳବାର ପୂର୍ବାହ୍ନରେ ଶ୍ରୀ ଶ୍ରୀ ଧବଳେଶ୍ୱରଦେବ ବିଜେ ମଞ୍ଚେଶ୍ୱରଙ୍କ ପବିତ୍ର ପଞ୍ଚକ ଓ ବଡଓଷା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବାବା ଧବଳେଶ୍ୱରଙ୍କ ପୀଠ ପ୍ରାଙ୍ଗଣରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟାଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ମାସ ୧ ତାରିଖଠାରୁ ଆରମ୍ଭ ହୋଇ ୫ ପର୍ଯ୍ୟନ୍ତ ପଞ୍ଚକ ଓ ବଡଓଷା ଯାତ୍ରା ପାଳନ କରାଯିବ।



ପ୍ରଥମ ପଞ୍ଚକ ଦିନ ବାବା ଧବଳେଶ୍ୱର ମହାପ୍ରଭୁଙ୍କର ଆଶୁତୋଷ ବେଶ, ଦ୍ୱିତୀୟ ଦିବସରେ ଚନ୍ଦ୍ରଚୂଡ଼ ବେଶ, ତୃତୀୟ ଦିବସରେ ବଡ଼ସିଂହାର ବେଶ, ଚତୁର୍ଥ ଦିବସ ଦିନ ହରିହର ବେଶ ଏବଂ ପଞ୍ଚମ ଦିବସ ଦିନ ଯୋଗୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ସେହିପରି ୩ ତାରିଖରେ ମନ୍ଦିରରେ ବଡଓଷା ଏବଂ ୪ ତାରିଖ ଦିନ ଗ୍ରାମାଞ୍ଚଳରେ ବଡଓଷା ପାଳନ କରାଯିବ। ଆଜିର ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ. ମହାନ୍ତ ବିଶେଷ କରି ପ୍ରତ୍ୟହ ମହାପ୍ରଭୁଙ୍କ ନୀତିକାନ୍ତି କିପରି ଭଲଭାବରେ କରାଯିବ, ସ୍ୱାସ୍ଥ୍ୟ ଏବଂ ପରିମଳ, ସଫେଇ, ପଲିଥିନ ବ୍ୟବହାର ନିଷେଧ, ରାସ୍ତାଘାଟ, ବୋଟ ଚଳାଚଳ, ଆଲୋକୀକରଣ, ପରିବହନ, ସୂଚନା କେନ୍ଦ୍ର ଓ ସୂଚନା ପ୍ରସାରଣ, ବିଶେଷ କରି ନେଟୱାର୍କର ସୁବିଧା, ଗମନାଗମନ ଆଦି ଉପରେ ସବିଶେଷ ଆଲୋଚନା କରିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବୀନିତ ଭରଦ୍ୱାଜ, ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଅଧୀକ୍ଷକ ଉପଖଣ୍ଡ ଚିକିତ୍ସାଳୟ ଡା. ମାନସ ରଞ୍ଜନ ପରିଜା, ଅଧୀକ୍ଷକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବ୍ରହ୍ମପୁର ଡା. ସ୍ୱାଗତ ଦାସ, ଗୁରୁଡିଝାଟିଆ ଥାନା ଅଧିକାରୀ ତପନ ପତି, ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତି ଉପସ୍ଥିତ ଥିଲେ। ପୂଜକ ସମାଜ ସଂପାଦକ ନରେନ୍ଦ୍ର ପତି ଧନ୍ୟବାଦ ଦେଇଥିଲେ। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ପରିଚାଳନା କରିଥିଲେ।

## ମଣିଆଁ ରାସ୍ତା ମରଣଯନ୍ତା: ଅବଧି ସରିଲାଣି, ସରିନି ରାସ୍ତାକାମ

ଟାଙ୍ଗୀ, ୨୩।୯ (ସମିସ)



ଟାଙ୍ଗୀ ଚୌଦ୍ୱାର ବ୍ଲକ ଚିନ୍ତାମଣିପୁର ମଣିଆଁ ରାସ୍ତା ୨୦୧୮ ମସିହାରୁ ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ରାସ୍ତାକାମ ଶେଷ ହୋଇପାରିନାହିଁ। ରାସ୍ତାକାମ ନେଇଥିବା ଠିକାଦାରଙ୍କ ଦେଖା ମିଳୁନି ଏବଂ ବିଭାଗୀୟ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜୁଥିବା ଦେଖିବାକୁ ମିଳୁଛି। ଯାହା ଫଳରେ ଉକ୍ତ ରାସ୍ତା ବର୍ତ୍ତମାନ ଖାଲଖମାରେ ପରିପୂର୍ଣ୍ଣ। ଉକ୍ତ ରାସ୍ତାରେ ଯାଉଥିବା ବାଟୋଇ ଖାଲଖମାରେ ପଡ଼ି ଗୁରୁତର ଆହତ ହେଉଛନ୍ତି। ଉକ୍ତ ରାସ୍ତାରେ ଚାରିଚକିଆ ଗାଡି ଯିବା ଅସମ୍ଭବ ହୋଇପଡ଼ିଛି। ଏହାକୁ ମରଣଯନ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ। ସୂଚନା ଅନୁସାରେ ଉକ୍ତ ରାସ୍ତା ଭଗତପୁର ଓସିଏମ ଛକରୁ ଓସିଏଲ ଛକ ଦେଇ ଯାଜପୁର ଜିଲ୍ଲା ବଡଚଣା ବ୍ଲକର ଅମୀୟଝରୀ ଗ୍ରାମକୁ ସଂଯୋଗ ହୋଇଛି। ଯାହାଫଳରେ ଶତାଧିକ ବାଇକ୍ ଚାରିଚକିଆ ଗାଡି ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଏତଦବ୍ୟତୀତ ମଣିଆଁ ଗ୍ରାମରେ ଥିବା ଡିଏଭି ପଦ୍ମାବତୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ବସରେ ବିପଦପୂର୍ଣ୍ଣ ଭାବରେ ଯିବା ଆସିବା କରୁଛନ୍ତି। ଏଥିସହ ଦୈନିକ ଓସିଏଲ ଓ ଆରଏସବି କମ୍ପାନୀକୁ ଯାଉଥିବା ଦୈନିକ ଏକାଧିକ ଗାଡ଼ି ଯିବା ଦ୍ୱାରା ରାସ୍ତାରେ ବଡ ବଡ ଗର୍ତ୍ତ ହୋଇ ମରଣଯନ୍ତା ପାଲଟିଛି। ସାଧାରଣ ଲୋକ ଦେହ ଖରାପ ହେଲେ ଉକ୍ତ ରାସ୍ତାରେ ଯିବାକୁ ଉଚିତ ମଣୁନାହାନ୍ତି। ସରକାର ତୁରନ୍ତ ଉକ୍ତ ରାସ୍ତା କାର୍ଯ୍ୟ ପୂର୍ଣ୍ଣାଙ୍ଗ ନ କଲେ ମଣିଆଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିବା ସହ ରାଜରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ପାଦୁକା ଆଶ୍ରମରେ ଦୁର୍ଗାଙ୍କ ନବରାତ୍ରୀ ପୂଜା

**ନିଶ୍ଚିନ୍ତକୋଇଲି, ୨୩।୯ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଏକରୁଖି-ମହାଜନପୁର ସୀମାରେ ଥିବା ସାହାରେଇ ପୀଠ ଶ୍ରୀ ଶ୍ରୀ ପାଦୁକା ଆଶ୍ରମରେ ମା' ଦୁର୍ଗାଙ୍କର ନବରାତ୍ରି ପୂଜା ସୋମବାରରୁ ଆରମ୍ଭ ହୋଇଛି। ରବିବାର ବିଲ୍ୱବରଣ ପରେ କନକଦୁର୍ଗା ପୀଠର ନଳ ପୁଷ୍କରିଣୀରୁ ଜଳ ଉତ୍ତୋଳନ କରାଯାଇ କଳସ ଶୋଭାଯାତ୍ରାରେ ଆସି ମନ୍ଦିର ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହାପରେ ଶାରଦୀୟ ପାରମ୍ପରିକ ପୂଜାନୀତି ଓ ଚଣ୍ଡୀ ପାଠ ଅନୁଷ୍ଠିତ ହୋଇଥିଲା। ପୂଜକ ରମାକାନ୍ତ ପତି, ବ୍ରଜକିଶୋର ଦାଶ ଓ ସହଯୋଗୀ ଶୁଭେନ୍ଦୁ ନନ୍ଦଙ୍କ ଦ୍ୱାରା ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି। କର୍ତ୍ତା ଭାବେ ସନ୍ଦୀପ କୁମାର ବଳ ଓ ତାଙ୍କ ଧର୍ମପତ୍ନୀ ପ୍ରିୟଙ୍କା ବଳ ଅଧିଷ୍ଠିତ ହୋଇ କାର୍ଯ୍ୟ ତୁଲାଉଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତ୍ୟେହ ଭଜନ ସଂଧ୍ୟା କରାଯାଉଥିବା ବେଳେ ବହୁ ଭକ୍ତ ମା'ଙ୍କ ଦର୍ଶନ କରି ଧୂପ, ଦୀପ ନୈବେଦ୍ୟ ଅର୍ପଣ ପୂର୍ବକ କୃପା ଭିକ୍ଷା କରୁଛନ୍ତି।



## ରାଜରାସ୍ତାରେ ମୁଣ୍ଡ ଉପରେ ବିପଦ



**ଫୁଲନଖରା, ୨୩।୯ (ସମିସ):** କଟକ ଭୁବନେଶ୍ୱର ୧୬ନଂ ଜାତୀୟ ରାଜପଥର ତେଲେଙ୍ଗାପେଣ୍ଠ ନିକଟରେ ସୋମବାର ଅପରାହ୍ନରେ ଏକ ଗଛ ଡାଳ ଭାଙ୍ଗି ଗଛରେ ଲଟକିକି ବିପଦ ସଂକୁଳ ଅବସ୍ଥାରେ ରହିଛି। ଭାଙ୍ଗିଯାଇଥିବା ଡାଳଟି ସମ୍ପୂର୍ଣ୍ଣ ଭାବରେ ରାସ୍ତା ଉପରକୁ ରହିଥିବା କାରଣରୁ ସେହି ସର୍ଭିସ୍ ରୋଡ୍ ଦେଇ ଯାତାୟତ କରୁଥିବା ମୋଟର ଯାନ ଗୁଡିକ ସେହି ବାଟ ଦେଇ ଯିବା ପାଇଁ ଭୟ କରୁଛନ୍ତି। କେଉଁ ସମୟରେ ଡାଳଟି ଖସିପଡ଼ିବ ଯାହାକି ଦୁଇ ଚକିଆ ଯାନ ହେଉ ବା ଚାରିଚକିଆ ଯାନ ହେଉ ସମସ୍ତଙ୍କ ପାଇଁ ବିପଦର କାରଣ ହୋଇପାରେ। ଦୁଇଦିନ ବିତିଯାଇଥିଲେ ସୁଦ୍ଧା ରାସ୍ତାକଡରେ ଥିବା ଗଛ ଗୁଡିକ ଜଙ୍ଗଲ ବିଭାଗର ଦାୟିତ୍ୱରେ ଥିବା ସତ୍ତ୍ୱେ ଏଯାବତ୍ କାହାର ଦୃଷ୍ଟି ପଡୁନାହିଁ। ଡାଳଟି ଯଦି କଟା ନ ଯାଏ ତେବେ କେଉଁ ମୁହୂର୍ତ୍ତରେ କାହା ପ୍ରତି ବିପଦ ସୃଷ୍ଟି ନ କରିବ ବୋଲି କହିହେବ ନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତା ଉପରକୁ ଲଟକି ରହିଥିବା ଡାଳଟିକୁ ତୁରନ୍ତ କାଟି ଆସନ୍ନ ବିପଦରୁ ମୁକ୍ତ କରିବା ପାଇଁ ସାଧାରଣରେ ଚର୍ଚ୍ଚା ହେଉଛି।

## ଭାଣପୁରରୁ ବିପୁଳ ବାଣ ଜବତ



**ଫୁଲନଖରା, ୨୩।୯ (ସମିସ):** କଟକ ସଦର ଥାନା ଅନ୍ତର୍ଗତ ଭାଣପୁର ଗ୍ରାମରେ ସଦର ପୁଲିସ ଚଢ଼ଉ କରି ବିପୁଳ ପରିମାଣରେ ବାଣ ଓ ବାଣ ତିଆରି ସାମଗ୍ରୀ ଜବତ କରିଛି। ପାର୍ବଣକୁ ଲକ୍ଷ୍ୟ ରଖି ସାଧୁ ନିଜ ଘରେ ବାଣ ତିଆରି କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଜୋନ୍-୪ ଏସିପି ଶଶିକାନ୍ତ ରାଉତ ଓ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ସଦଳବଳେ ଭାଣପୁର ଗ୍ରାମର ସାଧୁ ଚରଣ ପରିଡ଼ାଙ୍କ ଘରେ ଚଢ଼ଉ କରି ବିପୁଳ ପରିମାଣରେ ବାଣ, ବିସ୍ଫୋରକ ଦ୍ରବ୍ୟ ଓ ବାଣ ପ୍ରସ୍ତୁତି ପାଇଁ ଥିବା ଆବଶ୍ୟକ ସାମଗ୍ରୀ ଜବତ କରିବା ସହ ସାଧୁଙ୍କୁ ଅଟକ ରଖିଛି। ଜବତ ହୋଇଥିବା ସାମଗ୍ରୀର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

## ବ୍ୟବସାୟୀ ଧରଣୀଧର ସାହୁଙ୍କ ବିୟୋଗ



**ଆଠଗଡ଼, ୨୩।୯ (ସମିସ):** ଆଠଗଡ଼ ଅଞ୍ଚଳର ଜଣାଶୁଣା ବ୍ୟବସାୟୀ ତଥା ଧର୍ମପରାୟଣ ବ୍ୟକ୍ତି ଧରଣୀଧର ସାହୁ (୭୨)ଙ୍କ ମଙ୍ଗଳବାର ବୀରକିଶୋରପୁରସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ତଥା ଧର୍ମପରାୟଣ ବ୍ୟକ୍ତି ଭାବେ ଏ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ଚାନ୍ଦବାଲି ଛକ ହନୁମାନ ମନ୍ଦିରର ଅନ୍ୟତମ ପୃଷ୍ଠପୋଷକ ତଥା ପ୍ରଭୁ ଶ୍ରୀରାମ ଓ ବଜରଙ୍ଗ ବାଲିଙ୍କ ପରମଭକ୍ତ ଥିଲେ। ବ୍ୟବସାୟ କ୍ଷେତ୍ରରେ ପୂର୍ବରୁ ଯୋଗାଣ ବିଭାଗର କଣ୍ଟ୍ରୋଲ ସାମଗ୍ରୀ ଗୋଦାମ ଓ ପରେ ୨ଟି ପେଟ୍ରୋଲ ପମ୍ପ ପ୍ରତିଷ୍ଠା କରି ଗ୍ରାହକଙ୍କ ପ୍ରିୟଭାଜନ ହୋଇଥିଲେ। ବଡପୁଅ ସଞ୍ଜୟ ସାହୁ ବ୍ୟବସାୟ ଚଳାଉଥିବା ବେଳେ ମଝିଆ ପୁଅ ଚନ୍ଦନ କୁମାର ସାହୁ ପୁରୀ ଜିଲ୍ଲା କ୍ରୀଡ଼ା ଅଧିକାରୀ ଭାବେ କାର୍ଯ୍ୟରତ ଓ ସାନପୁଅ ଶାନ୍ତନୁ ଇଞ୍ଜିନିୟର ଭାବେ ରାଜ୍ୟ ବାହାରେ କାର୍ଯ୍ୟ କରନ୍ତି। ବଡପୁଅ ସଞ୍ଜୟ ଓ ପରିବାର ଲୋକେ ତାଙ୍କ ମରଶରୀରକୁ ପୈତୃକ ଗ୍ରାମ ଜାଗିଆପଡ଼ାକୁ ନେଇ ସେଠାରେ ସଂସ୍କାର କରିଛନ୍ତି। ମରଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ପୈତୃକ ଗ୍ରାମକୁ ନିଆଯିବା ସମୟରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମାଜସେବୀ ଲକ୍ଷ୍ମୀନାରାୟଣ ଭଞ୍ଜ ଓ ଆଠଗଡ଼ ତଥା ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ

**ସାଲେପୁର, ୨୩।୯ (ସମିସ):** ସାଲେପୁର ବ୍ଲକ ଅନ୍ତର୍ଗତ ରାମେଶ୍ୱର ମଣ୍ଡଳ ଅଧୀନସ୍ଥ ପୁରଣ ଗ୍ରାମରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଜେପି ନେତା ହିମାଂଶୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ସନାତନ ଦାଶ, ମନୋଜ ବିଶ୍ୱାଳ, ସୁକାନ୍ତ ବେହେରା, ରିତେଶ ଦାସ, କାର୍ତ୍ତିକ ବେହେରା, ରାଜୀବ ଦ୍ୱିବେଦୀ, ବିଜୟ ମହାନ୍ତି, ଅରୁଣ ଲେଙ୍କା, ସୁକାନ୍ତ ଷଡ଼ଙ୍ଗୀ, ଅନ୍ତର୍ଯ୍ୟାମୀ ସାହୁ, ଅଜୟ ସ୍ୱାଇଁ, ନବଘନ ନନ୍ଦ, ଏସ.କେ. ଶିକନ୍ଦର, ଏସ.କେ ସାଲାଉଦ୍ଦିନ, ଶଶିକାନ୍ତ ମହାନ୍ତି, ତୁଳସୀରାଣୀ ଦାସ, ରେଣୁବାଳା ରାଉତ, ପୁଷ୍ପଲତା ଦତ୍ତ, ମଧୁସ୍ମିତା ମହାନ୍ତି, ଲକ୍ଷ୍ମୀପ୍ରିୟା ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ।



## ବିଧାୟକ ଉନ୍ନୟନ ପାଣ୍ଠି ପ୍ରଶିକ୍ଷଣ ଶିବିର

**କଟକ, ୨୩।୯ (ସମିସ):** ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଖର୍ଚ୍ଚ ନିମନ୍ତେ ନୂତନ ଭାବେ ଆରମ୍ଭ ହୋଇଥିବା ୱେବ ପୋର୍ଟାଲର ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରଥମ କରି ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୱେବ ପୋର୍ଟାଲ ପରିଚାଳନା କରିବାକୁ ଥିବା କଟକ ଜିଲ୍ଲାର ସମସ୍ତ ବ୍ଲକର ଅଧିକାରୀମାନେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ତରଫରୁ ରିଶୁ ରାୟ ଏବଂ ସିଦ୍ଧାନ୍ତ ସ୍ୱୟଂପ୍ରକାଶ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ପୁଙ୍ଖାନୁପୁଙ୍ଖ ଭାବରେ ୱେବ ପୋର୍ଟାଲ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଏକଦିବସୀୟ ପ୍ରଶିକ୍ଷଣ ଶିବିର ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିବା ବେଳେ କାର୍ଯ୍ୟାଳୟର କର୍ମଚାରୀ ସୁଶ୍ରୀ ସଙ୍ଗୀତା ସାହୁ, ରୋନିକା ରିମଝିମ, ଜୟପ୍ରଦା ନାୟକ, ଆଲୋଚନା ସାହୁ, ଶାଶ୍ୱତୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଚୈତନ୍ୟ ଚରଣ ଜେନା କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସହକାରୀ ନିର୍ଦ୍ଦେଶକ ରାମଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।



## ଇମର୍ତ୍ତି ଦେବୀ କଲେଜରେ ହିନ୍ଦୀ ଦିବସ




**କଟକ, ୨୩।୯ (ସମିସ):** କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଅଧକ୍ଷା ଡ. ଶାଶ୍ୱତୀ ସୌମ୍ୟା ସାହୁଙ୍କ ପୌରୋହିତ୍ୟରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ହିନ୍ଦୀ ଭାଷାର ମହତ୍ତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ସମାରୋହରେ କଟକର ଖ୍ରୀଷ୍ଟ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ଦାସ, କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କଟକର ସରକାରୀ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ଅଧକ୍ଷ ଡ. ସତ୍ୟନାରାୟଣ ପଣ୍ଡା ନିଜ ବକ୍ତବ୍ୟରେ କହିଲେ ଯେ ରାଷ୍ଟ୍ରଭାଷାର ବିକାଶରେ ରାଷ୍ଟ୍ରର ବିକାଶ ଅବଶ୍ୟମ୍ଭାବୀ। ହିନ୍ଦୀ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ହିନ୍ଦୀ ବିଭାଗ ମୁଖ୍ୟ ଡ. ପ୍ରମୋଦିନୀ ସାହୁ ହିନ୍ଦୀ ଦିବସର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ ସହିତ ସଭାର ସଞ୍ଚାଳନ କରିଥିଲେ। ସମାରୋହରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ। ହିନ୍ଦୀ ବିଭାଗର ଅଧ୍ୟାପିକା ଡ. ମଧୁସ୍ମିତା ଦାଶ ଓ ସୁଶ୍ରୀ ଚିନୁଶ୍ରୀ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପିକା ଡ. ଦମୟନ୍ତୀ ମାରାଣ୍ଡି ଧନ୍ୟବାଦ ଦେଇଥିଲେ।

## ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ରକ୍ତଦାନ ଶିବିର

**ମାହାଙ୍ଗା, ୨୩।୯ (ସମିସ):** ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ କୁଆଁପାଳସ୍ଥିତ ଜବାହରଲାଲ ନେହରୁ ମହାବିଦ୍ୟାଳୟରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଉକ୍ତ ଶିବିରକୁ ଉଦଘାଟନ କରିଥିଲେ। ବିଧାୟକ ଶ୍ରୀ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ରକ୍ତଦାନ ଶିବିରରେ ଅତିଥିଭାବେ ଟିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ପୋଲସରା ବିଧାୟକ ନୀଳମଣି ବିଷୋୟୀ, ମାହାଙ୍ଗା ତହସିଲଦାର ସୁବାଶିଷ ପାଲଟା, ନାରୀନେତ୍ରୀ ଯାଜ୍ଞସେନୀ ଜେନା, ମହାବିଦ୍ୟାଳୟ ଅଧକ୍ଷ ଚିତ୍ତରଞ୍ଜନ ଦାସ, ନିଶ୍ଚିନ୍ତକୋଇଲି ବ୍ଲକ ଉପାଧକ୍ଷ ନୃସିଂହ ଚରଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିବିରରୁ ମୋଟ ୩୦୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏସସିବି ବ୍ଲଡବ୍ୟାଙ୍କ ପକ୍ଷରୁ ଏହି ରକ୍ତ ସଂଗ୍ରହ କରାଯାଇଥିଲା। ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁ, ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ବିଶ୍ୱାଳ, ଅଭିନ୍ନ ଜେନା, ଅରୁଣ ସେଠୀ, ମନୋରଞ୍ଜନ ନାୟକ, ଅଶୋକ ବିଶ୍ୱାଳ, ଯଯାତି ସିଂହ, ନିର୍ମଳ ରାଉତ, ଗୌତମ ଶତପଥୀ, ଉମେଶଚନ୍ଦ୍ର ଭଞ୍ଜଙ୍କ ସମେତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ମିଶନ ଶକ୍ତି ସିଏସ୍ଏସ୍ ଷ୍ଟାଫ୍ଙ୍କ ଧାରଣା ପ୍ରତ୍ୟାହୃତ

**କଣ୍ଟାପଡ଼ା, ୨୩।୯ (ସମିସ):** ଦୀର୍ଘ ୮ ମାସ ଧରି ଦରମା ନ ମିଳିବା ଓ ପ୍ରୋତ୍ସାହନ ପରିବର୍ତ୍ତେ ନିର୍ଦ୍ଦିଷ୍ଟ ପାରିଶ୍ରମିକ ଦାବିରେ ସୋମବାରଠାରୁ କଣ୍ଟାପଡ଼ା ବ୍ଲକ ମିଶନ ଶକ୍ତି ବିଭାଗର ୬ଟି କ୍ୟାଡର ୨୦୦ରୁ ଉର୍ଦ୍ଧ୍ୱ ସିଏସ୍ଏସ୍ ସଦସ୍ୟା ବ୍ଲକ କାର୍ଯ୍ୟାଳୟ ପରିସରରେ ଚଳାଇଥିବା ଧାରଣା ଆଜି ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଯାଇଛି। ଉପରୋକ୍ତ ଦାବିକୁ ନେଇ ସଦସ୍ୟାମାନେ କଣ୍ଟାପଡ଼ା ବିଡିଓ ସ୍ୱପ୍ନିତା ନାୟକଙ୍କ ଜରିଆରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଓ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗତକାଲି ପ୍ରଦାନ କରି ଧାରଣାରେ ବସି ରହିଥିଲେ। ଦ୍ୱିତୀୟ ଦିନ ସନ୍ଧ୍ୟାରେ ନିଆଳି ବିଧାୟକ ଇଂ ଛବି ମଲ୍ଲିକ ବ୍ଲକ ପରିସରରେ ବିଭିନ୍ନ ନାରା ଦେଇ ଆନ୍ଦୋଳନ ଚଳାଇଥିବା ଧାରଣାକାରୀଙ୍କ ପାଖରେ ପହଞ୍ଚି କଣ୍ଟାପଡ଼ା ବିଡିଓ ଶ୍ରୀମତୀ ନାୟକ, କଟକ ସଦର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କିରନ୍ ହେମ୍ବ୍ରମ ଏବଂ ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡ଼ାଙ୍କ ଉପସ୍ଥିତିରେ ଆଲୋଚନା କରିବା ସହ ଆପଣମାନଙ୍କ କଥା ଓ ସମସ୍ୟା ମୁଁ ସରକାରଙ୍କ ନିକଟରେ ପହଞ୍ଚାଇବି ପ୍ରତିଶ୍ରୁତି ଦେବା ପରେ ସଦସ୍ୟାମାନେ ଧାରଣା ଓ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ।

## ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ



**ସାଲେପୁର, ୨୩।୯ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଉପଲକ୍ଷେ ଚାଲିଥିବା ସେବା କାର୍ଯ୍ୟ ଅବସରରେ ଆଜି ଟାଙ୍ଗୀ-ସାଲେପୁର ନିର୍ବାଚନମଣ୍ଡଳୀର ନାନ୍ଦେଲଗଡ଼ା ଠାରେ ଥିବା ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଠାରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପି ନେତା ହିମାଂଶୁ ମହାନ୍ତି ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଚାଲିଥିବା ସେବା କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱସ୍ଥ୍ୟ, ସମାଜ ସଚେତନତା, ପରିବେଶ ସୁରକ୍ଷା ଓ ସମାଜସେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟକଲେ ଦେଶ ଓ ରାଜ୍ୟର ବିକାଶ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ସେହିପରି ନାରୀଙ୍କ ସ୍ୱାସ୍ଥ୍ୟ, ସମ୍ମାନ ଓ ସଶକ୍ତିକରଣ ବିନା ସମାଜର ସମଗ୍ର ଉନ୍ନତି ସମ୍ଭବ ନୁହେଁ ବୋଲି ସେ ପ୍ରକାଶ କରିଥିଲେ ଓ ସୁସ୍ଥ ନାରୀ ସଶକ୍ତ ପରିବାର ନୂତନ ଭାରତର ଆଧାର ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା ପ୍ରଧାନ, ତୁଳସୀରାଣୀ ଦାସ, ରେଣୁବାଳା ରାଉତ, ପୁଷ୍ପଲତା ଦତ୍ତ, ରିତେଶ ଦାସ, ମନୋଜ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ସାହୁ, ଶଶିକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ଡାକଘରେ ଡାକମେଳା ସଚେତନତା

**ନିଶ୍ଚିନ୍ତକୋଇଲି, ୨୩।୯ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଲେଣ୍ଡୁରା ଶାଖା ଡାକଘରଠାରେ ଏକ ଡାକମେଳା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଡାକ ପରିଦର୍ଶକ ପରମେଶ୍ୱର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପରିଦର୍ଶକ ନିରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଳମିଶ୍ରି ସରପଞ୍ଚ ଅନନ୍ତ କର ମେଳାକୁ ଉଦ୍‌ଘାଟିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ କଟକ ନଗର ବରିଷ୍ଠ ଡାକ ଅଧିକ୍ଷକ ଅପରାଜିତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ସୌଦାମିନୀ ବିଶ୍ୱାଳ, ଡିଓପିଏଲଆଇ ଅଶୋକ ବେହେରା, ସାଲେପୁର ଡାକ ନିରୀକ୍ଷକ ମୁସ୍ତାକ ସେକ୍, ଜିଗ୍ନିପୁର ଶାଖା ଡାକପାଳ ଗୌତମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଡାକପାଳ ଅଚ୍ୟୁତାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରସାଦ ସାହୁ, ମହେଶ ବେହେରା, ଯୋଗେଶ ବେହେରା, ଐଶ୍ୱର୍ଯ୍ୟା କୁଳଲକ୍ଷ୍ମୀ ସ୍ୱାଇଁ, ରତ୍ନପର୍ଣ୍ଣା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



ଆସନ୍ତି ମା'

## ଅଷ୍ଟମୀରେ ମିଠା ଖେଚୁଡ଼ି, ନବମୀରେ ଦହିପଖାଳ

### ତେଲେଙ୍ଗାପେଣ୍ଠ ଦୁର୍ଗାପୂଜା କମିଟି



**ଫୁଲନଖରା, ୨୩।୯ (ସମିସ):** କଟକ ମହାନଗର ନିଗମ ୫୮ନଂ ୱାର୍ଡ ଅନ୍ତର୍ଗତ ତେଲେଙ୍ଗାପେଣ୍ଠ ବଜାରରେ ୭ ଦଶନ୍ଧି ଧରି ଦଶହରା ପୂଜାର ଆୟୋଜନ ହୋଇଆସୁଛି। ସ୍ୱର୍ଗତ ଜୟୀରାମ ଦାଶଙ୍କ ତତ୍ତ୍ୱାବଧାନରେ ବଜାରରେ ଥିବା କେତୋଟି ହାତଗଣତି ବ୍ୟବସାୟୀମାନଙ୍କ ପ୍ରଚେଷ୍ଟାରେ ବିଗତ ୭୦ବର୍ଷ ତଳେ ହରପାର୍ବତୀଙ୍କ ପୂଜା ଆରମ୍ଭ କରାଯାଇଥିଲା। ୨୦୧୨ ମସିହାରୁ ଆରମ୍ଭ ହୋଇଥିବା ଦୁର୍ଗାପୂଜା ଏଯାବତ୍ ମହାଆଡମ୍ବରରେ ମା'ଙ୍କ ପୂଜା ହୋଇ ଆସୁଛି। ଏଠାରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକର ସାଜସଜ୍ଜା ଏବଂ ମା'ଙ୍କର ଚାନ୍ଦି ମୁକୁଟ ଓ ଗହଣା ଦର୍ଶକମାନଙ୍କୁ ବିଶେଷ ଆକୃଷ୍ଟ କରିଥାଏ। ଅଷ୍ଟମୀ ତିଥିରେ ମିଠା ଖେଚୁଡି ମା'ଙ୍କ ପାଖରେ ଭୋଗ କରାଯାଇ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବା ସଙ୍ଗେ ସଙ୍ଗେ ନବମୀ ତିଥିରେ ଦହିପଖାଳ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥାଏ ବୋଲି ଦୁର୍ଗାପୂଜା କମିଟିର ସଭାପତି ବିଭୁତି ଭୂଷଣ ପ୍ରଧାନ ଓ ସମ୍ପାଦକ ପବିତ୍ର ମୋହନ ଶତପଥି ପ୍ରକାଶ କରିଛନ୍ତି। ସଂଧ୍ୟା ସମୟରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉ ନ ଥିଲେ ସୁଦ୍ଧା ନିଷ୍ଠାର ସହିତ ପୂଜା, ତୋରଣ ଓ ଆଲୋକ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଏ ବୋଲି କାର୍ଯ୍ୟକାରୀ ସଭାପତି ବିଶ୍ୱକାନ୍ତ ରାଉତରାୟ କହିଛନ୍ତି। ଚଳିତ ବର୍ଷ ୧୦ଲକ୍ଷ ଟଙ୍କା ପୂଜୋତ୍ସବରେ ବ୍ୟୟ କରାଯିବ ବୋଲି କୋଷାଧକ୍ଷ ଅନନ୍ତ ଚରଣ ପଣ୍ଡା ସୂଚନା ଦେଇଛନ୍ତି।

**ପାରମ୍ପରିକ ବାଦ୍ୟ ସହ ନିଶାମୁକ୍ତ ଭସାଣିକୁ ଗୁରୁତ୍ୱ**

ଦ୍ୱାଦଶୀ ତିଥିରେ ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ପ୍ରଶାସନର ନୀତିନିୟମକୁ ଅନୁପାଳନ ପୂର୍ବକ ପାରମ୍ପରିକ ବାଦ୍ୟରେ ନୂଆଗଡ଼ସ୍ଥିତ ମା' ଦୁଲାଦେଈଙ୍କ ପୀଠସ୍ଥଳି ନିକଟସ୍ଥ ଅସ୍ଥାୟୀ ଜଳାଶୟରେ ବିସର୍ଜନ କରାଯିବ ବୋଲି କମିଟିର ଉପସଭାପତି ଅନିରୁଦ୍ଧ ନାୟକ କହିଛନ୍ତି। ଶୃଙ୍ଖଳିତ ଭାବରେ ସମସ୍ତ କାର୍ଯ୍ୟକ୍ରମକୁ କମିଟିର ସଦସ୍ୟ ପ୍ରଦୀପ ଦାସ, ପ୍ରଦୀପ ନାୟକ, ସମୀର ବେହେରା, ନିତ୍ୟାନନ୍ଦ ଷଡଙ୍ଗୀ, ବୃନ୍ଦାବନ ଭଟ୍ଟ, ରଶ୍ମିରଞ୍ଜନ କର ଓ ଭିକାରୀ ସାହୁ ପରିଚାଳନା କରୁଥିବା ବେଳେ ସମସ୍ତ ବ୍ୟବସାୟୀମାନେ ସହଯୋଗ କରିଥାନ୍ତି ବୋଲି ସମ୍ପାଦକ ଶ୍ରୀ ଶତପଥି ପ୍ରକାଶ କରିଛନ୍ତି।

### କର୍ମକର୍ତ୍ତାଙ୍କ ମୁହଁରୁ



- ବିଗତ ୭ ଦଶନ୍ଧି ଧରି ଆରମ୍ଭ ହୋଇଥିବା ହରପାର୍ବତୀ ପୂଜା ତେଲେଙ୍ଗାପେଣ୍ଠ ବଜାର ବ୍ୟବସାୟୀଙ୍କ ସହଯୋଗରେ ଦୁର୍ଗାପୂଜାରେ ପରିଣତ ହୋଇପାରିଛି। ସମସ୍ତ କର୍ମକର୍ତ୍ତା ଓ ବ୍ୟବସାୟୀ ଭାଇମାନଙ୍କର ନିଷ୍ଠା ଓ ସହଯୋଗ ପାଇଁ ବର୍ଷକ ବର୍ଷ ପୂଜା ବେଶ୍ ଆକର୍ଷଣୀୟ ହୋଇପାରିଛି। ଅଷ୍ଟମୀ ଠାରୁ ଦଶମୀ ପର୍ଯ୍ୟନ୍ତ ଭକ୍ତମାନଙ୍କର ଗହଳି ବଢ଼ିବାରେ ଲାଗିଛି।

**ବିଭୂତି ଭୂଷଣ ପ୍ରଧାନ, ସଭାପତି**



- ସ୍ୱର୍ଗତ ଜୟୀରାମ ଦାଶଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଦଶହରା ପୂଜା ଏବେ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉ ନ ଥିଲେ ସୁଦ୍ଧା ମା'ଙ୍କ ପୂଜାକୁ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଥାଏ। ଅଷ୍ଟମୀ ତିଥିରେ ମିଠା ଖେଚୁଡି ମା'ଙ୍କ ପାଖରେ ଭୋଗ କରାଗଲା ପରେ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥାଏ। ସେହିଭଳି ନବମୀ ତିଥିରେ ଦହିପଖାଳ ମଧ୍ୟ ଶ୍ରଦ୍ଧାଳୁଙ୍କୁ କମିଟି ପକ୍ଷରୁ ବଣ୍ଟନ କରାଯାଇଥାଏ।

**ପବିତ୍ର ମୋହନ ଶତପଥୀ, ସମ୍ପାଦକ**

## ଏସ୍‌ସିବି ଇତିହାସରେ ପ୍ରଥମ

# କ୍ୟାଭରନସ୍ ଲିମ୍ଫାନଜିଓମାର ସଫଳ ଅସ୍ତ୍ରୋପଚାର



କଟକ,୨୩।୯(ସମିସ): କ୍ୟାଭରନସ୍ ଲିମ୍ଫାନଜିଓମାରେ ଆକ୍ରାନ୍ତ ଜଣେ ୭ବର୍ଷର ଶିଶୁ ନୂଆ ଜୀବନ ପାଇଛି। ପ୍ରାୟ ଦୁଇ ଘଣ୍ଟାର ଅସ୍ତ୍ରୋପଚାର ଦ୍ୱାରା ଶିଶୁର ଡାହାଣପାର୍ଶ୍ୱ ଛାତିରେ ବଢ଼ି ଚାଲିଥିବା ମାଂସ ପିଣ୍ଡୁଳାକୁ କଢ଼ାଯାଇଛି। ଏହା ଏକ ବିରଳ ରୋଗ। ଏସ୍‌ସିବି ମେଡିକାଲରେ ଏଭଳି ଅସ୍ତ୍ରୋପଚାର ପ୍ରଥମ ବୋଲି ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ବିଶ୍ୱଜିତ ମିଶ୍ର କହିଛନ୍ତି। ଅସ୍ତ୍ରୋପଚାର ଦ୍ୱାରା ଆରୋଗ୍ୟଲାଭ କରିଥିବା ଶିଶୁଜଣଙ୍କ ହେଲା, ମୟୂରଭଞ୍ଜ ଜିଲ୍ଲା ରଇତଳା ଅଞ୍ଚଳର ଚିମାରି ବାରି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଏହି ଶିଶୁ କନ୍ୟାକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରବିଏସ୍‌କେ) ଅଧୀନରେ ସମସ୍ତ ଚିକିତ୍ସା ଯୋଗାଇ ଦିଆଯାଇଛି।

ରଇତଳା ଅଞ୍ଚଳର ରାମଚନ୍ଦ୍ର ବାରିଙ୍କ ଝିଅ ଚିମାରି। ଖୁବ୍ କମ୍ ବୟସରୁ ଶିଶୁର ଡାହାଣପଟ ଛାତିରେ ମାଂସ ପିଣ୍ଡୁଳା ବଢ଼ି ଚାଲିଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ଚାଷବାସ କରି ପରିବାର ପ୍ରତିପୋଷଣ କରୁଥିବା ରାମଚନ୍ଦ୍ରଙ୍କ ପକ୍ଷେ ଚିମାରିକୁ ଉନ୍ନତ ଚିକିତ୍ସା ଯୋଗାଇବା ସମ୍ଭବପର ନଥିଲା। ଝିଅ ଛାତିରେ ମାଂସ ପିଣ୍ଡୁଳା ବଢ଼ି ଚାଲିବା ସହ କ୍ରମଶଃ କାଖର ତଳକୁ ଏହା ମାଡ଼ି ଯାଇଥିଲା। ଆରବିଏସ୍‌କେ ସଦସ୍ୟଙ୍କ ସହଯୋଗରେ ଚିମାରିକୁ କଟକ ବଡ଼ ମେଡିକାଲକୁ ଅଣାଯାଇଥିଲା। ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯିବା ପରେ ସେ କ୍ୟାଭରନସ୍ ଲିମ୍ଫାନଜିଓମାରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ତେବେ ଚିମାରି ଥାଲାସେମିଆ ପୀଡ଼ିତ ଥିବାରୁ ତା'ର ଅସ୍ତ୍ରୋପଚାର କରିବା ଡାକ୍ତରଙ୍କ ନିମନ୍ତେ ବଡ଼ ଆହ୍ୱାନ ଥିଲା। ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ମିଶ୍ରଙ୍କ ନେତୃତ୍ୱରେ ୯ଜଣିଆ ଏକ ଡାକ୍ତରୀ ଦଳ ଗଠନ ହୋଇଥିଲା। ନିଶ୍ଚେତକ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଲକ୍ଷ୍ମୀକାନ୍ତ ଦାଶ ମଧ୍ୟ ରହିଥିଲେ। ଅସ୍ତ୍ରୋପଚାର ଦ୍ୱାରା ୨୨ ସେଣ୍ଟିମିଟର ଲମ୍ବ ଏବଂ ୨୦ ସେଣ୍ଟିମିଟର୍ ଚଉଡ଼ାର ଚେଷ୍ଟ ୱାଲ୍ ଟ୍ୟୁମର କଢ଼ା ଯାଇଥିଲା। ଚିମାରି ଏବେ ବିପଦମୁକ୍ତ ଥିବା ବେଳେ ତାଙ୍କୁ ନିରୀକ୍ଷଣରେ ରଖାଯାଇଛି। ସେ ଖୁବ୍‌ଶୀଘ୍ର ଡିସଚାର୍ଜ ହେବେ ବୋଲି କୁହାଯାଇଛି।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ମହାକାଳପଡ଼ା ତହସିଲଦାର

ଭୁବନେଶ୍ୱର/ମହାକାଳପଡ଼ା, ୨୩।୯(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲଦାର ଶିବପ୍ରସାଦ ମଲ୍ଲିକ ଲାଞ୍ଚ ନେଇ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଏକ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ସେ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଛନ୍ତି। ଏହାସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କ ପୈତୃକ ଗାଁ ବାଗିଲୋ ଓ ତାଙ୍କ କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ କରିଛି।



ଜବରଦଖଲ ଉଚ୍ଛେଦ ଅର୍ଡର ପାଇଁ ଲାଞ୍ଚ ନେଉଥିଲେ

ସୂଚନାନୁଯାୟୀ, ଗୋଛାବନ୍ଧ ଗାଁର ପୀତାମ୍ବର ସ୍ୱାଇଁଙ୍କ ଘର ଆଗରେ ଥିବା ସରକାରୀ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରି ରଖିଥିଲେ। ତାହାକୁ ଉଚ୍ଛେଦ କରିବା ପାଇଁ ସେ ୨୦୨୪ରେ ଆବେଦନ କରିଥିଲେ। ଆର୍‌ଆଇ ଯାଞ୍ଚ କରିବା ପରେ ତହସିଲଦାରଙ୍କୁ ଏ ସଂପର୍କିତ ଏକ ରିପୋର୍ଟ ପ୍ରଦାନ କରିଥିଲେ। କିଛି ଦୁର୍ବୃତ୍ତ ସାଧାରଣ ରାସ୍ତା ଅବରୋଧ କରି ସରକାରୀ ଜାଗା ଜବରଦଖଲ କରିଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଏହାପରେ ମଧ୍ୟ ଜବରଦଖଲ ଉଚ୍ଛେଦ କରାନଯିବାରୁ ପୀତାମ୍ବର ତହସିଲଦାରଙ୍କୁ ଦୁଇଥର ଭେଟି ଅଭିଯୋଗ କରିଥିଲେ। ୨୦ହଜାର ଟଙ୍କା ଲାଞ୍ଚ ନଦେଲେ ଜବରଦଖଲ ଉଚ୍ଛେଦ କରାଯାଇପାରିବ ନାହିଁ ବୋଲି ତହସିଲଦାର କହିଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଆଜି ପୀତାମ୍ବରଙ୍କ ଜ୍ୱାଇଁ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କଠାରୁ ତହସିଲଦାର ତାଙ୍କ ସରକାରୀ କ୍ୱାର୍ଟର୍‌ରେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।

# ରାଜ୍ୟରେ ଆଇଏଏସ୍, ଆଇପିଏସ୍ ମରୁଡ଼ି

ଭୁବନେଶ୍ୱର,୨୩।୯(ସମିସ): ରାଜ୍ୟରେ ଆଇଏଏସ୍ ଓ ଆଇପିଏସ୍‌ଙ୍କ ମରୁଡ଼ି ପଡ଼ିଛି। ମୋଟ ୯୮୨ ପୋଷ୍ଟ ଖାଲି ପଡ଼ିଛି। ରାଜ୍ୟର ବିଧାନସଭାର ପ୍ରଶ୍ନୋତ୍ତରରୁ ଏମିତି କିଛି ତଥ୍ୟ ଏବେ ସାମ୍ନାକୁ ଆସିଛି। ସୂଚନା ମୁତାବକ, ରାଜ୍ୟରେ ଏବେ ବି ୯୮୨ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫଏସ୍ ପଦବୀ ଫାଙ୍କା ପଡ଼ିଛି। ଏନେଇ ଲିଖିତ ସୂଚନା ଦେଇଛନ୍ତି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଜେଡି ବିଧାୟକ ଅରୁଣ ସାହୁ ଏନେଇ ବିଧାନସଭାରେ ପ୍ରଶ୍ନ କରିଥିଲେ। ସେ ପଚାରିଥିଲେ, ରାଜ୍ୟର ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫଏସ୍ କେଡରରେ ମୋଟ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା କେତେ? ଆଉ ଆଜିର ଦିନରେ କେତେ ଅଧିକାରୀଙ୍କ ପଦବୀ ଖାଲି ପଡ଼ିଛି? ଏହାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ଆଇଏଏସ୍‌ଙ୍କ ସଂଖ୍ୟା ହେଉଛି ୨୪୮। କିନ୍ତୁ ତା ଭିତରୁ ଏବେ ବି ୪୫ଟି ପଦବୀ ଏବେ ବି ଫାଙ୍କା ପଡ଼ିଛି। ସେହିପରି ୧୯୫ଟି ମଞ୍ଜୁରୀପ୍ରାପ୍ତ ଆଇପିଏସ୍ ସଂଖ୍ୟା ଥିଲେ ବି, ତା ଭିତରୁ ୬୭ଟି ପଦବୀ ଫାଙ୍କା ପଡ଼ିଛି। ସେହିଭଳି ଏବେ ବି ୩୪୨ ଓଏଏସ୍ ପଦବୀ ଏବଂ ୧୪୧ ଓପିଏସ୍ ପଦବୀ ଖାଲି ପଡ଼ିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

# ସପ୍ତଗିରି ଉଲ୍ଲାକା ତ୍ରିପୁରା ପିଏସି ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର, ୨୩।୯(ସମିସ): ତ୍ରିପୁରା ପ୍ରଦେଶ କଂଗ୍ରେସ କମିଟିର ରାଜନୈତିକ ବ୍ୟାପାର କମିଟି (ପିଏସି) ଅଧ୍ୟକ୍ଷ ହୋଇଛନ୍ତି କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା। ତ୍ରିପୁରା ପାଇଁ ଏଆଇସିସି ପକ୍ଷରୁ ୨୫ଜଣିଆ ଏକ ରାଜନୈତିକ ବ୍ୟାପାର କମିଟି ଗଠନ କରାଯାଇଛି। ଏହି କମିଟିରେ ତ୍ରିପୁରା ପିସିସି ପ୍ରଭାରୀ ତଥା କୋରାପୁଟ ସାଂସଦ ଶ୍ରୀ ଉଲ୍ଲାକାଙ୍କୁ ଅଧ୍ୟକ୍ଷ ରୂପେ ଦାୟିତ୍ୱ ଦିଆଯାଇଛି।

# ନାଲ୍‌କୋ ଏଚ୍‌ଆର କନକ୍ଲେଭ ୨୦୨୫




ଭୁବନେଶ୍ୱର, ୨୩।୯(ସମିସ): ନବରତ୍ନ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ପକ୍ଷରୁ ଭୁବନେଶ୍ୱରରେ ନବ-ଦୃଷ୍ଟି:ପିପୁଲ ଫାଷ୍ଟ, ଫିଉଚର ଫରୱାର୍ଡ଼ ବିଷୟବସ୍ତୁ ଆଧାରିତ ପ୍ରଥମ ଏଚ୍‌ଆର କନକ୍ଲେଭ ଅନୁଷ୍ଠିତ ହୋଇଯାଇଛି। ନୂତନ ଯୁଗର ମାନବ ସମ୍ବଳ ପରିଚାଳନା ପଦ୍ଧତି ଉପରେ ଚିନ୍ତନ ଏବଂ ପ୍ରତିଫଳନ ନିମନ୍ତେ ଖଣି, କୋଇଲା, ପେଟ୍ରୋଲିୟମ ଏବଂ ଧାତୁ ଶିଳ୍ପ ସହିତ ଜଡିତ ବିଭିନ୍ନ ଅନୁଷ୍ଠାନ, ଶିକ୍ଷାବିତ୍ ଏବଂ ମାନବ ସମ୍ବଳ କ୍ଷେତ୍ରରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଲ୍‌କୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏହି କନକ୍ଲେଭକୁ କମ୍ପାନୀର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ(ବିତ୍ତ) ଅଭୟ କୁମାର ବେହୁରିଆ, ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବଜ୍ୟୋତି ନାଥ ଏବଂ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସେଲ୍‌ର ନିର୍ଦ୍ଦେଶକ (କାର୍ମିକ) କୃଷ୍ଣ କୁମାର ସିଂହ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମାନବ ସମ୍ବଳ ଗ୍ରୁପ୍ ସଭାପତି ବିଜୟ କୁମାର ସାହୁ ଓ ଇଣ୍ଡିଆନ ଅଏଲର ପୂର୍ବତନ ନିର୍ଦ୍ଦେଶକ (ମାନବସମ୍ବଳ) ଡ. ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ସମ୍ମିଳନୀରେ ଇଣ୍ଡିଆନ ଅଏଲ, ସେଲ୍, ଟାଟା ଷ୍ଟିଲ, ଏନଟିପିସି, ଏବଂ କୋଲ ଇଣ୍ଡିଆ ଭଳି ଦେଶର କେତେକ ପ୍ରମୁଖ କମ୍ପାନୀଗୁଡ଼ିକ ମାନବ ସମ୍ବଳ ପ୍ରୟାସ ଏବଂ ଅଭ୍ୟାସଗୁଡ଼ିକୁ ଉପସ୍ଥାପନା କରିଥିଲେ।

# ପାସ୍ ହେଲା ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍

ଭୁବନେଶ୍ୱର, ୨୩।୯(ସମିସ): ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଧେୟକ, ୨୦୨୫ ବିଧାନସଭାରେ ପାରିତ ହୋଇଛି। ସୋମବାର ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ବିଲ୍‌କୁ ବିଧାନସଭାରେ ଆଗତ କରିଥିଲେ। ଏହି ବିଲ୍ ଆଲୋଚନା ବେଳେ ବିରୋଧୀ ସଦସ୍ୟମାନେ ବିଲ୍‌କୁ ବିରୋଧ କରିଥିବା ବେଳ ସରକାରଙ୍କ ପକ୍ଷରୁ ବିଲ୍‌ର ସପକ୍ଷରେ ତଥ୍ୟ ରଖାଯାଇଥିଲା। ଆଜି ଏହା ଗୃହରେ ପାରିତ ହୋଇଛି। ଏହି ବିଲ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଛି। ସେଥିରେ ଦର୍ଶାଯାଇଛି ଯେ ରାଜ୍ୟର କୌଣସି ବିଶ୍ୱବିଦ୍ୟାଳୟର ନିୟମିତ କୁଳପତି ନିଯୁକ୍ତ ହେବା ପର୍ଯ୍ୟନ୍ତ କୁଳାଧିପତି ଯେକୌଣସି ବ୍ୟକ୍ତିଙ୍କୁ କୁଳପତି ଭାବେ ନିଯୁକ୍ତି କରିପାରିବେ। ଅଧିନିୟମର ଧାରା-୬ରେ ଥିବା ଉପଧାରା ୧୦ର ଏହି ସଂଶୋଧନ ବିଶ୍ୱବିଦ୍ୟାଳୟ ପରିଚାଳନାରେ ନିରନ୍ତରତା ଏବଂ ସ୍ଥିରତା ସୃଷ୍ଟି କରିବ ବୋଲି ରାଜ୍ୟ ସରକାର କହିଛନ୍ତି। ଏହାବ୍ୟତୀତ ଆଇନରେ ଥିବା ଦୁଇଟି ମୁଦ୍ରଣ ଜନିତ ତ୍ରୁଟିକୁ ମଧ୍ୟ ସଂଶୋଧନ କରାଯାଇଛି।

## ସଂଶୋଧିତ ଜିଏସ୍‌ଟି ପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ସଂକଳ୍ପ ଗୃହୀତ

ସେହିପରି ଦେଶବ୍ୟାପୀ ନୂଆ ଦ୍ରବ୍ୟ ଓ ସେବା ଶୁଳ୍କ ଲାଗୁ ହୋଇଥିବାରୁ ଏହି ସଂଶୋଧିତ ଜିଏସ୍‌ଟି ଦ୍ୱାରା ଗରିବ, ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତ ବର୍ଗବିଶେଷ ଉପକୃତ ହେବେ ବୋଲି ସରକାର କହିଛନ୍ତି। ତେଣୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇବା ପାଇଁ ସୋମବାର ବିଧାନସଭାରେ ଏକ ସଂକଳ୍ପ ଆଗତ କରାଯାଇଥିଲା। ସଂକଳ୍ପ ଆଗତ ହେବା ପରେ ଏହା ଉପରେ ସଦସ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ମୁଖ୍ୟମନ୍ତ୍ରୀ ଗୃହରେ ଏହି ସଂକଳ୍ପ ଆଗତ କରି ସଂଶୋଧିତ ଜିଏସ୍‌ଟି ବା 'ନେକ୍ସଟ୍ ଜେନେରେସନ' ଜିଏସ୍‌ଟି ଦ୍ୱାରା ଦେଶବାସୀ କିପରି ଲାଭାନ୍ୱିତ ହୋଇପାରିବେ, ସେନେଇ ଅବତାରଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନୂଆ ଜିଏସ୍‌ଟି ଦ୍ୱାରା ନୂଆ ଜିନିଷ କିଣିବାକୁ ଇଚ୍ଛା ହେବ। ଏହି ରିଆତି କୌଣସି ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ନୁହେଁ, ବରଂ ଏହା ଦେଶର ସମସ୍ତଙ୍କ ପାଇ ଲାଗୁ ହୋଇଛି। ଏହା ସ୍ୱାଧୀନତା ପରେ ସବୁଠୁ ବଡ଼ ସଂସ୍କାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ଗୃହରେ ସଂକଳ୍ପ ଗୃହୀତ ହୋଇଛି।

## ଖୋଲିଲା ଆଉ ୨ ଗେଟ୍

# ହୀରାକୁଦ ଜଳସ୍ତର ୬୨୯.୮୩ ଫୁଟ୍

ସମ୍ବଲପୁର, ୨୩।୯ (ସମିସ): ଗତ ୨୧ ତାରିଖରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ପହଞ୍ଚିଥିବା ବେଳେ ତାହାକୁ ବଜାୟ ରଖାଯାଉଛି। ଆଜି ନଦୀବନ୍ଧର ଆଉ ୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଏହାକୁ ମିଶାଇ ଏବେ ମୋଟ ୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୯.୮୩ ଫୁଟ୍ ରହିଥିଲା।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୦,୦୩୦ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୩୪,୫୭୭ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୮,୫୫୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୨୬୯ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ୍, କେନାଲ ଦେଇ ୪,୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ନଦୀବନ୍ଧର ଉପରମୁଣ୍ଡରେ ୪.୧୯ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୯.୦୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗୃହରେ ବିରୋଧ...

କଂଗ୍ରେସ ସଭ୍ୟ ଅନାସ୍ଥା ସଂକ୍ରାନ୍ତରେ ବାଚସ୍ପତି ପକ୍ଷପାତ କରୁଥିବା ଅଭିଯୋଗ କରି ଗୃହରେ ନାରାବାଜି କରିଥିଲେ। ବାଚସ୍ପତି ଗୃହକୁ ମୁଲତବୀ ରଖି ସର୍ବଦଳୀୟ ବୈଠକ ଡକାଇଥିଲେ ହେଁ ଏଥିରୁ କୌଣସି ସୁଫଳ ବାହାରି ପାରିନଥିଲା। ଉଭୟ ବିଜେଡି ଓ କଂଗ୍ରେସ କକ୍ଷତ୍ୟାଗ କରିଥିଲେ। ବିଜେଡି ସଦସ୍ୟମାନେ ବିଧାନସଭା ପରିସର ।।ରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ। ବିନା ବିରୋଧୀଙ୍କ ଉପସ୍ଥିତିରେ ସଂକଳ୍ପ ଆଲୋଚନା ହୋଇ ଗୃହୀତ ହୋଇଥିବା ବେଳେ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ମଧ୍ୟ ପାରିତ ହୋଇଛି।

ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ମହାତ୍ମା ଗାନ୍ଧୀ କହିଥିଲେ ଭାରତବର୍ଷର ଆତ୍ମା ଗାଁରେ ଅଛି। ଭାରତବର୍ଷର ଉନ୍ନତି କରିବାକୁ ହେଲେ ଗାଁ ଲୋକଙ୍କ ହାତକୁ କ୍ଷମତା ଦିଆଯିବା ଦରକାର। ଯାହାକୁ ଦେଶ ସ୍ୱାଧୀନ ପରେ ସମ୍ବିଧାନରେ ସେହି ବ୍ୟବସ୍ଥା କରାଯାଇଥିଲା। ୭୩ତମ ସମ୍ବିଧାନ ସଂଶୋଧନରେ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କରାଯାଇଥିଲା। ୱାର୍ଡ ମେମ୍ବରଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଯାଏଁ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇଥିଲା। ବିଜେପି ସରକାର କ୍ଷମତାକୁ ଆସିବା ପରେ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରିବାରେ ଲାଗିଛନ୍ତି। ଅର୍ଥାତ୍ ଜନତାଙ୍କ କ୍ଷମତାକୁ ସଙ୍କୁଚିତ କରୁଛନ୍ତି। ଏହି ବ୍ୟବସ୍ଥା ଗଣତନ୍ତ୍ରର ତଣ୍ଟିଚିପିବା ପାଇଁ ଚକ୍ରାନ୍ତ। ପ୍ରଚଳିତ ବ୍ୟବସ୍ଥାକୁ ମୋଡ଼ିମକଚି ବାବୁରାଜ ଚଳାଇବା ପାଇଁ ମସୁଧା ଚାଲିଛି। ନିଜ ଦଳର କୁଜି ନେତାଙ୍କୁ ସଂରକ୍ଷଣ ଦେବା ପାଇଁ ସରକାର ଏହି ନୂଆ ବ୍ୟବସ୍ଥା ତିଆରି କରୁଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି।

## ସରକାରଙ୍କ ବିରୋଧରେ...

ଦଳର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ନାରାବାଜି କରିବାକୁ ବାଚସ୍ପତି ବାରମ୍ବାର ଗୃହକୁ ମୁଲତବୀ କରିଥିଲେ। ଶେଷରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ହେଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଦଳର ଅନାସ୍ଥା ନୋଟିସ ଗ୍ରହଣ ନିମନ୍ତେ ଅଡ଼ି ବସିଥିଲେ। ୫ ଟା ୨୦ରେ ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିବା ପରେ ମଧ୍ୟ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିବା ସହ କୃଷି ମାରଣ ନୀତି ଓ ମହିଳା ହିଂସା ଆଦି ପ୍ରସଙ୍ଗରେ ହୋହଲ୍ଲା କରି ଗୃହତ୍ୟାଗ କରିଥିଲେ।

## ବିଜେଡିର ରଣହୁଙ୍କାର...

ରଖିଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିବା ପ୍ରତିବାଦରେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାର କ୍ଷମତା ସଙ୍କୁଚିତ କରି ରାଜ୍ୟରେ ବାବୁରାଜ ସୃଷ୍ଟି କରିଛନ୍ତି। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟ କ୍ଷମତା ଚୋରି ସହିତ ସମାନ। ପୂର୍ବରୁ ବ୍ଲକରେ ହେଉଥିବା ଉନ୍ନୟନ କାର୍ଯ୍ୟର ବିଲ୍ ପରିମାଣ ଦୁଇ ଲକ୍ଷ ପର୍ଯ୍ୟନ୍ତ ବିଡିଓଙ୍କ ପାସ୍ କରିବାର କ୍ଷମତା ଥିଲା। ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ବିଲ୍ ପାସ କରିବା ନିମନ୍ତେ ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ହେଉଥିଲା । କିନ୍ତୁ ରାଜ୍ୟ ସରକାର ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିବା ଲକ୍ଷ୍ୟରେ ବିଡିଓଙ୍କ ବିଲ୍ ପାସ କରିବାର କ୍ଷମତା ଦୁଇ ଲକ୍ଷରୁ ଦଶ ଲକ୍ଷକୁ ବୃଦ୍ଧି କରିଛନ୍ତି। ଏହା ନିର୍ବାଚିତ ପ୍ରତିନିଧି ମାନଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛି ବିଜେଡି। ସେହିପରି ପୂର୍ବ ସରକାରଙ୍କ ଲୋକପ୍ରିୟ ଯୋଜନା ଆମ ଓଡ଼ିଶା ନବୀନ ଓଡ଼ିଶାର ନାମ ପରିବର୍ତ୍ତନ କରି 'ବିକଶିତ ଗାଁ ବିକଶିତ ଓଡ଼ିଶା' କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବାର ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ପୂର୍ବରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ବେଳେ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଏହି ପରିମାଣକୁ ମାତ୍ର ୭/୮ ଲକ୍ଷକୁ କମାଇ ଦିଆଯାଇଛି। ନୂତନ ନିୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଗ୍ରାମସଭା ଓ ପଞ୍ଚାୟତ ସମିତିର କ୍ଷମତାକୁ ଗୌଣ କରିବାକୁ ଉଦ୍ୟମ କରାଯାଇଛି। ରାଜ୍ୟ ବିଜେପି ସରକାରଙ୍କ ଏସବୁ ପଦକ୍ଷେପ କେବଳ ତୃଣମୂଳ ସ୍ତରରେ ଥିବା ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତା ସଙ୍କୁଚିତ କରି ନିଜ ଦଳୀୟ କର୍ମୀ ଓ ନେତାଙ୍କ ପକେଟକୁ ଗରମ କରିବା ପାଇଁ ଏକ ସୁଚିନ୍ତିତ ଘୃଣ୍ୟ ଉଦ୍ୟମ ବୋଲି ନେତାମାନେ କହିଛନ୍ତି। ପ୍ରତିବାଦ ସଭା ପରେ ହଜାର ହଜାର ଆନ୍ଦୋଳନକାରୀ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ବ୍ୟାରିକେଡକୁ ଭାଙ୍ଗି ବିଧାନସଭା ଆଡକୁ ଅଗ୍ରସର ହେବାକୁ ଉଦ୍ୟମ କରୁଥିବା ବେଳେ ପ୍ରଶାସନ ପକ୍ଷରୁ ପାଣି ମାଡ କରାଯାଇଥିଲା। ଏଥିରେ ଦଳର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା ଓ ଅନେକ କର୍ମୀ ଆହତ ହୋଇଛନ୍ତି। ସେହିପରି ଶହଶହ କର୍ମୀଙ୍କୁ ପୁଲିସ ଗିରଫ କରିଛି ।

ଘେରାଉ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ, ପ୍ରମିଳା ମଲ୍ଲିକ, ଅରୁଣ ସାହୁ, ସୁଦାମ ମାରାଣ୍ଡି, ଟୁକୁନି ସାହୁ, ପ୍ରଦୀପ ଅମାତ, ବଦ୍ରି ନାରାୟଣ ପାତ୍ର, ପ୍ରଫୁଲ୍ଲ ସାମଲ, ଅଶୋକ ପଣ୍ଡା, ଚିରଞ୍ଜିବୀ ବିଶ୍ୱାଳ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ଗୌତମବୁଦ୍ଧ ଦାସ, ସ୍ନେହାଙ୍ଗିନୀ ଛୁରିଆ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ବିଜୟ ନାୟକ, ଭୃଗୁ ବକ୍ସିପାତ୍ର, ପ୍ରୀତିରଞ୍ଜନ ଘଡାଇ, ପ୍ରଫୁଲ୍ଲ ସିଂ, ବିକ୍ରମ ପଣ୍ଡା, ଉମାକାନ୍ତ ସାମନ୍ତରାୟ, ଧ୍ରୁବ ଚରଣ ସାହୁ, ସୁବାସ ସିଂ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସାରଦା ଜେନା, ପ୍ରଶାନ୍ତ ମୁଦୁଲି, ସୁଲତା ଦେଓ, ସୁବାଶିଷ ଖୁଣ୍ଟିଆ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ମନ୍ମଥ ରାଉତରାୟ, ବର୍ଷା ସିଂ ବରିହା, ଲୋପାମୁଦ୍ରା ବକ୍ସିପାତ୍ର, ପ୍ରଦୀପ ସାହୁ, ଗଣେଶ୍ୱର ବେହେରା, ରବୀନ୍ଦ୍ର ଜେନା, ସୁବାସିନୀ ଜେନା, ଅମରେଶ ପତ୍ରି, ନଳିନୀ ପ୍ରଧାନ, ବ୍ରଜ ପ୍ରଧାନ, ତୁଷାରକାନ୍ତି ବେହେରା, ବିଶ୍ୱରଂଜନ ମଲ୍ଲିକ, ଅଭିମନ୍ୟୁ ସେଠୀ, ନବକିଶୋର ମଲ୍ଲିକ, ସାରଦା ନାୟକ, ମନୋରମା ମହାନ୍ତି, ପ୍ରମୋଦ ମଲ୍ଲିକ, ସଞ୍ଜୀବ ମଲ୍ଲିକ, ରମେଶ ବେହେରା, ରୋମାଞ୍ଚ ରଂଜନ ବିଶ୍ୱାଳ, ସୌଭିକ ବିଶ୍ୱାଳ, ସୁନିଲ ମହାନ୍ତି, ଝିନ୍ନ ହିକକା, ମାଧବ ଧଡା, ସୁଦର୍ଶନ ହରିପାଲ, ସୁଜାତା ସାହୁ, ରମାକାନ୍ତ ଭୋଇ, ଅଳକା ମହାନ୍ତି, ରୀତା ସାହୁ, ଅରବିନ୍ଦ ମହାପାତ୍ର, ରୂପେଶ ପାଣିଗ୍ରାହୀ, ପ୍ରଶାନ୍ତ ବେହେରା, ଦୀପାଳି ଦାସ, ମୁକ୍ତିକାନ୍ତ ମଣ୍ଡଳ, ମଂଜୁଲତା ମଣ୍ଡଳ, ନୃସିଂହ ସାହୁ, ଅବିନାଶ ସାମଲ, ସରୋଜ ମେହେର, ଜଗନ୍ନାଥ ସାରକା, ମହେଶ ସାହୁ, ଲତିକା ପ୍ରଧାନ, ରଞ୍ଜିତା ସାହୁ, ସୁଧୀର ସାମଲ, ରୁଦ୍ର ମହାରଥୀ, ମାନସ ମାଡକାମୀ, କୌଶଲ୍ୟ ହିକ୍କାକା, ରବିନାରାୟଣ ନନ୍ଦ, ଶ୍ରୀକାନ୍ତ ସାହୁ, ସୁମିତ୍ରା ଜେନା, ମୀନତୀ ବେହେରା, କସ୍ତୁରୀ ମହାପାତ୍ର, ଗୀତାଞ୍ଜଳି ବସ୍ତିଆ, ସୁବାସ ବେହେରା, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ, ପ୍ରଫୁଲ୍ଲ ପାଙ୍ଗୀ, ପ୍ରଭୁ ଜାନି, ପଦ୍ମିନୀ ଦିଆନ, ଲକ୍ଷ୍ମୀପ୍ରିୟା ନାୟକ, ସୁକାନ୍ତ ନାୟକ, ସ୍ୱରୂପ କୁମାର ଦାସ, ରାଜେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସନ୍ଦୀପ ଷଡଙ୍ଗୀ, କୈଳାଶ ପାତ୍ର, ସୁବ୍ରତ ଛାଟୋଇ, ସଦାଶିବ ପ୍ରଧାନ, ସାଲୁଗା ପ୍ରଧାନୀ, ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ରିଜୁଆନା ବେଗମ, ସାନନ୍ଦ ମାରାଣ୍ଡି, ଦେବାଶିଷ ମାରାଣ୍ଡି, ରାଜକିଶୋର ଦାସଙ୍କ ସହ ୩୦ ଜିଲ୍ଲାର ଜିଲ୍ଲା ପରିଷଦ ସଭାପତି ଓ ଉପସଭାପତି, ୧୫୦ ଉଦ୍ଧ୍ୱର୍ ବ୍ଲକର ଅଧ୍ୟକ୍ଷ/ଉପାଧ୍ୟକ୍ଷ, ବିଭିନ୍ନ ପ୍ରତିନିଧିମଣ୍ଡଳୀ ଯଥା, ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ସଂଗଠନର ପ୍ରତିନିଧି, ହଜାର ହଜାର ବିଜେଡିର ଯୁବ ଓ ଛାତ୍ର ନେତାମାନଙ୍କ ସହ ୩୦ ହଜାରରୁ ଉଦ୍ଧ୍ୱର୍ କର୍ମୀ ସାମିଲ ଥିଲେ।

# ୭ ଓଡ଼ିଆ ନେତାଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତ କଲା ଏଆଇସିସି

ଭୁବନେଶ୍ୱର, ୨୩।୯ (ସମିସ): ତିନୋଟି ରାଜ୍ୟରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ ସଂଗଠନ ସୃଜନ ଅଭିଯାନରେ ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମ ଆରମ୍ଭ କରିଛି ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)। ଏହି କ୍ରମରେ ପଡ଼ୋଶୀ ତେଲେଙ୍ଗାନା, ଛତିଶଗଡ଼ ରାଜ୍ୟର ଜିଲ୍ଲା ସଭାପତି ଚୟନ ନେଇ ଏଆଇସିସି ଓଡ଼ିଶାର ୮ଜଣ ନେତୃବୃନ୍ଦଙ୍କୁ ସଂଗଠନ ସୃଜନ ଅଭିଯାନର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରିଛି। ଛତିଶଗଡ ରାଜ୍ୟର ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ନିଯୁକ୍ତି ପାଇଥିବା ବେଳେ ସାଂସଦ ସପ୍ତଗିରି ଉଲ୍ଲାକା, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ମଧ୍ୟ ପର୍ଯ୍ୟବେକ୍ଷକ ରୂପେ ସ୍ଥାନ ପାଇଛନ୍ତି। ସେହିପରି ତେଲେଙ୍ଗାନା ରାଜ୍ୟ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ବିଧାୟିକା ସୋଫିଆ ଫିର୍ଦୋସ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ଉପରୋକ୍ତ ସମସ୍ତ ନେତୃବୃନ୍ଦଙ୍କ ନାମକୁ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ଅନୁମୋଦନ କରିଛନ୍ତି ବୋଲି ଏଆଇସିସି ସାଧାରଣ ସମ୍ପାଦକ କେ.ସି ଭେନୁଗୋପାଳ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ମାଲେସିଆରେ ଚମକିବ ଓଡ଼ିଆ ସ୍ଥାପତ୍ୟ

## ଧଉଳି ପାଦ ଦେଶରେ ନିର୍ମାଣ ଚାଲିଛି ୨୫ ଟନ୍‌ର ବୁଦ୍ଧ ମୂର୍ତ୍ତି



**ଭୁବନେଶ୍ୱର, ୨୩।୯(ସମିସ):** ମାଲେସିଆରେ ଚମକିବ ଓଡ଼ିଆ ସ୍ଥାପତ୍ୟ। କ୍ୱାଲାଲମ୍ପୁରର ଶୋଭା ବଢ଼ାଇବ ବୌଦ୍ଧ ଧର୍ମର ପ୍ରଚାରକ ଗୌତମ ବୁଦ୍ଧଙ୍କ ୨୫ ଟନ୍‌ର ବିଶାଳକାୟ ପ୍ରତିମୂର୍ତ୍ତି। ଓଡ଼ିଶାର ସ୍ଥାପତ୍ୟ ଶିଳ୍ପୀ ଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା ଓ ତାଙ୍କ ଅନୁଜ ଜାତୀୟ ପୁରସ୍କାରପ୍ରାପ୍ତ ରତ୍ନାକର ମହାରଣାଙ୍କ ତତ୍ତ୍ୱାବଧାନରେ ଧଉଳି ପାଦଦେଶରେ ଏହାର ନିର୍ମାଣ ଜୋରସୋର୍‌ରେ ଚାଲିଛି। କୋଣାର୍କ କଳାର ୮ ଜଣ ଶିଳ୍ପୀ ୪ବର୍ଷ ଅକ୍ଳାନ୍ତ ପରିଶ୍ରମ କରି ଏହି ମୂର୍ତ୍ତି ନିର୍ମାଣ କରୁଛନ୍ତି। ରାଜସ୍ଥାନର ସ୍ୟାଣ୍ଡ ଷ୍ଟୋନ୍ ୪୦ ଟନ୍ ପଥରକୁ ନିହାଣରେ ମୁନରେ ଶିଳ୍ପୀ ଦେଇଛନ୍ତି ଜୀବନ୍ତ ରୂପ। ଏହି ମୂର୍ତ୍ତି କଣ୍ଟେନର୍‌ରେ କୋଲକାତା ଯିବା ପରେ ସେଠାରୁ ପାଣିଜାହାଜରେ ମାଲେସିଆ ଯିବ। ବୁଦ୍ଧଙ୍କ ଶିଷ୍ୟ ଅବଲୋକେଶରା, ସାରୀପୁତ୍ର, ମଙ୍ଗଳପୁତ୍ର, ସିଂହ, ହାତୀ, ପୂଜାରିଣୀ ଆଦି ରହିଥିବା ଏହି ମୂର୍ତ୍ତି କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଶ୍ରୀ ମହାରଣା ଓ ତାଙ୍କ ସହଯୋଗୀଙ୍କ ଏହା ହେଉଛି ଆଉ ଏକ ଅନନ୍ୟ କୃତି। ଏ ସଂପର୍କରେ ପଦ୍ମଶ୍ରୀ ପ୍ରଭାକର ମହାରଣା କହିଛନ୍ତି ଯେ ଓଡ଼ିଆଙ୍କର କଳାନୈପୁଣ୍ୟ ବହୁ ପୁରାତନ କାଳରୁ ପ୍ରକାଶିତ ହୋଇଆସିବା ସହ ସାରା ପୃଥିବୀରେ ସୁନାମ ଓ ପ୍ରଶଂଶିତ ହୋଇଆସୁଛି। ବିଦେଶ ପାଇଁ ଯଦି ଏପରି ବିଶାଳ ମୂର୍ତ୍ତି ଆମ ଓଡ଼ିଶାରେ ତିଆରି ହୋଇ ହୋଇପାରୁଛି, ତେବେ ଓଡ଼ିଶାରେ ଏପରି ମୂର୍ତ୍ତି ଗଠନ କରାଯାଇ ସ୍ଥାପନ କରାଗଲେ, ଆମ ରାଜ୍ୟର ସୁନାମ ବୃଦ୍ଧି ହେବ।

## ରାଜ୍ୟ ବାର୍ କାଉନସିଲ କର୍ପସ ଫଣ୍ଡ ନିୟମାବଳୀକୁ ବେଆଇନ ଘୋଷଣା ପାଇଁ ମାମଲା

# ଆପୋସ ସମାଧାନ ପାଇଁ ହାଇକୋର୍ଟଙ୍କ ଗୁରୁତ୍ୱାରୋପ


କଟକ,୨୩।୯(ସମିସ): ରାଜ୍ୟ ବାର କାଉନସିଲ କର୍ପସ ଫଣ୍ଡ ରୁଲ-୨୦୨୦କୁ ବେଆଇନ ଘୋଷଣା ପାଇଁ ପ୍ରାର୍ଥନା କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଏହି ମାମଲାର ପ୍ରାରମ୍ଭିକ ଶୁଣାଣି କରି ଆପୋସ ଆଲୋଚନା ଜରିଆରେ ଉଭୟପକ୍ଷ ଏହାର ସମାଧାନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରି ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଇନଜୀବୀ କବିରାଜ ପ୍ରଧାନ ଓ ବିପ୍ଳବ ଶିଳାଦିତ୍ୟଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୭କୁ ଧାର୍ଯ୍ୟ ହୋଇଛି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଉପରୋକ୍ତ ନିୟମାବଳୀ ପ୍ରଣୟନ କରିବା କ୍ଷମତା ରାଜ୍ୟ ବାର୍ କାଉନସିଲର ନାହିଁ। ବେଆଇନ ଭାବେ ଏହି ନିୟମାବଳୀ କରାଯାଇଛି। ଏଥିସହ ନିୟମାବଳୀ ଆଧାରରେ ଓକିଲାତିନାମାରେ ୧୦୦ଟଙ୍କାର ଷ୍ଟାମ୍ପକୁ ବାଧ୍ୟତାମୂଳକ କରିବା ଆଇନସମ୍ମତ ନୁହେଁ। ଏହା ଯୁବ ଆଇନଜୀବୀମାନଙ୍କ ଉପରେ ଆର୍ଥିକ ବୋଝ ସଦୃଶ ଏବଂ ଜନସାଧାରଣଙ୍କ ପାଇଁ ଆଇନସେବା ମଧ୍ୟ ପ୍ରଭାବିତ ହେବା ଆଶଙ୍କା ରହିଥିବା ଆବେଦନରେ ଅଭିଯୋଗ କରାଯାଇଛି। ସେହିଭଳି ଏହି ନିୟମ ଅନୁପାଳନ ନ କରିବା କ୍ଷେତ୍ରରେ ଆଇନଜୀବୀ ଓ ବାର୍ ଆସୋସିଏସନଗୁଡ଼ିକ ପାଇଁ କରାଯାଇଥିବା ଦଣ୍ଡ ବ୍ୟବସ୍ଥା ବେଆଇନ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ସାହୁ, ଦୁର୍ଗାପ୍ରସାଦ ନନ୍ଦ, ସମୀର କୁମାର ମିଶ୍ର ଓ ଦିପକ କୁମାର ମହାପାତ୍ର ପ୍ରମୁଖ ଯୁକ୍ତି ଉପସ୍ଥାପନ କରିଥିଲେ। ମାମଲା ପରିଚାଳନାରେ ଆଇନଜୀବୀ ରୋମିତ ପାଣିଗ୍ରାହୀ, ସ୍ୱରାଜ ଓ ଦୀପ୍ତାଂଶୁ ନନ୍ଦ ସହାୟତା କରୁଛନ୍ତି। ଏହି ମାମଲାରେ ରାଜ୍ୟ ବାର୍ କାଉନସିଲ ସମେତ ବିଭିନ୍ନ ବାର ଆସୋସିଏସନକୁ ପକ୍ଷଭୁକ୍ତ କରାଯାଇଛି।

■ ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ପୁରୀ 'ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ' ପରିଚାଳନା ଭାର ସରକାର ନିଅନ୍ତୁ

ଭୁବନେଶ୍ୱର, ୨୩।୯ (ସମିସ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା 'ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ'ର ପରିଚାଳନା ଦାୟିତ୍ୱ ଓଡ଼ିଶା ସରକାର ନେବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଛନ୍ତି। ମଙ୍ଗଳବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ ଶ୍ରୀମନ୍ଦିର ପରିସରରେ ଥିବା ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ ଏକ ପ୍ରାଚୀନ ଅନୁଷ୍ଠାନ। ସାଂସ୍କୃତିକ ଏବଂ ଐତିହାସିକ ଦୃଷ୍ଟିରୁ ଏହାର ଗୁରୁତ୍ୱ ରହିଛି। ତତ୍କାଳୀନ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନରେ ସେବାୟତଙ୍କ ପିଲାଙ୍କୁ ସଂସ୍କୃତ ଶିକ୍ଷା, ବୈଦିକ ଶିକ୍ଷା ଏବଂ କର୍ମକାଣ୍ଡ ପ୍ରଶିକ୍ଷଣ ପ୍ରଦାନ କରୁଛି। ପୂଜା ପଣ୍ଡା ନିଯୋଗ ଦ୍ୱାରା ପରିଚାଳିତ ଏହି ସହାୟତାପ୍ରାପ୍ତ ବିଦ୍ୟାଳୟ ନାମରେ ଏକ ସ୍ଥାୟୀ ରେକର୍ଡ ଅଫ୍ ରାଇଟ୍ସ ମଧ୍ୟ ରହିଛି। ପାରମ୍ପରିକ ଜ୍ଞାନର ସଂରକ୍ଷଣ ସହ ପ୍ରଚାରପ୍ରସାର କରିବା, ଆଧ୍ୟାତ୍ମିକ କାର୍ଯ୍ୟ ପାଇଁ ଏକ ମାଧ୍ୟମ ଭାବରେ ସଂସ୍କୃତକୁ ପ୍ରୋତ୍ସାହିତ କରିବା ଏବଂ ଶ୍ରୀଜଗନ୍ନାଥ ମନ୍ଦିରର ସାଂସ୍କୃତିକ ଏବଂ ଧାର୍ମିକ ଐତିହ୍ୟକୁ ସୁରକ୍ଷା ଦେବା ବିଦ୍ୟାଳୟର ମୂଳ ଲକ୍ଷ୍ୟ। ଏଣୁ, ବିଦ୍ୟାଳୟର ସମ୍ପୂର୍ଣ୍ଣ ପରିଚାଳନା ଏବଂ ପ୍ରଶାସନିକ ଭାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନକୁ ଆଣିବା ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ଏହାଦ୍ୱାରା ବିଦ୍ୟାଳୟର ବିକାଶ ସୁନିଶ୍ଚିତ ହେବା ସହ ଶ୍ରୀଜଗନ୍ନାଥ ସଂସ୍କୃତିର ଗୌରବମୟ ଐତିହ୍ୟକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷଣ ହୋଇପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବା। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସର୍ମଚାରୀଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୬୧- ସ୍ୱାଧୀନତା ସଂଗ୍ରାମୀ ମାଡାମ୍ ଭିକାଜୀ କାମାଙ୍କ ଜନ୍ମ।
- ୧୯୪୮- ହୋଣ୍ଡା ମୋଟର କମ୍ପାନିର ସ୍ଥାପନା।
- ୧୯୬୮- ସ୍ୱାଜିଲ୍ୟାଣ୍ଡ ମିଳିତ ଜାତିସଂଘରେ ସାମିଲ ହେଲା।
- ୧୯୭୮- ପୂର୍ବ ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।
- ୨୦୧୩- ପାକିସ୍ତାନର ବେଲୁଚିସ୍ତାନରେ ୭.୭ ତୀବ୍ରତାର ଭୂମିକମ୍ପ ଆସିବାରୁ ୫୧୫ ଲୋକଙ୍କ ପ୍ରାଣହାନି।

## ପ୍ରଭାସଙ୍କ 'ଫୌଜି'ରେ ଅଭିଷେକଙ୍କ ଏଣ୍ଟ୍ରି



ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଆଗାମୀ ଫିଲ୍ମ 'ଫୌଜି'କୁ ନେଇ ଏବେ ଏକ ଖବର ଆସିଛି। ହନୁ ରାଘବପୁଡ଼ିଙ୍କ ନିର୍ଦ୍ଦେଶିତ ଆକ୍ସନ୍- ଡାମ୍ରା ଭିତ୍ତିକ ଏହି ଫିଲ୍ମଟି ଆହୁରି ଅଧିକ ଆକର୍ଷଣୀୟ ହେବାକୁ ଯାଉଛି। କାରଣ ଏଥିରେ ଏବେ ପ୍ରଭାସଙ୍କ ସହ ଅଭିଷେକ ବଚ୍ଚନ ନଜର ଆସିବେ। ଯଦି ସବୁକିଛି ଫାଇନାଲ ହୋଇଯାଏ ତେବେ ତେଲୁଗୁ ଇଣ୍ଡଷ୍ଟ୍ରୀରେ ଅଭିଷେକଙ୍କ ଏହା ଡେବ୍ୟୁ ଫିଲ୍ମ ହେବ। ଅଗଷ୍ଟରେ ଏହାର ସୁଟିଂ ସେଟ୍‌ରୁ ଏକ ଫଟୋ ଲିକ୍ ହେବା ପରେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିଯାଇଥିଲା। ପ୍ରଭାସ ଏବେ ଫିଲ୍ମର ସୁଟିଂରେ ବ୍ୟସ୍ତ ଥିବାବେଳେ ଖୁବ୍‌ଶୀଘ୍ର ତାଙ୍କ ସହ ଅଭିଷେକ ଯୋଗ ଦେବେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ରୋମାଣ୍ଟିକ୍ କାହାଣୀ ଉପରେ ଫିଲ୍ମଟି ନିର୍ମାଣ କରାଯାଇଛି। ଏଥିରେ ପ୍ରଭାସ ଜଣେ ସୈନିକ ଭାବେ ଦେଖାଯିବେ। ଫିଲ୍ମର ବଜେଟ୍ ୪୦୦ କୋଟି ରହିଛି। ପ୍ରଭାସଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'କଲ୍‌କୀ ୨୮୯୮ ଏଡି' ଫିଲ୍ମରେ ଦେଖାଯାଇଥିଲେ। ପ୍ରଭାସ ଆଗାମୀ ଦିନରେ 'ଦ ସ୍ପିରିଟ୍', 'ଦ ରାଜା ସାବ୍', 'କଲ୍‌କୀ ୨୮୯୮ ଏଡି ପାର୍ଟ ୨', 'ସାଲାର୍ ପାର୍ଟ ୨' ଭଳି ଫିଲ୍ମରେ ନଜର ଆସିବେ।

## କ୍ୟୁଆର୍ କୋଡ୍ ଦେଖାଇ ମାଗୁଛନ୍ତି ଭିକ



ସାଧାରଣତଃ ରାସ୍ତାଘାଟ, ମନ୍ଦିର, ରେଳ ଷ୍ଟେସନରେ ଭିକାରିଙ୍କୁ ଭିକ ମାଗୁଥିବାର ଦେଖିବାକୁ ମିଳିଥାଏ। ହେଲେ ଏବେ ଲୋକେ ଅନଲାଇନ୍‌ରେ ଭିକ ମାଗୁଛନ୍ତି। ସାମାଜିକ ଗଣମାଧ୍ୟମରେ ଏବେ ଜଣେ ବ୍ୟକ୍ତି ସଭିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ସେ ରାସ୍ତାରେ ନୁହେଁ, ବରଂ ୟୁଟ୍ୟୁବ୍‌ରେ ଲାଇଭ୍ ଆସି ଭିକ ମାଗନ୍ତି। ଏହି ବ୍ୟକ୍ତି ଜଣକ ହେଲେ ଗୌତମ ସୂର୍ଯ୍ୟା। ତାଙ୍କ ଚ୍ୟାନେଲର ନାଁ ହେଉଛି ଗୋବିନ୍ଦସୂର୍ଯ୍ୟା୩୬୦। ଆଶ୍ଚର୍ଯ୍ୟର କଥା ହେଉଛି, ତାଙ୍କର ୫ ଲକ୍ଷ ସବ୍‌ସ୍କ୍ରାଇବର ଅଛନ୍ତି। ସେ ଏହି ଚ୍ୟାନେଲରେ ୩.୮ ହଜାର ଭିଡିଓ ସେୟାର୍ କରିଛନ୍ତି। ଗୋବିନ୍ଦ ସୂର୍ଯ୍ୟା ନିୟମିତ ୩ରୁ ୪ ଘଣ୍ଟା ଲାଇଭ୍ ଆସି ୨ରୁ ୩ଟି କ୍ୟୁଆର୍ କୋଡ୍ ଦ୍ୱାରା ଟଙ୍କା ମାଗନ୍ତି। ସେହିପରି ଯେତେବେଳେ ସେ ଲାଇଭ୍ ଆସନ୍ତି, ୧୦ ହଜାରରୁ ଅଧିକ ଲୋକ ତାଙ୍କ ସହ ଯୋଡ଼ି ହୋଇଯାଆନ୍ତି। ଲାଇଭ୍ ଦେଖିବା ସମୟରେ ଲୋକେ ତାଙ୍କୁ କ୍ୟୁଆର୍ କୋଡ୍ ମାଧ୍ୟମରେ ଏକ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିଥାନ୍ତି। ଅଧିକାଂଶ ଲୋକ ତାଙ୍କୁ ଟଙ୍କାଟିଏ ପଠାନ୍ତି। ସେହିପରି କୌଣସି ବ୍ୟକ୍ତି ପେମେଣ୍ଟ କଲେ ତାଙ୍କ ନାଁ ନେଇ ସେ ତାଙ୍କୁ ଧନ୍ୟବାଦ ଦିଅନ୍ତି। ତାଙ୍କର ଗୋଟିଏ ଭିଡିଓକୁ ୨.୭ କୋଟି ଲୋକେ ଦେଖିଛନ୍ତି। କେବଳ ସେତିକି ନୁହେଁ, ଗୋଟିଏ ଦିନରେ କିଭଳି ସୁପର୍‌ଚାଟ୍‌ରୁ ୧୦ ହଜାର ଟଙ୍କା ରୋଜଗାର ହୋଇଯାଏ, ସେକଥା ବି ସେ ଭିଡିଓରେ ଦେଖାଇଛନ୍ତି। ଏହାବାଦ୍ ସେ ତାଙ୍କ ସଂଘର୍ଷ କାହାଣୀ ମଧ୍ୟ ସେୟାର୍ କରନ୍ତି। ଦୁଇ, ତିନି ବର୍ଷ ପର୍ଯ୍ୟନ୍ତ ଯେତେବେଳେ ତାଙ୍କ ପାଖରେ କାମ ନ ଥିଲା, ତାଙ୍କୁ ବହୁତ କଷ୍ଟରେ ରହିବାକୁ ପଡ଼ୁଥିବା ବୋଲି ସେ କହିଛନ୍ତି। ସେ ଯୁବାବସ୍ଥାରେ ଥିବାବେଳେ ଘରେ ରୋଜଗାରଶୂନ୍ୟ ହୋଇ ବସିଥିଲେ। ତାଙ୍କ ବାପା ବିଳମ୍ବିତ ରାତ୍ରୀରେ କାମ କରି ଘରକୁ ଫେରୁଥିବାର ଦେଖି ସେ ଏଭଳି ନିଷ୍ପତ୍ତି ନେଇଥିବା ଗୌତମ ସୂର୍ଯ୍ୟା କହିଛନ୍ତି। ଅନେକ ଭିଡିଓରେ ସେ ଲୋକଙ୍କୁ ସାହାଯ୍ୟ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏହିପ୍ରକାରେ ଏହି ଅନ୍‌ଲାଇନ୍ ଭିକାରି ଜଣକ ନିଜ ଅନ୍‌ଲାଇନ୍ ଉପସ୍ଥିତିରେ କେବଳ ଲକ୍ଷାଧିକ ଫଲୋଅର୍ସଙ୍କୁ ଯୋଡ଼ି ନାହାନ୍ତି, ବରଂ ମାସକୁ ଭଲ ରୋଜଗାର ମଧ୍ୟ କରୁଛନ୍ତି। ଅନ୍ୟପଟେ ଏହା ଉପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ରିଲ୍ସ ବିୟୁଟି ଟ୍ରିକ୍‌ରେ ବିଗୁଡ଼ୁଛି ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟ

ସାମାଜିକ ଗଣମାଧ୍ୟମରେ ଏବେ ଭଳିକି ଭଳି ସୌନ୍ଦର୍ଯ୍ୟ ଉପଚାରଗୁଡ଼ିକ ବେଶ୍ ଭାଇରାଲ ହେଉଛି। ବିଶେଷକରି ଯୁବପିଢ଼ି ଏହାକୁ ଅଧିକ ଅନୁସରଣ କରୁଥିବାର ଦେଖାଯାଉଛି। ହେଲେ ଏହାକୁ ଅନୁସରଣ କରି ଅନେକ ଯୁବକଯୁବତୀ ସେମାନଙ୍କ ତ୍ୱଚାକୁ ଖରାପ କରୁଛନ୍ତି। ଲୋକପ୍ରିୟ ଚର୍ମ ବିଶେଷଜ୍ଞ ସ୍ୟାଣ୍ଡି ସ୍କଟନିକି ଚେତାବନୀ ଦେଇଛନ୍ତି ଯେ, ଟିକ୍‌ଟକ୍‌ରେ ପ୍ରସାରିତ ଏହି ଟ୍ରେଣ୍ଡ ସ୍ୱାସ୍ଥ୍ୟ ଲାଗି କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ବିଶେଷକରି ଜେନ୍ ଜେଡ୍‌ଙ୍କୁ 'ଇନଫ୍ଲୁଏନସର ଇମଫ୍ଲାମେସନ' ନାମକ ତ୍ୱଚା ସମସ୍ୟାକୁ ସାମ୍ନା କରିବାକୁ ପଡ଼ିପାରେ। ଡା. ସ୍କଟନିକିଙ୍କ ଅନୁସାରେ, ଅନେକ ଯୁବକ ଯୁବତୀ କିଛି ନ ବୁଝି ଟିକ୍‌ଟକ୍‌ରେ ଦେଖାଯାଉଥିବା ଜିନିଷକୁ ଲଗାଇଥାନ୍ତି। ଏସବୁ ଜିନିଷରେ ମୁଖ୍ୟତଃ ଗ୍ଲାଇକୋଲିକ୍ ଏସିଡ୍, ଭିଟାମିନ୍ ସି, ନିଆସିନାମାଇଡ୍ ଏବଂ ରେଟିନୋଲ ଭଳି ତତ୍ତ୍ୱ ଥାଏ। ଏହାକୁ ଯେତେବେଳେ ଏକକାଳୀନ ଅଧିକ ମାତ୍ରାରେ ବ୍ୟବହାର କରାଯାଏ ତ୍ୱଚାରେ ପୋଡ଼ାଜଳା, ଲାଲ୍ ଦେଖାଯିବା ଏବଂ ତ୍ୱଚା ଫୁଲିଯିବା ଭଳି ସମସ୍ୟା ଦେଖା ଦିଏ। ତେବେ ଏକ ରିପୋର୍ଟ ଅନୁସାରେ, ସବୁଠୁ ଅଧିକ ମାମଲା ୧୮ ରୁ ୩୦ ବର୍ଷ ବୟସ ଯୁବତୀଙ୍କଠାରେ ଦେଖିବାକୁ ମିଳୁଛି। ସେହିପରି ଯୁବକମାନେ ବି ଏଭଳି ସୌନ୍ଦର୍ଯ୍ୟ ଉପଚାରକୁ ଅନୁସରଣ କରି ସେହି ସମାନ ସମସ୍ୟାକୁ ସାମ୍ନା କରୁଛନ୍ତି। ମଜାଦାର କଥା ହେଉଛି ଅଧିକାଂଶ ଲୋକ ଭାବୁଛନ୍ତି, ସେମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ ହୋଇଯାଇଛି। ହେଲେ ଏହାର ଅସଲ କାରଣ ହେଉଛି ଆବଶ୍ୟକତାଠୁ ଅଧିକ ଜିନିଷ ବ୍ୟବହାର କରିବା। ତେବେ ଡାକ୍ତରଙ୍କ କହିବା କଥା, ନୂଆ ଜିନିଷକୁ ତ୍ୱଚାରେ ବ୍ୟବହାର କରିବା ପୂର୍ବରୁ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି। ସୋସିଆଲ ମିଡିଆରେ ତ୍ୱଚାରେ ଚମକ ଆଣିବା ପାଇଁ ଉଦ୍ଦିଷ୍ଟ ଭିଡିଓଗୁଡ଼ିକ ଏହାକୁ ଅଧିକ କ୍ଷତି ପହଞ୍ଚାଇପାରେ। ତେଣୁ କୌଣସି ଭାଇରାଲ ସୌନ୍ଦର୍ଯ୍ୟ ଉପଚାରକୁ ତୁରନ୍ତ ଅନୁସରଣ କରିବା ଅନୁଚିତ। ନିଜ ତ୍ୱଚା ଅନୁସାରେ ପ୍ରସାଧାନ ସାମଗ୍ରୀ ବ୍ୟବହାର କରିବା ଦରକାର। ସବୁଠୁ ବଡ଼ କଥା ହେଉଛି ପ୍ୟାଚ୍ ଟେଷ୍ଟ କରିବା ଦରକାର। ତ୍ୱଚା ସହ ଜଡ଼ିତ ପ୍ରତ୍ୟେକ ସମସ୍ୟା ଲାଗି ଇନଫ୍ଲୁଏନସରଙ୍କ ପରାମର୍ଶ ନ ନେଇ ଡାକ୍ତରଙ୍କ ପରାମର୍ଶ ନେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।



## ସମ୍ଭାବନା

## ଟ୍ରେଣ୍ଡରେ ଡ୍ରିମ୍ ଜର୍ଣ୍ଣଲିଂ

**ଆଜିର ବ୍ୟସ୍ତତାପୂର୍ଣ୍ଣ ଜୀବନଶୈଳୀରେ ଅବସାଦ, ଚିନ୍ତା, ଉଦ୍‌ବେଗ, ନିଦ୍ରାହୀନତା ଆଦି ସମସ୍ୟା ସାଧାରଣ ହୋଇପଡ଼ିଛି। ଏଥିରୁ ମୁକ୍ତି ପାଇବା ଲାଗି ଲୋକେ ବିଭିନ୍ନ ଜିନିଷର ସାହାରା ନେଉଛନ୍ତି। ଏହାରି ଭିତରେ ଯୁବପିଢ଼ିଙ୍କଠାରେ ଏକ ନୂଆ ଟ୍ରେଣ୍ଡ ଲୋକପ୍ରିୟ ହେବାରେ ଲାଗିଛି। ଏହା ହେଉଛି 'ଡ୍ରିମ୍ ଜର୍ଣ୍ଣଲିଂ।' ଅନେକ ଯୁବପିଢ଼ି ମାନସିକ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେବାକୁ ଯାଇ 'ଡ୍ରିମ୍ ଜର୍ଣ୍ଣଲିଂ' କରୁଛନ୍ତି। ଏଥିରୁ ସେମାନଙ୍କୁ ଅନେକ ଲାଭ ମିଳୁଥିବା କୁହାଯାଉଛି।**



**ଏହା କ'ଣ:** ଡ୍ରିମ୍ ଜର୍ଣ୍ଣଲିଂର ଅର୍ଥ ହେଉଛି ସ୍ୱପ୍ନକୁ ଲେଖିବା। ସକାଳୁ ଉଠିବା ମାତ୍ରେ ରାତିରେ ଦେଖିଥିବା ସ୍ୱପ୍ନକୁ ନୋଟ୍‌ବୁକ୍ କିମ୍ବା ଡାଏରୀରେ ଲେଖିବା ଅଭ୍ୟାସକୁ 'ଡ୍ରିମ୍ ଜର୍ଣ୍ଣଲିଂ' କୁହାଯାଉଛି। ଅବଶ୍ୟ ଏହା ଜରୁରି ନୁହେଁ ଦେଖିଥିବା ସବୁ ସ୍ୱପ୍ନକୁ ଉଲ୍ଲେଖ କରାଯିବ। ନିଦରୁ ଉଠିବା ପରେ ଯେଉଁ ସ୍ୱପ୍ନ ମନେ ଥାଏ, ତାହାକୁ ଲେଖିପାରିବେ ନଚେତ୍ ତା'ର ଚିତ୍ର ବି ଆଙ୍କିପାରିବେ। ଏହା ହେଉଛି ଏକ ପ୍ରକାର ଆତ୍ମ ସଚେତନତା ଅଭ୍ୟାସ।

**କାହିଁକି ଜରୁରି:** ଅନେକ ସମୟରେ ଲୋକମାନେ ନିଜ ସ୍ୱପ୍ନକୁ ଅଣଦେଖା କରନ୍ତି। ହେଲେ ଅନେକ ଗବେଷଣାରେ ଏକଥା ଦାବି କରାଯାଇଛି ଯେ, ସ୍ୱପ୍ନରେ ଭୟ, ଚିନ୍ତା, ଇଚ୍ଛା, ଏପରିକି ଅନେକ ଅଧୁରା ଇଚ୍ଛା ମଧ୍ୟ ଲୁଚି ରହିଥାଏ। ତେଣୁ ବେଳେବେଳେ ସ୍ୱପ୍ନକୁ ଲେଖିବା ଦ୍ୱାରା ଏକଥା ବୁଝାପଡ଼େ ଯେ, ଆଗକୁ ଜୀବନରେ କ'ଣ କରିବାର ଅଛି। ଏଥିରେ ଲୋକଙ୍କୁ ନିଜ ମନର ଗଭୀରତାକୁ ବୁଝିବାରେ ସାହାଯ୍ୟ ମିଳେ। ସେହିପରି ବାରମ୍ବାର ଭୟାନକ ସ୍ୱପ୍ନ ମଧ୍ୟ ଅନେକ ଜଣ ଦେଖନ୍ତି। ଡ୍ରିମ୍ ଜର୍ଣ୍ଣଲିଂ ଦ୍ୱାରା ଏଭଳି ସ୍ୱପ୍ନରୁ ମୁକ୍ତି ମିଳିଥାଏ।

**ବଢ଼ୁଛି ଟ୍ରେଣ୍ଡ:** ଏବେ ଅନେକ ଯୁବପିଢ଼ି ବିଶ୍ୱାସ କରୁଛନ୍ତି ଯେ, ଡ୍ରିମ ଜର୍ଣ୍ଣଲିଂ ଦ୍ୱାରା ମନ ହାଲୁକା ହୁଏ। ଅନେକ ଗବେଷଣାରେ ଏକଥା ବି କୁହାଯାଇଛି, ଡ୍ରିମ୍ ଜର୍ଣ୍ଣଲିଂ ଦ୍ୱାରା ସୃଜନଶୀଳତା ବୃଦ୍ଧି ପାଏ। ଆଜିକାଲି ସାମାଜିକ ଗଣମାଧ୍ୟମରେ ଯୁବପିଢ଼ି ଡ୍ରିମ୍ ଜର୍ଣ୍ଣଲିଂର ଫଟୋ ସେୟାର କରୁଛନ୍ତି। ସେହିପରି ଅନେକେ ନିଜ ଏଥିପାଇଁ ବ୍ୟବହାର କରୁଥିବା ଡାଏରୀକୁ ସୁନ୍ଦର ଭାବେ ସଜାଉଛନ୍ତି। ଯଦ୍ୱାରା ଏହା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁ ନାହିଁ, ବରଂ ପଢ଼ିବାକୁ ବି ଭଲ ଲାଗୁଛି।

**ମାନସିକ ଶାନ୍ତି ମିଳୁଛି:** ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ମାନସିକ ଶାନ୍ତି ଚାହୁଁଥିଲେ, ଡ୍ରିମ୍ ଜର୍ଣ୍ଣଲିଂ ଟେକ୍ନିକ୍‌କୁ ଆପଣାଇବା ଏକ ସୁନ୍ଦର ବିକଳ୍ପ ହେବ। ସେହିପରି ଏହା ଅନେକ ଲୋକଙ୍କର ଏଭଳି ଅଭ୍ୟାସରେ ପରିଣତ ହେଲାଣି ଯେ, ଲୋକେ ସକାଳୁ ଉଠି ଦେଖିଥିବା ସ୍ୱପ୍ନକୁ ପ୍ରଥମେ ଡାଏରୀରେ ବସି ଲେଖୁଛନ୍ତି।

## କିଭଳି କରିବେ ପ୍ରୋଜେକ୍ଟ ପ୍ରସ୍ତୁତି


**ପରୀକ୍ଷା, ଆସାଇନ୍‌ମେଣ୍ଟ, ପ୍ରୋଜେକ୍ଟ ବିଭିନ୍ନ ସମୟରେ ଲୋକଙ୍କୁ ଚିନ୍ତାରେ ପକାଏ। ଏହି ଚିନ୍ତାରେ ବିଚଳିତ ହୋଇ ଏସବୁ କାମ ଠିକ୍‌ରେ କରିବା ସମ୍ଭବ ହୋଇ ନ ଥାଏ। ତେବେ ପ୍ରୋଜେକ୍ଟ ପ୍ରସ୍ତୁତି କିଭଳି କରିବେ, ସେ ସମ୍ପର୍କରେ ଜାଣିବା।**

- ଗୋଟିଏ ସ୍ଥାନରେ ସମସ୍ତ ପ୍ରୋଜେକ୍ଟ, ଆସାଇନମେଣ୍ଟ ଆଦି ବାବଦରେ ଉଲ୍ଲେଖ କରନ୍ତୁ। ଏହାଦ୍ୱାରା ଏସବୁ କାମର ପ୍ରାଥମିକତା ନିର୍ଦ୍ଧାରଣ କରିବା ସହଜ ହେବ।
- ସେହିପରି କୌଣସି ବଡ଼ ପ୍ରୋଜେକ୍ଟ ଥିଲେ ଏହାକୁ ଛୋଟ ଛୋଟ ଭାଗରେ ବିଭକ୍ତ କରନ୍ତୁ। ଏହି କାମକୁ ପ୍ରତିଦିନ ଅଳ୍ପ ଅଳ୍ପ କରନ୍ତୁ।
- ଲଗାତାର ପଢ଼ିବା ଦ୍ୱାରା ମସ୍ତିଷ୍କ ଥକ୍କି ପଡ଼େ। ତେଣୁ ପ୍ରତି ଘଣ୍ଟାଏ ତଥା ୧୦-୧୫ ମିନିଟ୍‌ରେ ବ୍ରେକ୍ ନିଅନ୍ତୁ।
- କାମ ମଝିରେ ମସ୍ତିଷ୍କକୁ ବିଶ୍ରାମ ଜରୁରି। ୭-୮ ଘଣ୍ଟା ଶୋଇବା ଦ୍ୱାରା ମସ୍ତିଷ୍କ ସକ୍ରିୟ ରହେ।
- ପାଠପଢ଼ା ସହିତ ଖାଦ୍ୟପେୟ ଏବଂ ବ୍ୟାୟାମ କରିବା ଜରୁରି। ଏହାଦ୍ୱାରା ଶରୀର ଓ ମସ୍ତିଷ୍କ ସୁସ୍ଥ ରହେ।
- କୌଣସି ବିଷୟରେ ଦ୍ୱନ୍ଦ୍ୱ ଉପୁଜିଲେ ସହକର୍ମୀ ତଥା ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନିଅନ୍ତୁ।



## ସ୍ଥାନ ପରିବର୍ତ୍ତନରୁ ପଢ଼ାରେ ଆସେ ଉତ୍ସାହ


ସାଧାରଣତଃ ପିଲାଙ୍କୁ ବୁଝାଯାଏ, ପାଠ ପଢ଼ୁଥିବା ପିଲା ଯେଉଁ ସ୍ଥାନକୁ ଗଲେ ବି ପଢ଼ିପାରନ୍ତି। ହେଲେ ସ୍ଥାନ ପରିବର୍ତ୍ତନ କଲେ କ'ଣ ପଢ଼ାରେ ମନ ଲାଗେ। ଏଭଳି ପ୍ରଶ୍ନ ବେଳେ ବେଳେ ମନକୁ ଆସେ। ତେବେ ଏକ ନୂଆ ସ୍ଥାନରେ ବସିଲେ, ମସ୍ତିଷ୍କ ସେହି ପରିବେଶକୁ ନେଇ ତାଜା ଅନୁଭବ କରେ। ସେହିପରି ଗୋଟିଏ ସ୍ଥାନରେ ସବୁଦିନ ପଢ଼ିବା ଦ୍ୱାରା ମସ୍ତିଷ୍କ ସେହି ସ୍ଥାନ ସହିତ ସହଜରେ ଜଡ଼ିତ ହୋଇଯାଏ। ଯାହାକି ନୂଆ ସ୍ଥାନକୁ ଗଲେ ଏହି ଯୋଡ଼ି ରହିବା ଅଭ୍ୟାସଟା ଭାଙ୍ଗିଥାଏ। ପୁରୁଣା ସ୍ଥାନରେ ଟିଭି, ମୋବାଇଲ ଭଳି କିଛି ଅନ୍ୟ ଜିନିଷ ଥାଏ, ଯାହା ଧ୍ୟାନକୁ ବିଚ୍ୟୁତ କରେ। ହେଲେ ନୂଆ ସ୍ଥାନରେ ଏହା ଦୂର ହେବାର ଆଶଙ୍କା ଅଛି। ଗୋଟିଏ ସ୍ଥାନରେ ବେଶି ସମୟ ବସି ରହିଲେ, ମସ୍ତିଷ୍କ ସକ୍ରିୟ ରହେ ନାହିଁ। ତେଣୁ ସ୍ଥାନ ପରିବର୍ତ୍ତନ ଦ୍ୱାରା ମସ୍ତିଷ୍କର ସକ୍ରିୟତା ବୃଦ୍ଧି ପାଏ। ଏହା ସହ ମଣିଷ ବି ସକ୍ରିୟ ହୁଏ। ଅନେକ ଗବେଷଣାରେ ଦେଖାଯାଇଛି, ଅଲଗା ଅଲଗା ସ୍ଥାନରେ ପଢ଼ିଲେ ମସ୍ତିଷ୍କ ଭିନ୍ନ ଭିନ୍ନ ସ୍ମୃତି ସହିତ ଜଡ଼ିତ ହୁଏ। ଏହାଦ୍ୱାରା କୌଣସି ତଥ୍ୟକୁ ମନେ ରଖିବା ସହଜ ହୋଇଯାଏ। ତେବେ ନୂଆ ସ୍ଥାନକୁ ଗଲେ ମସ୍ତିଷ୍କ ନୂଆ ନୂଆ କଥା ଚିନ୍ତା କରିବାକୁ ବେଶି ସକ୍ଷମ ହୁଏ। ଗୋଟିଏ ସ୍ଥାନରେ ବସିଲେ ଆଳସ୍ୟ ଦେଖା ଦେଉଥିବାବେଳେ ସ୍ଥାନ ପରିବର୍ତ୍ତନରେ ଏହା ହୁଏ ନାହିଁ। ସେହିପରି ଏହା ରୁଟିନ୍‌କୁ ବି ମଜାଦାର କରିଥାଏ। ନୂଆ ସ୍ଥାନରେ ବସି ପଢ଼ିଲେ ନୂଆ ଉତ୍ସାହ ଯୋଗୁ ପାଠ ପଢ଼ିବାରେ ମନ ଲାଗିଥାଏ।



## ୟୁଟ୍ୟୁବ୍‌ର ନୂଆ ଫିଚର୍

**ୟୁଟ୍ୟୁବ୍ କ୍ରିଏଟରଙ୍କ ପାଇଁ ଏକ ନୂଆ ଫିଚର୍ ଲଞ୍ଚ୍ କରିଛି। ଏହା ଦ୍ୱାରା କ୍ରିଏଟରମାନେ ସେମାନଙ୍କ ଭିଡିଓକୁ ଅନେକ ଭାଷାରେ ଡବିଂ କରିପାରିବେ। ଫଳରେ ଏଣିକି କଣ୍ଟେଣ୍ଟ କେବଳ ଗୋଟିଏ ଦେଶରେ ସୀମିତ ରହିବ ନାହିଁ, ବରଂ ବିଶ୍ୱ ତମାମ ଲୋକଙ୍କ ପାଖରେ ଏହା ପହଞ୍ଚିପାରିବ। ସେହିପରି ଏହି ଫିଚର ଦ୍ୱାରା ୟୁଟ୍ୟୁବର ୱାଚ୍ ଟାଇମ୍ ଏବଂ ଭିୟୁ ମଧ୍ୟ ଶୀଘ୍ର ବୃଦ୍ଧି ପାଇବ।**

ୟୁଟ୍ୟୁବ୍ ମଲଟିଂ ଲାଙ୍ଗୁଏଜ୍ ଅଡିଓ ଫିଚର୍ ସବୁ ବ୍ୟବହାରକାରୀଙ୍କ ପାଇଁ ଲଞ୍ଚ୍ କରିଛି। ଏହି ଫିଚର୍ କ୍ରିଏଟରଙ୍କୁ ଗୋଟିଏ ଭିଡିଓକୁ ଅନେକ ଭାଷାରେ ଡବିଂ କରିବାର ସୁବିଧା ପ୍ରଦାନ କରିବ। ତେବେ ୟୁଟ୍ୟୁବ୍ ଏହି ଫିଚର୍‌ର ଆରମ୍ଭ ୨୦୨୩ ମସିହାରେ କରିଥିଲା। ଏଥିରେ କେବଳ କିଛି ବଛା ବଛା କ୍ରିଏଟରଙ୍କୁ ଅଲଗା ଅଲଗା ଭାଷାରେ ଅଡିଓ ଟ୍ରାକ୍ ଅପଲୋଡ୍ କରିବାର ସୁବିଧା ମିଳିଥିଲା। ହେଲେ ଏବେ ଏହାକୁ ସମସ୍ତଙ୍କ ପାଇଁ ଲଞ୍ଚ୍ କରାଯାଇଛି। ଏହି ଟୁଲ୍ ଗୁଗଲର ଜେମିନି ଟେକ୍ନୋଲୋଜି ଉପରେ ଆଧାରିତ। ସେହିପରି ଯେଉଁ କ୍ରିଏଟରମାନେ ଏହି ଫିଚର୍‌କୁ ବ୍ୟବହାର କରିଛନ୍ତି, ସେମାନଙ୍କ ଭିଡିଓକୁ ୨୫ ପ୍ରତିଶତ ଅଧିକ ୱାଚ୍ ଟାଇମ୍ ନନ୍-ପ୍ରାଇମେରି ଭାଷାରୁ ଆସିଛି। ଏହାବାଦ୍ କ୍ରିଏଟରଙ୍କ ବିକାଶକୁ ବିଶ୍ୱ ସ୍ତରରେ ପହଞ୍ଚାଇବାରେ ସାହାଯ୍ୟ କରିବ।



● ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍

## ଆଜି ଭାରତୀୟ ଦଳ ଚୟନ, ପନ୍ତ ଆଉଟ୍

ମୁମ୍ବଇ, ୨୩।୯ (ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଚୟନ ହେବାର କୌଣସି ତାରିଖ ବିସିସିଆଇ ପକ୍ଷରୁ ଘୋଷଣା କରାଯାଇନାହିଁ। ନିକଟରେ ଦିଲ୍ଲୀରେ ବିସିସିଆଇ କର୍ମକର୍ତ୍ତାଙ୍କ ବୈଠକରେ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ୨୩ କିମ୍ବା ୨୪ରେ ଚୟନ କରାଯାଇପାରେ ବୋଲି ସମ୍ପାଦକ ଦେବଜିତ ସାଇକିଆ ସୂଚନା ଦେଇଥିଲେ। ଏହି ସୂଚନାକୁ ସତ୍ୟ ବୋଲି ମାନିଲେ ଭାରତୀୟ ଦଳ ଆସନ୍ତାକାଲି ଅନୁଷ୍ଠିତ ହେବା କଥା। କିନ୍ତୁ ଏ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ୱେଷ୍ଟଇଣ୍ଡିଜ୍ ସିରିଜ୍ ଲାଗି ଏଥର ୧୫ ଜଣିଆ ଭାରତୀୟ ଦଳ ଚୟନ କରାଯିବ। ଏହା ମଧ୍ୟରେ ଭାରତୀୟ ଦଳର ୱିକେଟରକ୍ଷକ ଋଷଭ ପନ୍ତ୍ ଏହି ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଏବେ ସେ ବେଙ୍ଗାଲୁରୁସ୍ଥିତ ନ୍ୟାସନାଲ କ୍ରିକେଟ ଏକାଡେମୀରେ ଫିଟ୍‌ନେସ ଲାଗି ଚିକିତ୍ସିତ ହେଉଛନ୍ତି। କିନ୍ତୁ ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯିବ କି ନାହିଁ, କରୁନ ନାୟରର ସ୍ଥାନ ବଜାୟ ରଖିବେ କି ନାହିଁ ତାହା ଦେଖିବାକୁ ବାକି ରହିଛି। ପନ୍ତ୍‌ଙ୍କ ସ୍ଥାନରେ ଧ୍ରୁବ ଜୁରେଲ ଓ ଏନ ଜଗଦୀଶନଙ୍କୁ ୧୫ ଜଣିଆ ଦଳରେ ସ୍ଥାନ ମିଳିବ ବୋଲି ଆଶା କରାଯାଉଛି।

## ସୂତାରଙ୍କୁ ୫ ୱିକେଟ୍: ଅଷ୍ଟ୍ରେଲିଆ-ଏ ୩୫୦/ ୯



ଲକ୍ଷ୍ନୌ, ୨୩।୯ (ଏଜେନ୍ସି): ଅଫସ୍ପିନର ମାନବ ସୂତାର ୫ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ମଙ୍ଗଳବାରା ଆରମ୍ଭ ହୋଇଥିବା ଭାରତ-ଏ’ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଅଷ୍ଟ୍ରେଲିଆ-ଏ’ ପ୍ରଥମ ଇନିଂସରେ ୯ ୱିକେଟ ହରାଇ ୩୫୦ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ନଂ-୧୦ ଟଡ୍ ମର୍ଫି ୨୯ ଓ ନଂ-୧୦ ହେନରୀ ଥର୍ଟନ ୧୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟାକ୍ ଏଡ୍‌ୱାର୍ଡସ ସର୍ବାଧିକ ୮୮, ଅଧିନାୟକ ନାଥାନ ମ୍ୟାକ୍‌ସ୍ୱିନୀ ୭୪ ରନ୍ କରିଛନ୍ତି। ଡ୍ର ରହିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଶତକ ହାସଲ କରିଥିବା ଓପନର ସାମ କୋନ୍‌ଷ୍ଟାସ୍ ୪୯, ୱିକେଟରକ୍ଷକ ଜୋଶ ଫିଲିପ୍ ୩୯ ରନ୍‌ର ଉପଯୋଗୀ ସହାୟତା କରିଥିଲେ। ଭାରତ-ଏ’ ପକ୍ଷରୁ ମାନବ ସୂତାରଙ୍କ ୫ ୱିକେଟ ବ୍ୟତୀତ ଗୁରନୁର ବ୍ରାର ୨ଟି, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୧୩ ଓଭରରେ ସିରାଜ ୭୩ ରନ୍ ଦେଇ ସର୍ବାଧିକ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ମ୍ୟାଚ୍ ପୂର୍ବରୁ ଦଳର ଅଧିନାୟକ ଶ୍ରେୟସ ଆୟର ବ୍ୟକ୍ତିଗତ କାରଣରୁ ଏହି ମ୍ୟାଚ୍‌ରୁ ଓହରିଯାଇଥିଲେ। ପ୍ରଥମ ଟେଷ୍ଟରେ ସେ ୧୩ ବଲ୍‌ରୁ ୮ ରନ୍ କରିଥିଲେ। ତାଙ୍କ ସ୍ଥାନରେ ୱିକେଟରକ୍ଷକ ଧ୍ରୁବ ଜୁରେଲ ଦଳର ନେତୃତ୍ୱ ନେଇଛନ୍ତି।

ଏସିଆ କପ୍ ସୁପର-୪

# ଭାରତ-ବାଂଲାଦେଶ ମୁକାବିଲା ଆଜି



ଦୁବାଇ,୨୩।୯ (ଏଜେନ୍ସି)

ଏସିଆ କପ୍‌ରେ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଗୋଟିଏ ସପ୍ତାହରେ ଦୁଇଥର ପରାସ୍ତ କରିବା ପରେ ପେସାଦାର ମନୋଭାବ ନେଇ ଖେଳୁଥିବା ଭାରତ ଏବେ ଅପ୍ରତିଦ୍ୱନ୍ଦ୍ୱୀ। ପାକିସ୍ତାନକୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ବୋଲି କହିବାକୁ ନାପସନ୍ଦ କରିଛନ୍ତି ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ପ୍ରକୃତରେ ରେକର୍ଡ ଦେଖିଲେ ଟି-୨୦ ଫର୍ମାଟରେ ଏବେ ଭାରତର କିଏ ପ୍ରତିଦ୍ୱନ୍ଦ୍ୱୀ ତାହା ଖୋଜିବାକୁ ହେବ। ରେକର୍ଡ ମଧ୍ୟ ଭାରତ ଅପ୍ରତିଦ୍ୱନ୍ଦ୍ୱୀ ବୋଲି କହୁଛି। ୨୦୨୪ ପରଠାରୁ ଏହି ଫର୍ମାଟରେ ଭାରତ ୩୨ଟି ମ୍ୟାଚରେ ଜିତିଥିଲାବେଳେ ମାତ୍ର ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଏଣୁ ଭାରତ ଯେ ଏକ ଅପ୍ରତିଦ୍ୱନ୍ଦ୍ୱୀ ଦଳ ତାହା କିଏ ମାନୁ ନ ମାନୁ ରେକର୍ଡ ଏହାକୁ ସ୍ୱୀକାର କରୁଛି। ପାକିସ୍ତାନ ବିପକ୍ଷ ସୁପର-୪ ମ୍ୟାଚ୍‌ରେ ଭାରତ ତାହାର ଦକ୍ଷତା ପ୍ରଦର୍ଶନ କରି ପାରି ନ ଥିଲା। ତଥାପି ଏହି ମ୍ୟାଚ୍‌କୁ ୭ଟି ବଲ ବାକିଥାଇ ଜିତିନେଇଥିଲା। ଏଣୁ ଆସନ୍ତାକାଲି ବାଂଲାଦେଶ ବିପକ୍ଷ ମୁକାବିଲାରେ ଭାରତକୁ ଫେବରାଇଟ୍ ବିବେଚନା କରାଯାଉଛି। ନିକଟରେ ପ୍ରଥମ ସୁପର-୪ ମ୍ୟାଚ୍‌ରେ ଶକ୍ତିଶାଳୀ ଶ୍ରୀଲଙ୍କାକୁ ପରାସ୍ତ କରିବା ପରେ ବାଂଲା ଦଳର ମନୋବଳ ଢ଼େର ବଢ଼ିଛି। ଏହି ବିଜୟ ପରେ ଦଳର କୋଚ୍ ଫିଲ୍ ସିମନ୍ସ କହନ୍ତି ଭାରତକୁ ଯେ କୌଣସି ଦଳ ହରାଇପାରିବ। ଏହା ଅର୍ଥ ବାଂଲାଦେଶ ଏହି ମୁକାବିଲାରେ ଭାରତକୁ ହରାଇପାରିବ। ଅବଶ୍ୟ ଭାରତ ନିକଟରେ ଏବେ ପ୍ରଚୁର ପରିମାଣରେ ପ୍ରତିଭା ରହିଛନ୍ତି। ଜଣଙ୍କ ପରେ ଜଣେ ମ୍ୟାଚ୍ ବିଜୟୀ ବିବେଚିତ ହେଉଛନ୍ତି। ଏଣୁ ଭାରତ କାହାକୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିବେଚନା କରୁନାହିଁ। ଦଳ ନିକଟରେ ଯେଉଁଳି ଶକ୍ତି ରହିଛି, ତାହା ବିଶ୍ୱର ଯେକୌଣସି ବୋଲିଂକୁ ଧ୍ୱସ କିମ୍ବା ବ୍ୟାଟିଂକୁ ଧରାଶାୟୀ କରିପାରିବ।

### ● ଟସ୍, ମିଡିଲ ଅର୍ଡର, ମୁସ୍ତାଫିଜୁର ଗୁରୁତ୍ୱପୂର୍ଣ୍ଣ

ଭାରତ ନିଜକୁ ଯେତେ ଶକ୍ତିଶାଳୀ ମନେ କଲେ ମଧ୍ୟ ଟସ୍ ଏଠାରେ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏଠାରେ ରନ୍ ଚେଜ୍ ସହଜ ହେଉଛି। ଯାହା ଫଳରେ ଶ୍ରୀଲଙ୍କା ବିପକ୍ଷରେ ବାଂଲାଦେଶ ୧୬୯ ରନ୍‌ର ଟାର୍ଗେଟ୍‌କୁ ଚେଜ୍ କରି ବିଜୟୀ ହୋଇଥିଲା। ଏଣୁ ଟସ୍ ଜିତିବା ଦଳ ଏଠାରେ ନିଶ୍ଚିତ ପ୍ରଥମେ ବୋଲିଂ କରିବାକୁ ଉଚିତ ମନେ କରିବ। ସେହିପରି ମିଡଲ ଓଭରରେ ଦୁବାଇ ପିଚ୍ ମନ୍ଥର ହୋଇଯାଉଛି। ଭାରତ ବିପକ୍ଷରେ ପାକିସ୍ତାନ ଏହି ସମୟରେ ୬ ଓଭର ବୋଲିଂ କରି ମାତ୍ର ୩୦ ରନ୍ ବିନିମୟରେ ୩ଟି ୱିକେଟ ନେଇଥିଲେ। ମିଡିଲ ଓଭରରେ ବାଂଲାଦେଶର ମୁସ୍ତାଫିଜୁର ରହମନଙ୍କ ଦକ୍ଷତା ଦୁଇଗୁଣ ବୃଦ୍ଧିପାଉଛି। ମିଡିଲ ଅର୍ଡରରେ ମୁସ୍ତାଫିଜୁରଙ୍କ ସହ ମେହେଦୀ ହାସନ ପ୍ରଭାବଶାଳୀ ହେବେ। ଏହି ସବୁ ସମସ୍ୟା ଭାରତ ଆଗରେ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇପାରେ।

### ● ଦ୍ୱିତୀୟ ବିଜୟ ଆଶାରେ ବାଂଲାଦେଶ

ଭାରତ ଓ ବାଂଲାଦେଶ ମଧ୍ୟରେ ଏଯାଏ ୧୭ଟି ଟି-୨୦ ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ୧୬ଟି ମ୍ୟାଚ୍‌ରେ ଭାରତ ଓ ମାତ୍ର ଗୋଟିଏ ମ୍ୟାଚ୍‌ରେ ବାଂଲାଦେଶ ଜିତିଛି। ବାଂଲାଦେଶ ଏଠାରେ ଭାରତ ବିପକ୍ଷରେ ଦ୍ୱିତୀୟ ବିଜୟ ହାସଲର ଆଶା ରଖିଛି। କିନ୍ତୁ ଏଥିଲାଗି ବାଂଲାଦେଶକୁ ସ୍ମାର୍ଟ କ୍ରିକେଟ ଖେଳିବାକୁ ହେବ। ଭାରତ ନିକଟରେ ଯେଉଁଳି ଖେଳାଳି ଅଛନ୍ତି ଓ ଫର୍ମରେ ରହିଛନ୍ତି, ଏହି ମ୍ୟାଚ୍ ଜିତିବାକୁ ଆଶା କରିବା ବାଂଲାଦେଶ ଲାଗି ଦିବାସ୍ୱପ୍ନ ହୋଇପାରେ। ପାକିସ୍ତାନକୁ ହରାଇଥିବା ଭାରତୀୟ ଦଳ ଅପରିବର୍ତ୍ତିତ ରହିବାର ସମ୍ଭାବନା ରହିଛି।

DP WORLD ASIA CUP 2025
ଆଜିର ମ୍ୟାଚ୍
ଭାରତ-ବାଂଲାଦେଶ
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

## ଶ୍ରୀଲଙ୍କାକୁ ହରାଇ ତିଷ୍ଠି ରହିଲା ପାକିସ୍ତାନ

ଆବୁଧାବି,୨୩।୯ (ଏଜେନ୍ସି): ଅଲରାଉଣ୍ଡର ହୁସେନ ତଲତ ଓ ମହମ୍ମଦ୍ ନୱାଜଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଏସିଆ କପ୍ ସୁପର-୪’ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପାକିସ୍ତାନ ୫ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଫାଇନାଲ ଦୌଡ଼ରେ ତିଷ୍ଠି ରହିଛି। ଏହି ମ୍ୟାଚ୍‌ରେ ସାହିନ ଆଫ୍ରିଦୀ ୩ଟି, ତଲତ ଓ ହାରିସ୍ ରୌଫ୍ ୨ଟି ଲେଖାଏଁ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୮ ୱିକେଟରେ ୧୩୩ ରନ୍ କରିଥିଲା। ଜବାବରେ ପାକିସ୍ତାନ ମଧ୍ୟ ଅନୁରୂପ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୧.୧ ଓଭର ବେଳକୁ ୮୦ ରନ୍‌ରେ ୫ ୱିକେଟ ହରାଇଥିଲା। ଏହି ସମୟରେ ତଲତ ଓ ନୱାଜ୍ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡିରେ ୪୧ ବଲ୍‌ରୁ ୫୮ ରନ୍ ଉଠାଇବା ଫଳରେ ପାକିସ୍ତାନ ୨ ଓଭର ବା ୧୨ଟି ବଲ ବାକିଥାଇ ମ୍ୟାଚ୍ ଜିତିନେଇଥିଲା। ଧୈର୍ଯ୍ୟର ସହ ବ୍ୟାଟିଂ କରିଥିବା ତଲତ ୩୦ ବଲ୍‌ରୁ ୩୨ ଓ ନୱାଜ ୨୪ ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ସହ ୩୮ ରନ୍‌ରେ ଅପରାଜିତ ରହିଥିଲେ। ଶ୍ରୀଲଙ୍କାର ଦୁଇ ସ୍ପିନର ମାହୀଶ ଥିକସାନା ଓ ୱାନିନ୍ଦୁ ହାସରଙ୍ଗା ୨ଟି ଲେଖାଏଁ ୱିକେଟ ନେଇଥିଲେ। ସୁପର-୪’ରେ ଉଭୟ ପାକିସ୍ତାନ ଓ ଶ୍ରୀଲଙ୍କା ୨ଟି ଲେଖାଏଁ ମ୍ୟାଚ୍ ଖେଳିଛନ୍ତି। ପାକିସ୍ତାନ ବିଜୟ ସହ ତିଷ୍ଠି ରହିଥିଲାବେଳେ ଶ୍ରୀଲଙ୍କା ଅନ୍ୟ ଦଳ ଗୁଡିକର ପ୍ରଦର୍ଶନ ଉପରେ ଫାଇନାଲ ପ୍ରବେଶ ନିର୍ଭର କରୁଛି। ଏଥିଲାଗି ପାକିସ୍ତାନ ଓ ଭାରତ ସେମାନଙ୍କ ଶେଷ ଲିଗ୍ ମ୍ୟାଚ୍‌ରେ ପରାଜିତ ହେବାକୁ ପଡ଼ିବ।

## ଅର୍ଜ୍ଜୁନ ପୁରସ୍କାର ବିଜେତା ବିଜୟଙ୍କ ପରଲୋକ



ବ୍ରହ୍ମପୁର,୨୩।୯ (ସମିସ): ସୁନାମଧନ୍ୟ ଭାରୋତ୍ତୋଳକ ତଥା ଅର୍ଜ୍ଜୁନ ପୁରସ୍କାର ବିଜେତା ବିଜୟ କୁମାର ଶତପଥୀଙ୍କର ସୋମବାର ରାତିରେ ପରଲୋକ ଘଟିଛି। ସେ ୭୩ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରି ବହୁ ପଦକ ବିଜୟୀ ହୋଇଥିଲେ। ସ୍ୱର୍ଗତ ଶତପଥୀ ୨୦୨୪ରୁ ପକ୍ଷାଘାତ ରୋଗର ଶିକାର ହୋଇ ଶଯ୍ୟାଶାୟୀ ଥିଲେ। ଅନ୍ତିମ ଶଯ୍ୟା ନିକଟରେ ପତ୍ନୀ କରିସ୍ମା ଶତପଥୀ, ଦୁଇପୁତ୍ର ଜଗନ୍ନାଥ ଓ ସୋମନାଥଙ୍କ ମେତ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ନୀଳକଣ୍ଠେଶ୍ୱର ଶ୍ମଶାନରେ ତାଙ୍କର ଆଜି ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶତପଥୀଙ୍କ ବିୟୋଗରେ ରାଜ୍ୟପାଳ ଡ. ହରିବାବୁ କୁମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅର୍ଜ୍ଜୁନ ପୁରସ୍କାର ବିଜେତା କେ. ରବି କୁମାରଙ୍କ ସମେତ ବହୁ କ୍ରୀଡ଼ାବିତ୍ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ରାଜ୍ୟ ଭାରୋତ୍ତୋଳନ ମହାସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ, ଅନ୍ତରୀଣ ସମ୍ପାଦକ ଗୋପାଳକୃଷ୍ଣ ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

ବିଜୟ ୧୯୮୧ରେ ଅନୁଷ୍ଠିତ ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୧୯୮୨ରେ ଇଂଲଣ୍ଡ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ଏସିଆନ୍ ଚାମ୍ପିଅନ୍‌ସିପରେ ଦୁଇଟି କାଂସ୍ୟ, ୧୯୮୨ରେ ପେଶାୱରଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତିଥିଲେ। ଏଥିସହ ୧୯୭୭ରୁ ୧୯୮୨ ମସିହା ପର୍ଯ୍ୟନ୍ତ କ୍ରମାଗତ ଭାବେ ଜାତୀୟସ୍ତରରେ ବରିଷ୍ଠ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତି ରେକର୍ଡ କରିଥିଲେ। କ୍ରୀଡ଼ାରେ ଅଭୂତପୂର୍ବ ସଫଳତା ଲାଗି ୧୯୮୨ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ‘ଅର୍ଜ୍ଜୁନ ପୁରସ୍କାର’ରେ ସମ୍ମାନିତ କରାଯାଇଥିଲା। ସେହିପରି ଗତ ଅଗଷ୍ଟ ୨୯ରେ ବିଜୟଙ୍କୁ ‘ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର’ ମଧ୍ୟ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟସ୍ତରରୁ ଭାରୋତ୍ତୋଳନ ଆରମ୍ଭ କରିଥିବା ବିଜୟ ୧୯୭୪ରେ ଭାରତୀୟ ନୌସେନାରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ରେଳ ବିଭାଗରେ ନିଯୁକ୍ତି ପାଇ ୨୦୦୯ରେ ସେ ସ୍ୱେଚ୍ଛାକୃତ ଅବସର ନେଇଥିଲେ।


ଓଡ଼ିଶା ପ୍ରୋ ଟି-୨୦ ଲିଗ୍

## କଟକକୁ ସେମିରେ ପହଞ୍ଚାଇଲେ ବିପ୍ଳବ

କଟକ,୨୩।୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ଦଳ ଭାବେ କଟକ ପାନ୍ଥର୍ସ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ନିଜର ଶେଷ ଲିଗ୍‌ରେ ପାନ୍ଥର୍ସ ୫ ୱିକେଟରେ କେନ୍ଦୁଝର ମାଇନର୍ସଙ୍କୁ ହରାଇଥିଲା। ୫ଟି ମ୍ୟାଚ୍‌ରୁ ୩ଟି ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଅମୀମାଂସିତ ଫଳାଫଳ ବଳରେ ପାନ୍ଥର୍ସ ୧୪ ପଏଣ୍ଟ ପାଇ ଟେବଲର ଶୀଷରେ ରହିଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କେନ୍ଦୁଝରର ପ୍ରତିପକ୍ଷ ଅଭିଜ୍ଞ ଅଲ୍‌ରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨୦ ଓଭରରେ ମାତ୍ର ୧୨୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧୩, ଓମ ଟି ମୁଣ୍ଡେ ୨୮, ଅନୀଲ ପରିଡ଼ା ୩୬ ରନ ସଂଗ୍ରହ କରିଥିଲେ। ବିପ୍ଳବ ୪ ଓଭରରେ ୧୮ ରନ ବ୍ୟୟରେ ୫ଟି ୱିକେଟ ନେଇ କେନ୍ଦୁଝରକୁ ବ୍ୟାକ୍‌ଫୁଟକୁ ଠେଲିଦେଇଥିଲେ। ଜବାବରେ କଟକ ପାନ୍ଥର୍ସ ୨୬ ରନରେ ପ୍ରଥମ ତିନି ୱିକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ବିପ୍ଳବ ୩୪ ବଲରୁ ୪୩ ରନ ଏବଂ ସୌରଭ ଗୌଡ଼ ୩୯ ବଲରୁ ୫୬ ରନର ପାଳି ଖେଳି ଦଳକୁ ୯ ବଲ୍ ଓ ୫ ୱିକେଟ ବଳକା ଥାଇ ବିଜୟୀ କରାଇଥିଲେ। ମାଇନର୍ସ ପକ୍ଷରୁ ବାମହାତୀ ସ୍ପିନର ପପୁ ରାୟଙ୍କୁ ୩ଟି ୱିକେଟ ମିଳିଥିଲା। ବ୍ୟାଟିଂ ଓ ବୋଲିଂରେ ପ୍ରଦର୍ଶନ କରିଥିବା ବିପ୍ଳବଙ୍କୁ ‘ପ୍ଲେୟାର ଅଫ ଦି ମ୍ୟାଚ୍’ ବିବେଚିତ କରାଯାଇଛି। ସେହିଭଳି ଭୁବନେଶ୍ୱର ଟାଇଗର୍ସ ଓ ପୁରୀ ଟାଇଟାନ୍ସ ମଧ୍ୟରେ ଖେଳାଯିବାକୁ ଥିବା ଅନ୍ୟ ଏକ ମ୍ୟାଚ୍ ପ୍ରବଳ ବର୍ଷା ଲାଗି ବାତିଲ କରିଦିଆଯାଇଥିଲା।




## କିଂବଦନ୍ତୀ ଅମ୍ପାୟାର ଡିକି ବାର୍ଡଙ୍କ ବିୟୋଗ



ଲଣ୍ଡନ,୨୩।୯ (ସମିସ): ବିଶ୍ୱର ସର୍ବଶ୍ରେଷ୍ଠ କ୍ରିକେଟ ଅମ୍ପାୟାର ଭାବେ ବିବେଚିତ ହେଉଥିବା ଇଂଲଣ୍ଡର ହାରୋଲ୍ଡ ‘ଡିକି’ ବାର୍ଡଙ୍କର ୯୨ ବର୍ଷରେ ପରଲୋକ ହୋଇଯାଇଛି। ୧୯୭୩ରୁ ୧୯୯୬ ମଧ୍ୟରେ ସେ ୬୬ଟି ଟେଷ୍ଟ ଓ ୬୯ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅମ୍ପାୟାର ଦାୟିତ୍ୱ ନିଭାଇଥିଲେ। ସେ ବିଶ୍ୱର ଏକମାତ୍ର ଅମ୍ପାୟାର ଭାବେ ୩ଟି ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅମ୍ପାୟାର ରହିଥିଲେ। ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ ବିଶ୍ୱ ଚାମ୍ପିଅନ ହୋଇଥିଲାବେଳେ ବାର୍ଡ ଏହି ଫାଇନାଲରେ ଅମ୍ପାୟରିଂ କରିଥିଲେ। ୧୯୯୬ରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ସେ ତାଙ୍କର ଅନ୍ତିମ ଟେଷ୍ଟ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌ରେ ଭାରତର ଦୁଇ ମହାନ ଖେଳାଳି ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ୍ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ।

## ଆମେରିକାକୁ ବାସନ୍ଦ କଲା ଆଇସିସି

ଦୁବାଇ,୨୩।୯ (ଏଜେନ୍ସି): କ୍ରିକେଟ ପ୍ରଶାସନରେ ସ୍ୱଚ୍ଛତା ଓ ପରିବର୍ତ୍ତନ ଲାଗି ଆମେରିକା କ୍ରିକେଟ ସଂଘକୁ ବିଧିବଦ୍ଧ ଭାବେ ଆଇସିସି ବାସନ୍ଦ କରିଛି। କ୍ରିକେଟ ଖେଳ ଲାଗି ଆମେରିକା ଏକ ବଡ଼ ବଜାର। ଏହାକୁ ଗୁରୁତ୍ୱ ଦେବା ଲାଗି ଆଇସିସି ଏପରି ନିଷ୍ପତ୍ତି ନେଇଛି। ଆମେରିକା ସଂଘ ବାସନ୍ଦ ହେବା ସତ୍ତ୍ୱେ ଏହାର କ୍ରିକେଟ ଟିମ୍ ଭାରତ ଓ ଶ୍ରୀଲଙ୍କାରେ ଆସନ୍ତାବର୍ଷ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବ ବୋଲି ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଆଜି ହକି ଇଣ୍ଡିଆ ଲିଗ୍ ନିଲାମ

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ହକି ଇଣ୍ଡିଆର ଆଉ ଏକ ସଂସ୍କରଣ ଲାଗି ଆସନ୍ତାକାଲି ମିନି ନିଲାମି କରାଯିବ। ଏହି ସଂସ୍କରଣରେ ଯେଉଁ ଦଳର ପର୍ସ ଥିବ ଓ ଖେଳାଳି ପୋଜିସନ ଫାଙ୍କା ଥିବ କେବଳ ସେହି ଦଳକୁ ନିଲାମିରେ ଭାଗ ନେବାକୁ ସୁଯୋଗ ମିଳିବ। ମୋଟରେ ୧୦୦ ଜଣ ଖେଳାଳି ଏଥିରେ ଭାଗନେବେ। ଏହି ନିଲାମିରେ ଖେଳାଳିଙ୍କ ମୂଲ୍ୟ ୩ଟି ପର୍ଯ୍ୟାୟରେ ଧାର୍ଯ୍ୟ କରାଯାଇଛି। ଗୋଟିଏ ଦଳର ସାଲାରି କ୍ୟାପ୍ ୪ କୋଟି ଟଙ୍କାକୁ ବଢ଼ାଇ ଦିଆଯାଇଛି। କିନ୍ତୁ ଗୋଟିଏ ଦଳରେ ୨ ଗୋଲରକ୍ଷକ, ୭ ଜଣ ବିଦେଶୀ ଓ ୩ଜଣ ଭାରତୀୟ ଜୁନିୟରଙ୍କ ସମେତ ୨୦ଜଣ ଖେଳାଳି ରହିପାରିବେ। ଖେଳାଳିଙ୍କ ବେସ୍ ପ୍ରାଇସ୍ ୨, ୫ ଓ ୧୦ ଲକ୍ଷ ରଖାଯାଇଛି। ଓଡ଼ିଶାର ୨ଟି ଟିମ୍ ଯଥା ମହିଳା ଚାମ୍ପିଅନ ଓଡ଼ିଶା ୱାରିୟର୍ସ ଓ ଟିମ୍ ଗୋନାସିକା ଏଥର ଓହରିଯାଇଛନ୍ତି।

ବାଲନ୍ ଡି ଓର୍

## ବୋନମତିଙ୍କ ହ୍ୟାଟ୍ରିକ୍; ଡେମ୍ବେଲଙ୍କ ବାଜିମାତ୍

ପ୍ୟାରିସ, ୨୩।୯ (ଏଜେନ୍ସି)



ବିଶ୍ୱ ଫୁଟ୍‌ବଲର ସବୁଠୁ ସମ୍ମାନଜନକ ଓ ଶ୍ରେଷ୍ଠ ପୁରସ୍କାର ‘ବାଲନ୍ ଡି ଓର୍’ ଟ୍ରଫି ଏଥର ଫ୍ରାନ୍ସ ଫରୱାର୍ଡ ଓଉସମାନେ ଡେମ୍ବେଲେ ବାଜିମାତ୍ କରିନେଇଛନ୍ତି। ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଗତକାଲି ରାତିରେ ଅନୁଷ୍ଠିତ ୬୯ତମ ବାଲନ ଡି ଓର୍’ ପୁରସ୍କାର ପ୍ରଦାନ ଉତ୍ସବରେ ୨୮ ବର୍ଷୀୟ ଡେମ୍ବେଲ ପୁରୁଷ ବିଭାଗରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସ୍ପେନ ତଥା ବାର୍ସିଲୋନାର ୧୮ ବର୍ଷୀୟ ଯୁବ ଖେଳାଳି ଲାମିନେ ୟାମାଲଙ୍କୁ ପଛରେ ପକାଇ ସେ ଏହି ସୁନାର ବଲ୍ ହାତେଇ ନେଇଛନ୍ତି। ଫଳରେ ଫ୍ରାନ୍ସର ୬ଷ୍ଠ ପୁରୁଷ ଫୁଟ୍‌ବଲ ଖେଳାଳି ଭାବେ ଡେମ୍ବେଲ ବାଲନ୍ ଡି ଓର୍ ପୁରସ୍କାର ଜିତିଛନ୍ତି। ଗତ ସିଜନରେ ପାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) କ୍ଲବକୁ ପ୍ରଥମଥର ଲାଗି ଚାମ୍ପିଅନ୍ସ ଲିଗ୍ ଜିତାଇବାରେ ଡେମ୍ବେଲଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ପିଏସ୍‌ଜି ପାଇଁ ସେ ୩୫ଟି ଗୋଲ୍ ଦେଇ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ୨୦୨୪ରେ ସ୍ପେନ ତଥା ମାଞ୍ଚେଷ୍ଟରର ମିଡ୍‌ଫିଲ୍ଡର ରୋଡ୍ରି ପୁରୁଷ ବିଭାଗରେ ବାଲନ୍ ଡି ଓର୍ ଟ୍ରଫି ବିଜୟୀ ହୋଇଥିଲେ।

### ■ ବୋନମତିଙ୍କୁ ରେକର୍ଡ ୩ୟ ପୁରସ୍କାର

ଅପରପକ୍ଷରେ ସ୍ପେନ ତଥା ବାର୍ସିଲୋନା କ୍ଲବର ମିଡ୍‌ଫିଲ୍ଡର ଆଇତାନା ବୋନମତି ମହିଳା ବିଭାଗରେ ବାଲନ୍ ଡି ଓର୍ ପୁରସ୍କାର ବିଜୟୀ ହୋଇଛନ୍ତି। ଫଳରେ ୨୭ ବର୍ଷୀୟା ବୋନମାତି କ୍ରମାଗତ ୩ୟଥର ଲାଗି ଏହି ସମ୍ମାନଜନକ ପୁରସ୍କାର ଜିତି ରେକର୍ଡ କରିଛନ୍ତି। ଏଥିସହ ଲିଓନେଲ ମେସି ଓ ମାଇକେଲ ପ୍ଲାଟିନିଙ୍କ ସହିତ ବୋନମାତି ହ୍ୟାଟ୍ରିକ ବାଲନ୍ ଡି ଓର୍ ପୁରସ୍କାର ଜିତିଥିବା ଖେଳାଳିଙ୍କ ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି। ୨୦୨୫ରେ ସ୍ପେନକୁ ୟୁରୋ କପ୍ ଫାଇନାଲରେ ପହଞ୍ଚାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ■ ପିଏସ୍‌ଜି ଶ୍ରେଷ୍ଠ କ୍ଲବ୍; ଲୁଇସ୍ ପ୍ରଶିକ୍ଷକ

ଫ୍ରାନ୍ସର ପାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) କ୍ଲବ ଏଥର ଶ୍ରେଷ୍ଠ ପୁରୁଷ କ୍ଲବ ବିବେଚିତ ହୋଇଛି। ପିଏସ୍‌ଜି ପାଇଁ ଗତ ସିଜନ ଐତିହାସିକ ରହିଥିଲା। ଏହି କ୍ଲବ ପ୍ରଥମଥର ଲାଗି ୟୁଫା ଚାମ୍ପିଅନ୍ସ ଲିଗ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା। ସେହିଭଳି ଫ୍ରେଞ୍ଚ ଲିଗ୍ ଓ କପ୍ ଉଭୟରେ ପିଏସ୍‌ଜି ବାଜିମାତ୍ କରିନେଇଥିଲା। ସେହିଭଳି ଆର୍ସେନାଲ ମହିଳା ବିଭାଗରେ ବର୍ଷର ଶ୍ରେଷ୍ଠ କ୍ଲବ ବିବେଚିତ ହୋଇଛି।

ଅପରପକ୍ଷରେ ପିଏସ୍‌ଜିର ମୁଖ୍ୟ ପ୍ରଶିକ୍ଷକ ଲୁଇସ ଏନରିକ୍ ବର୍ଷର ଶ୍ରେଷ୍ଠ ପୁରୁଷ କୋଚ୍ ଏବଂ ଇଂଲଣ୍ଡ ମହିଳା ଫୁଟ୍‌ବଲ ଦଳର ସାରିନା ୱିଗେମାନ ଶ୍ରେଷ୍ଠ ମହିଳା ଫୁଟ୍‌ବଲ କୋଚ୍ ହୋଇଛନ୍ତି। ଉଭୟ ପୁରସ୍କାର ଆକାରରେ ଜନ୍ କପ୍ ଟ୍ରଫି ଜିତିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS